



# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17






Vol. 33 | ISSUE 100 | ଭାଗ ୩୩ | ସଂଖ୍ୟା ୧୦୦ Bhubaneswar | Tuesday 1 July 2025 | Page 8 Rs. 4.00 ● ଭୁବନେଶ୍ୱର ମଙ୍ଗଳବାର ୧ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




## ଏନ୍‌କାଉଣ୍ଟରରେ ଟଳିଲେ ୨ ମାଓବାଦୀ

**କଟକ,୩୦।୬(ସଂଚାର ବ୍ୟୁରୋ):** ପଡ଼ୋଶୀ ଛତିଶଗଡ଼ରେ ନିୟମିତ ଭାବେ ସୁରକ୍ଷାକର୍ମୀମାନେ ମାଓବାଦୀଙ୍କ ବିରୋଧରେ ସଫଳତା ପାଇଚାଲିଥିବା ବେଳେ ଆଜି ଓଡ଼ିଶାରେ ୨ ଜଣ ମାଓବାଦୀ ଏନ୍‌କାଉଣ୍ଟର୍‌ରେ ନିପାତ ହୋଇଛନ୍ତି। ଆଜି କନ୍ଧମାଳ ଜିଲ୍ଲା ପୁଲିସ୍‌କୁ ଏହି ସଫଳତା ମିଳିଛି। ପୁଲିସ୍ ସହ ହୋଇଥିବା ଏନ୍‌କାଉଣ୍ଟରେ ମୃତ୍ୟୁବରଣ କରିଥିବା ଦୁଇ ୨ ଦୁର୍ଦ୍ଧାନ୍ତ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯିବା ସହ ଏନ୍‌କାଉଣ୍ଟର୍‌ସ୍ଥଳରୁ ଗୋଟିଏ ରାଇଫଲ, ରିଭଲଭର, ଜୀବନ୍ତ ଗୁଳି, ୱାକିଟକି, ବ୍ୟାଟେରୀ ଓ ଅନ୍ୟାନ୍ୟ ମାଓ ସାମଗ୍ରୀ ଜବତ କରାଯାଇଥିବା ସୂଚନା ମିଳିଛି। ସୁରକ୍ଷାକର୍ମୀଙ୍କ ଗୁଳିରେ ନିପାତ ହୋଇଥିବା ଉକ୍ତ ମାଓବାଦୀମାନେ ହେଲେ ମଙ୍ଗୁ ଓ ଚନ୍ଦନ। କନ୍ଧମାଳ ଜିଲ୍ଲାରେ ସକ୍ରିୟ ଥିବା ମାଓବାଦୀ ଗ୍ରୁପର ମଙ୍ଗୁ ➪ପୃଷ୍ଠା-୬

# ଉତ୍ତର ଓଡ଼ିଶା ସ୍ଥିତି ବେହାଲ୍, ଡରାଇଲା ବର୍ଷା

● ବିପଦ ସଂକେତ ଉପରେ ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ

● ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ ଓ ଡିସି

**ବାଲେଶ୍ୱର,୩୦।୬(ସଂଚାର ବ୍ୟୁରୋ):** ଉତ୍ତର ଓଡ଼ିଶାରେ କ୍ରମଶଃ ବନ୍ୟା ସ୍ଥିତି ଗୁରୁତର ହେବାରେ ଲାଗିଛି। ବାଲେଶ୍ୱର ଓ ମୟୂରଭଞ୍ଜରେ ପ୍ରବାହିତ ବିଭିନ୍ନ ନଦୀରେ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବେଳେ ଏହି ଦୁଇ ଜିଲ୍ଲାର ୩ ପ୍ରମୁଖ ନଦୀ ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ଓ ଜଳକା ନଦୀ ସ୍ଥାନୀୟ ଜନସାଧାରଣଙ୍କ ଭୟଭାବକୁ ବଢ଼ାଇ ଚାଲିଛି। ଗୋଟିଏ ପଟେ ଯଦିଓ ଜଳକାରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି, କିନ୍ତୁ ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗରେ ଜଳ ସ୍ତର ବିପଦ ସଂକେତ ଉପରେ ରହିଛି। ଜଳସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ, ଆଜି ଅପରାହ୍ନ ୩ଟା ସୁଦ୍ଧା ସୁବର୍ଣ୍ଣରେଖା ନଦୀର ଜଳସ୍ତର ରାଜଘାଟଠାରେ ବିପଦ ସଙ୍କେତ ଉପରେ ରହିଛି। ଏଠାରେ ବିପଦ ସଙ୍କେତ ସ୍ତର ୧୦.୩୬ ମିଟର ରହିଥିବା ବେଳେ ଜଳ ସ୍ତର ୧୧.୫୬ ମିଟର ରହିଛି। ସେହିପରି ବୁଢ଼ାବଳଙ୍ଗର ଜଳ ସ୍ତର ଗୋବିନ୍ଦପୁର



ଏନ୍‌ଏଚ୍‌-୫୦ଠାରେ ୬.୭୨ ମିଟର ରହିଛି। ଏଠାରେ ବିପଦ ସଙ୍କେତ ୮.୧୩ ମିଟର ରହିଥିବା ବେଳେ ଏଠାରେ କ୍ରମଶଃ ଜଳସ୍ତର କମୁଥିବା କୁହାଯାଇଛି। ଏହାଛଡ଼ା ମାଥାନିଠାରେ ଜଳକା ନଦୀର ଜଳ ସ୍ତର ୬.୭୧ ମିଟର ରହିଛି। ଏଠାରେ ବି ଜଳ ସ୍ତର ବିପଦ ସଙ୍କେତ ୬.୫୦ ମିଟର ଉପରେ ନଦୀ ଜଳ ପ୍ରବାହିତ ହେଉଛି। ସପ୍ତାହେ ପୂର୍ବରୁ ବାଲେଶ୍ୱରରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏବେ ଏଠାରେ କ୍ରମଶଃ ସ୍ଥିତି ଭୟାବହ ରୂପ ନେବାରେ ଲାଗିଛି।

ପ୍ରଭାବିତ ହୋଇଛନ୍ତି ଜିଲ୍ଲାର ୬ଟି ବ୍ଲକର ପ୍ରାୟ ୩୦ରୁ ଅଧିକ ପଞ୍ଚାୟତ। ଏଥର ସୁବର୍ଣ୍ଣରେଖା ସମେତ ବୁଢ଼ାବଳଙ୍ଗ ଓ ଜଳକାରେ ଏକାବେଳକେ ବନ୍ୟା ଆସିଥିବାରୁ ନାକେଦମ ହୋଇଛନ୍ତି ବାଲେଶ୍ୱର ଜିଲ୍ଲାବାସୀ। ସେପଟେ ମୟୂରଭଞ୍ଜ ଜିଲ୍ଲାର କିଛି ଅଞ୍ଚଳ ମଧ୍ୟ ବୁଢ଼ାବଳଙ୍ଗରେ ବନ୍ୟା ➪ପୃଷ୍ଠା-୬



# ଫେରିଲା ବିଜୁବାବୁଙ୍କ 'ଅଫିସରଙ୍କୁ ମାଡ଼ତତ୍ତ୍ୱ'

- ବିଏମ୍‌ସିରେ ଅଫିସରଙ୍କ ଉପରେ ଥିବା ଆକ୍ରୋଶର ପ୍ରତିଫଳନ
- ତିନି ଆକ୍ରମଣକାରୀଙ୍କୁ ଗିରଫ କଲା ପୁଲିସ
- ବିଜେଡିର ରାଜନୀତିକରଣ ପାଇଁ ଲୋକେ ହନ୍ତସନ୍ତ
- ସମୂହ ଛୁଟିରେ ଯିବାକୁ ଓଏଏସ ସଂଘର ଘୋଷଣା
- ଅଫିସରଙ୍କ ସୁରକ୍ଷାରେ ବାହାରିଲା ଆଇଏଏସ ସଂଘ
- ନିଆଁ ନ ଥିଲେ ଧୂଆଁ ବାହାରେନି: ଜଗନ୍ନାଥ



**ଭୁବନେଶ୍ୱର,୩୦।୬(ସଂଚାର ବ୍ୟୁରୋ):** ଅଫିସରଙ୍କୁ ମାଡ଼ ମାରିବାକୁ ପୂର୍ବତନ ପ୍ରଶାସନକୁ ପୁଣି ଫେରିଛି 'ବିଜୁବାବୁଙ୍କ ଅଫିସର୍‌ଙ୍କୁ ମାଡ଼ ନୀତି'। ଲୋକଙ୍କ କଥା ଶୁଣୁନଥିବା କି ଜନପ୍ରତିନିଧିଙ୍କୁ ସମ୍ମାନ ଦେଉନଥିବା ଓ ଲୋକଙ୍କ କାମ କରୁନଥିବା ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଯେଉଁ ଆହ୍ୱାନ ଦେଇଥିଲେ, ଏବେ କିଛି ଜନପ୍ରତିନିଧି ଓ ସାଧାରଣ ଲୋକ ସେଇ ଫଣ୍ଡା ଆପଣେଇଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ହାମବଡ଼ା ନୀତିକୁ ବିରୋଧ କରି ଆଜି ଜଣେ କର୍ପୋରେଟର୍ ଓ ତାଙ୍କ ସହଯୋଗୀମାନେ ବିଏମସି କାର୍ଯ୍ୟାଳୟ ଭିତରେ ତାଙ୍କୁ ଗଡେଇ ଗଡେଇ ପିଟିଛନ୍ତି।

ବିଏମସିର ଅତିରିକ୍ତ କମିଶନର ଶ୍ରୀ ସାହୁଙ୍କୁ ଆଜି ତାଙ୍କ ଅଫିସରେ ➪ପୃଷ୍ଠା-୬

### କଠୋର କାର୍ଯ୍ୟାନୁଷ୍ଠାନ ହେବ: ନଗର ଉନ୍ନୟନ ମନ୍ତ୍ରୀ

ବିଏମ୍‌ସି କାର୍ଯ୍ୟାଳୟରେ ଜଣେ ବରିଷ୍ଠ ଓଏଏସ୍ ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଘଟଣା ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛି। ମୁଖ୍ୟମନ୍ତ୍ରୀ ଏପରି ଘଟଣାକୁ କଡ଼ା ଭାଷାରେ ନିନ୍ଦା କରିବା ସହ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେଇ ଭରସ ଦେଇଥିବା କହିଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର। ସେ ଏପରି ଘଟଣାକୁ ନିନ୍ଦା କରିବା ସହ ଘଟଣା ନେଇ ଅଭିଯୋଗ ଆସିବାର କିଛି ଘଣ୍ଟା ମଧ୍ୟରେ ଆକ୍ରମଣକାରୀଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରାଯାଇଛି। ବିଜେପି ଆଦର୍ଶରେ ବିଶ୍ୱାସ କରୁଥିବା ଏକ ଦଳ। ତେଣୁ ଆକ୍ରମଣକାରୀମାନେ ବିଜେପି ସହ ସମ୍ପୃକ୍ତ ଥିଲେ ମଧ୍ୟ ସେମାନେ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିପାରିବେ ନାହିଁ। ➪ପୃଷ୍ଠା-୬

## ୮ ଦିନରେ ମୋଦିଙ୍କ ୫ ରାଷ୍ଟ୍ର ଗସ୍ତ

**ନୂଆଦିଲ୍ଲୀ,୩୦।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ବିଦେଶ ନୀତିକୁ ଗୁରୁତ୍ୱ ଦେଇ ନିୟମିତ ବ୍ୟବଧାନରେ ବିଭିନ୍ନ ରାଷ୍ଟ୍ର ଗସ୍ତ କରୁଛନ୍ତି। ତେବେ ଆସନ୍ତା ୨ ତାରିଖରେ ସେ ବିଦେଶ ଗସ୍ତରେ ଯାଇ ଏକକାଳୀନ ୫ଟି ଦେଶରେ ପହଞ୍ଚିବେ। ତେବେ ଦୀର୍ଘ ୧୦ ବର୍ଷ ମଧ୍ୟରେ ଏହା ମୋଦିଙ୍କ ଦୀର୍ଘତମ ଗସ୍ତ ହେବ। କାରଣ ମାତ୍ର ୮ ଦିନ ଭିତରେ ତାଙ୍କର ୫ଟି ଦେଶ ବୁଲିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୨ରୁ ଆରମ୍ଭ ହେଉଥିବା ଏହି ଗସ୍ତ ଜୁଲାଇ ୯ ତାରିଖରେ ଶେଷ ହେବ। ଏହି ଅବସରରେ ସେ ବ୍ରାଜିଲ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀରେ ଯୋଗଦେବେ। ତା'ଛଡ଼ା ମୋଦି ଦୁଇଟି କଣ୍ଟିନେଣ୍ଟ୍ ସହ ଘାନା, ତ୍ରିନିଦାଦ୍ ଓ ଟବାଗୋ, ଆର୍ଜେଣ୍ଟିନା ଓ ନାମ୍ବିଆ ଗସ୍ତ କରିବେ। ଏନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସବିଶେଷ ସୂଚନା ଦିଆଯାଇଛି। ଏଥିସହ ପ୍ରଧାନମନ୍ତ୍ରୀ ଭାବେ ୧୧ ବର୍ଷ ଧରି କାର୍ଯ୍ୟ କରିବା ଅବସରରେ ଏହା ମୋଦିଙ୍କର ଦ୍ୱିତୀୟ ପାଞ୍ଚ ରାଷ୍ଟ୍ର ଗସ୍ତ କାର୍ଯ୍ୟକ୍ରମ। ଏହା ପୂର୍ବରୁ ସେ ୨୦୧୬ରେ ଏକକାଳୀନ ଆମେରିକା, ମେକ୍ସିକୋ, ସ୍ୱିଜରଲାଣ୍ଡ, ଆଫଗାନିସ୍ତାନ ଓ କତାର ଗସ୍ତ କରିଥିଲେ। ଏହାଛଡ଼ା ୨୦୧୫ ଜୁଲାଇରେ ସେ ଏକକାଳୀନ ୬ଟି ରାଷ୍ଟ୍ର ମଧ୍ୟ ଗସ୍ତ କରିଥିଲେ।

## ୧୮୦୦ ଚାଳକଙ୍କୁ ଇ-ଚାଲାଣ ଦଣ୍ଡ

**ଭୁବନେଶ୍ୱର,୩୦।୬(ସଂଚାର ବ୍ୟୁରୋ):** ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ପରିବହନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ବାଣିଜ୍ୟ ପରିବହନ ବିଭାଗ ଅଧିନରେ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କଡ଼ାକଡ଼ି ଏନଫୋର୍ସମେଣ୍ଟ କରାଯାଇଛି। ଆଗକୁ ବାହୁଡ଼ା ଓ ସୁନାବେଶ ପରି ପ୍ରମୁଖ

● ବିଭିନ୍ନ ରୁଟ୍‌ରେ ୭ ସ୍ୱତନ୍ତ୍ର ଟିମ୍‌ର ଯାଞ୍ଚ୍

● ଅଭିଯୋଗର ସମାଧାନ ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

କାର୍ଯ୍ୟକ୍ରମ ରହିଥିବାରୁ ଏହା ଜାରି ରହିବ ବୋଲି ପ୍ରାଧିକରଣ ପକ୍ଷରୁ କୁହାଯାଇଛି। ନବଦିନାତ୍ମକ ଯାତ୍ରା ପାଇଁ ପୁରୀକୁ ହଜାର ହଜାର ସଂଖ୍ୟାର ଗାଡ଼ି ଚଳାଚଳ କରୁଥିବା ବେଳେ ଯାତ୍ରୀମାନଙ୍କ ସୁରକ୍ଷିତ ଯାତ୍ରା ସକାଶେ ଅମାନିଆ ଗାଡ଼ି ଚାଳକଙ୍କ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ଅନୁସାରେ ପୁରୀ ଆରଟିଓ ଅଧୀନରେ ୭ଟି ସ୍ପେଶାଲ ଟିମ



ଗଠନ କରାଯାଇ ବିଭିନ୍ନ ରୁଟ୍‌ରେ ଯାଞ୍ଚ୍ କରାଯାଉଛି। ଯାଞ୍ଚକୁ ବ୍ୟାପକ କରାଯିବା ସହ ଇତିମଧ୍ୟରେ ୧୮୦୦ରୁ ଉର୍ଦ୍ଧ୍ୱ ଇ-ଚାଲାଣ କଟାଯାଇଥିବା ଜଣାପଡ଼ିଛି। ଭୁବନେଶ୍ୱରରୁ-ପୁରୀ ଜାତୀୟ ରାଜପଥ-୩୧୬ ଓ ପୁରୀରୁ କୋଣାର୍କ, କୋଣାର୍କରୁ ପିପିଲି ରାଜ୍ୟ ରାଜପଥରେ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଇଏମଏସ୍) କାର୍ଯ୍ୟକ୍ଷମ ହୋଇଛି। ରଥଯାତ୍ରା ଓ ତତ୍‌ପରବର୍ତ୍ତୀ ଦୁଇ ଦିନ ଅର୍ଥାତ ଗତ ୨୭ରୁ ୨୯ ତାରିଖ ମଧ୍ୟରେ ପୁରୀ ରୁଟ୍‌ରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ଯୋଗୁଁ ଉପରୋକ୍ତ ଇ-ଚାଲାଣଗୁଡ଼ିକ କଟାଯାଇଛି। ଏଥିରେ ବିନା ହେଲମେଟରେ ଗାଡ଼ି ଚାଳନା, ଭୁଲ୍ ରୁଟରେ ଗାଡ଼ି ଚାଳନା, ଦ୍ରୁତଗତି ଓ ଦୁଇ ଚକିଆରେ ଦୁଇରୁ ଅଧିକ ଲୋକ ବସିବା ଭଳି ସଡ଼କ ସୁରକ୍ଷା ନିୟମର ଉଲ୍ଲଙ୍ଘନ ରହିଛି। ସେହିଭଳି ସ୍ୱତନ୍ତ୍ର ଟିମ ପକ୍ଷରୁ ଏନଫୋର୍ସମେଣ୍ଟକୁ କଡ଼ାକଡ଼ି କରାଯାଇଥିବା ବେଳେ ମୁଖ୍ୟତଃ ବ୍ରହ୍ମଗିରି, ସାକ୍ଷୀଗୋପାଳ, କୋଣାର୍କ, ପିପିଲି ଆଦି ପଥରେ ବିଶେଷ ଫୋକସ କରାଯାଇଛି। ଏହାଛଡ଼ା ଧାର୍ଯ୍ୟ ଦରଠାରୁ ଅଧିକ ଭଡ଼ା ଆଦାୟ କରୁଥିବା ବସ ଉପରେ ମଧ୍ୟ କଡ଼ା ନଜର ରଖାଯାଇଛି। ବସ ମାଲିକ ସଂଘକୁ ବିଭିନ୍ନ ସମୟରେ ଏହା ଉପରେ ଦୃଷ୍ଟି ➪ପୃଷ୍ଠା-୬

### ସତ ହୋଇଥିଲେ ସାଂଘାତିକ

# ବଡ଼ ଠାକୁରଙ୍କୁ ଅଧଘଣ୍ଟା ଅଟକାଇଥିଲେ ଏସ୍‌ପି !

**ପୁରୀ,୩୦।୬(ସଂଚାର ବ୍ୟୁରୋ):** ରଥଯାତ୍ରାରେ ବିଭ୍ରାଟ ହେଉ କି ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ତିନି ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ସରକାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଉନ୍ନୟନ କମିଶନର ଆଜି ପୁରୀରେ ପହଞ୍ଚି

### କାଳିଆ କାମରେ ବଡ଼ ଦୁର୍ନୀତି ଅଭିଯୋଗ

### ଏଆଇ ଚାଳିତ ସିସିଟିଭି ନାଁରେ ଲକ୍ଷାଧିକ ଚଳୁ

ଏହାର ତଦନ୍ତ ବି ଆରମ୍ଭ କରିଦେଇଛନ୍ତି। ହେଲେ ଦୁଇ ଦୁଇଟି ଅଘଟଣ କାହିଁକି ହୋଇଥିଲା ଏବଂ ଏଥିପାଇଁ କିଏ ଦାୟୀ, ସେନେଇ ଏକ ସାଂଘାତିକ ଖବର ଏବେ ସେବାୟତଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ସେହିଭଳି ଗୁଣ୍ଡିଚା ମନ୍ଦିର ନିକଟରେ ହୋଇଥିବା ଦଳଚକଟାର ସିସିଟିଭି ଫୁଟେଜ ପୁଲିସ ପାଖରେ ଅଛି କି? ନିଶ୍ଚୟ ନ ଥିବ, କାରଣ ପୂର୍ବତନ ଜିଲ୍ଲାପାଳ ସିସିଟିଭି ୨୭୫ ଏଆଇ ଚାଳିତ ସିସିଟିଭି ଲଗାଇବା ନାଁରେ ୫୦ ଲକ୍ଷରୁ ଅଧିକ



ଟଙ୍କାର ଜାଲିଆତି କରିଥିବା ଅଭିଯୋଗ ହେଉଛି।

ରଥଯାତ୍ରା ଦିନ ପ୍ରାରମ୍ଭିକ ରିତିନୀତି ଦେଢ ଘଣ୍ଟା ବିଳମ୍ବ ହୋଇଥିଲେ ବି ସେବାୟତଙ୍କ ସହଯୋଗରେ ପହଣ୍ଡି ନୀତିରୁ ସବୁକିଛି ନିର୍ଦ୍ଧାରିତ ସମୟରେ ହୋଇଥିଲା। ଶ୍ରୀଜିଉମାନେ ବି ନିର୍ଦ୍ଧାରିତ ସମୟରେ ପହଣ୍ଡିରେ ଆସି ରଥାରୁଢ଼ ହୋଇଥିଲେ। ଗଜପତି ମହାରାଜ ବି ଆସି ଛେରା ପହଁରା କଲେ। ତିନି ରଥରୁ ଚାରମାଳ ଖୋଲାଯାଇ ଅପରାହ୍ନ ସାଢେ ୩ଟା ବେଳକୁ ରଥ ଟଣା ପାଇଁ ତିନି ରଥ ପ୍ରସ୍ତୁତ ହୋଇସାରିଥିଲେ। ତେବେ ରଥଟଣା ବିଳମ୍ବ କାହିଁକି ହେଲେ ସେନେଇ ଜଣେ ସେବାୟତ ନିଜ ନାମ ଗୋପନ ରଖି ଦେଇଛନ୍ତି ଏପରି ସାଂଘାତିକ ସୂଚନା।

ବଳଭଦ୍ରଙ୍କର ରଥ ଦାୟିତ୍ୱରେ ଥିଲେ ଖୋଦ ତତ୍କାଳୀନ ପୁରୀ ଏସପି। ସାଢେ ତିନିଟାରୁ ରଥଟଣା ପାଇଁ ପ୍ରସ୍ତୁତି ସରିଥିଲେ ବି ଏସପି ରଥ ଟାଣିବାକୁ ନିର୍ଦ୍ଦେଶ ଦେଉନଥିଲେ। ଜାଣିଶୁଣି ରଥଟଣାକୁ ବିଳମ୍ବିତ କରିଚାଲିଥିଲେ। ସେ କାହିଁକି ରଥଟଣା ବିଳମ୍ବ କରୁଥିଲେ ଏକଥା କେହି ଜାଣନ୍ତି ନାହିଁ। ସେଠାରେ ଉପସ୍ଥିତ ଥିବା କିଛି ବରିଷ୍ଠ ପୁଲିସ ଅଧିକାରୀ ବି ବାରମ୍ବାର ତାଙ୍କୁ ରଥ ଟାଣିବାକୁ ନିର୍ଦ୍ଦେଶ ଦେବାକୁ କହୁଥିଲେ। କିନ୍ତୁ ସେ କାହା କଥା ଶୁଣିନଥିଲେ। ସେବାୟତଙ୍କ କହିବା କଥା ହେଉଛି ଯେ ଶ୍ରୀମନ୍ଦିରର ମୁଖ୍ୟ ହେଉଛନ୍ତି ବଡ଼ ଭାଇ ବଳଭଦ୍ର। ସେ ଯେତିକି ଶାନ୍ତ, ସେତିକି କ୍ରୋଧୀ। ତେଣୁ ତାଙ୍କୁ କେହି ରୁଷ୍ଟ କରନ୍ତି ନାହିଁ। ଏସପି କିନ୍ତୁ ➪ପୃଷ୍ଠା-୬



**କାନ ଡେରିଥା**

କିଛି ଓଡ଼ିଆଙ୍କୁ ଦରକାର ଏବେ
ପାଣ୍ଡିଆନ ଭଳି ଜୋଇଁ
ସିଏ ଥିଲେ ସବୁ ଭଲ ଚାଲୁଥିଲା
ରଖିଥିଲେ ଖାଇ ଖୋଇ
କାଢ଼ ପଣ ଯାଇନାହିଁ...
ଓଡ଼ିଶା ପଇସା କୋଉଠି
ଅଛି ଯେ
ଖୋଜ ତୁମେ ଶଳା ଭାଇ ।

■ ଦେବାଶିଷ

# ଖାକି ବାବୁଙ୍କ ପାଇଁ ସରକାର ବଦନାମ

**ଭୁବନେଶ୍ୱର,୩୦।୬(ସଂଚାର ବ୍ୟୁରୋ):** ରାଜ୍ୟର କେତେଜଣ ପୁଲିସ୍ ବାବୁଙ୍କ ପାଇଁ ରାଜ୍ୟ ସରକାର ବଦନାମ ହେବାରେ ଲାଗିଛନ୍ତି। ପୁରୀଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ସବୁଆଡେ ସରକାର ଯେତେ ଅଘଟଣର ସାମ୍ନା କରୁଛନ୍ତି ତାହା ପଛରେ ଖାକିବାବୁମାନଙ୍କ ଅବହେଳା ଥିବା ଧୀରେ ଧୀରେ ପଦାକୁ ଆସୁଥିବାବେଳେ ସରକାରଙ୍କୁ ଘେରିବା ପାଇଁ ବିରୋଧୀ



● ଠିକିଲା ପରେ ବି ବାବୁ ଚେତୁନାହାନ୍ତି

● ବିରୋଧୀଙ୍କ ହାତକୁ ଦେଉଛନ୍ତି ମଉକା




ଏଥିଯୋଗୁଁ ମଉକା ପାଇଯାଉଛନ୍ତି। ପୁଲିସ୍ ବାବୁମାନଙ୍କ ଏଭଳି ଢିଲାପଣରେ ବ୍ରେକ୍ ନ ଲାଗିଲେ ଆଗାମୀ ଦିନରେ ସରକାର ଆହୁରି ଅକଳରେ ପଡ଼ିବେ ବୋଲି ଅବସରପ୍ରାପ୍ତ ବରିଷ୍ଠ ପୁଲିସ୍ ଅଧିକାରୀମାନେ ମତ ଦେଉଛନ୍ତି।

ଚଳିତ ବର୍ଷ ରଥଯାତ୍ରାରେ ପୁରୀରେ ପ୍ରଥମ ଦିନରେ ଠେଲାପେଲାରେ ଶତାଧିକ ଆହତ ହେବା ଓ ଦ୍ୱିତୀୟ ଦିନରେ ଦଳଚକଟାରେ ୩ ଜଣଙ୍କୁ ମୃତ୍ୟୁ ଓ ଆଉ କେତେକ ଆହତଙ୍କ ପଛରେ ଥିବା କାରଣଟି ହେଉଛି ପୁଲିସ୍‌ର ଅବହେଳା। କାରଣ ରଥ ସାମ୍ନାରେ ହଜାର ହଜାର ଭକ୍ତ ରୁଣ୍ଡ ହେଉଥିବା ବେଳେ ସେମାନଙ୍କୁ ନିୟନ୍ତ୍ରଣ ପାଇଁ ପୁଲିସ୍ ଯଦି ତତ୍କାଳ ପଦକ୍ଷେପ ଗ୍ରହଣ କରିଥାନ୍ତା, ତା'ହେଲେ ଏଭଳି ଦୁଃଖଦ ଘଟଣା ଘଟିନଥାନ୍ତା ବୋଲି ଖୋଦ୍ ଆତ୍ମୀୟସ୍ୱଜନଙ୍କୁ ହରାଇଥିବା ଲୋକେ ବି କହୁଛନ୍ତି। ପାହାନ୍ତା ପ୍ରହରରେ ଦଳାଚକଟା ଘଟୁଥିବା ବେଳେ ଆବଶ୍ୟକ ସଂଖ୍ୟକ ପୁଲିସ୍ କର୍ମଚାରୀ ଘଟଣାସ୍ଥଳରେ ମହଜୁଦ ନଥିଲେ। ରଥଯାତ୍ରା ପୂର୍ବରୁ ତୁହାକୁ ତୁହା ସୁରକ୍ଷା ବୈଠକ ହୋଇଥିବା ବେଳେ ପୁଲିସ୍‌ର ଢିଲାପଣ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି।

ସେହିଭଳି ରଥଯାତ୍ରାର ସୁପରିଚାଳନା ପାଇଁ ପୁଲିସ୍ ଏଥର ଏଆଇ ସଂଯୁକ୍ତ ସିସିଟିଭିର ସାହାରା ନେଇଥିଲା। ଖୋଦ୍ ପୁଲିସ୍ ଡିଜି ଯୋଗେଶ ବାହାଦୁର ଖୁରାନିଆ ଏ ସଂକ୍ରାନ୍ତରେ ସୂଚନା ଦେଇଥିବା ବେଳେ ରାଜଧାନୀରୁ ପୁରୀ ପର୍ଯ୍ୟନ୍ତ ଭକ୍ତଙ୍କ ଉପରେ ଏଆଇ କ୍ୟାମେରା ନଜର ରଖିବ ଏବଂ ଲୋକଙ୍କ ଗତିବିଧି ଉପରେ ସହଜରେ ନଜର ରଖାଯାଇପାରିବ ବୋଲି କହିଥିଲେ। ଏଥିସହିତ ଏଆଇ କ୍ୟାମେରାର ଉପକାରିତା ଉପରେ ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେବା ସହ କଣ୍ଟ୍ରୋଲ ରୁମ୍‌ରୁ ସଚିତ୍ର ଖବର ଦେଇଥିଲେ। ଏହା ଦେଖିବା ପରେ ସରକାରୀ କଳ ଆଶ୍ୱସ୍ତ ହୋଇଥିଲା ଓ ଚଳିତ ବର୍ଷ ରଥଯାତ୍ରାରେ କିଛି ଅଘଟଣ ଘଟିବ ନାହିଁ ବୋଲି ନିଶ୍ଚିତ ବି ହୋଇଥିଲା। ହେଲେ ଶେଷରେ ଯାହା ଦେଖାଗଲା ଏଆଇ କ୍ୟାମେରା ସମ୍ପୂର୍ଣ୍ଣ ଫେଲ ମାରିଛି। କ୍ୟାମେରା ଲଗାଇଥିବା ସଂସ୍ଥା ପୁଲିସଙ୍କୁ ଠକିଦେଇଛି।

ପୁରୀ ଘଟଣାରେ ଖୋଦ୍ ମୁଖ୍ୟମନ୍ତ୍ରୀ ଓ ଶ୍ରୀମନ୍ଦିର ପ୍ରଶାସକ ଦୁଃଖ ପ୍ରକାଶ କରିବା ସହ କ୍ଷମା ପ୍ରାର୍ଥନା ବି କରିଛନ୍ତି। ଏଥିସହିତ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୁରୀ ଏସ୍‌ପି ଓ ଜିଲ୍ଲାପାଳଙ୍କୁ ବଦଳି କରିବା ସହ ଦୁଇ ଜଣ ବରିଷ୍ଠ ପୁଲିସ୍ ଅଫିସରଙ୍କୁ ନିଲମ୍ବିତ କରିଛନ୍ତି। ତଥାପି ଏହି ଘଟଣାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିବାର ➪ପୃଷ୍ଠା-୬

## ତଦନ୍ତ ଆରମ୍ଭ କଲେ ଉନ୍ନୟନ କମିଶନର



**ପୁରୀ,୩୦।୬(ସଂଚାର ବ୍ୟୁରୋ):** ଗତକାଲି ଭୋର୍ ସମୟରେ ଶରଧାବାଲିରେ ହୋଇଥିବା ଦଳଚକଟା ଘଟଣାରେ ତିନି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏହାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଉନ୍ନୟନ କମିଶନର୍ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରିଥିଲେ। ଏହି ଅନୁସାରେ ଆଜି ଶ୍ରୀମତୀ ଗର୍ଗ ଘଟଣାରେ ତଦନ୍ତ ଆରମ୍ଭ କରିଛନ୍ତି। ସେ ଆଜି ପୁରୀ ଯାଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଏସପି, ଜିଲ୍ଲାପାଳ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଘଟଣା ସମ୍ପର୍କରେ ସବିଶେଷ ଆଲୋଚନା କରିଛନ୍ତି। ଘଟଣା କେମିତି ଘଟିଲା, ସେ ସମୟରେ ସୁରକ୍ଷା ଦାୟିତ୍ୱରେ କିଏ ଥିଲେ ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ କି ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା, ସେନେଇ ଶ୍ରୀମତୀ ଗର୍ଗ ପ୍ରାରମ୍ଭିକ ଆଲୋଚନା କରିଛନ୍ତି। ଏପରିକି ପହଡ଼ ପଡ଼ିବା ପରେ ଶରଧାବାଲିରେ କେତେ ସଂଖ୍ୟକ ➪ପୃଷ୍ଠା-୬



## ଜଗନ୍ନାଥ ମନ୍ଦିର ପାଇଁ ଶୁଭଦେଲେ ବିଧାୟକ

**ପଟ୍ଟାମୁଣ୍ଡାଇ,୩୦।୬ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ମୋହନପୁର ପଂଚାୟତ ବାଇପାଟଣା ଠାରେ ମହପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ଶୁଭ ଦେଇଛନ୍ତି ରାଜନଗର ବିଧାୟକ ଧ୍ରୁବ ସାହୁ । ଏହି ଶୁଭଦାନ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବଡ଼ମୋହନପୁର ସରପଞ୍ଚ ପ୍ରତିନିଧି ରାମ ଚନ୍ଦ୍ର ରାଉତ ପୂର୍ବତନ ସରପଞ୍ଚ ରବୀନ୍ଦ୍ର ବେହେରା ସାନଜରିଆ ସମବାୟ ସମିତି ସଭାପତି ନିକୁଞ୍ଜ ଦାଶ, ବରିଷ୍ଠ ନେତା ପରମାନନ୍ଦ ପଲାଇ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ଯୋଗ ଦେଇଥିଲେ ।

## ମହାକାଳପଡ଼ାରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି, ୬୮ ଅଭିଯୋଗ ପଞ୍ଜିକୃତ




**କେନ୍ଦ୍ରାପଡ଼ା,୩୦।୬ (ସଂଚାର ବ୍ୟୁରୋ):** ମହାକାଳପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦.୩୦ରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ଜନଶୁଣାଣିରେ ମୋଟ ୬୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୧୧ଟି ସାମୁହିକ ହୋଇଥିବା ବେଳେ ୫୭ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଆଜିର ଏହି ଜନଶୁଣାଣିରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ଙ୍କ ସମେତ ବିଡିଓ, ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣୀ କରିଥିଲେ। ସୂଚନା ଯେ, ଆସନ୍ତା ମାସ ଅର୍ଥାତ ପ୍ରଥମ ସୋମବାର ଅର୍ଥାତ ୭ ଜୁଲାଇରେ କେନ୍ଦ୍ରାପଡ଼ା ମୁନିସିପାଲିଟି ଟାଉନ ହଲ, ୧୪ ତାରିଖଦିନ ଡେରାବିଶ ପଂଚାୟତ ସମିତି କାର୍ଯ୍ୟାଳୟ, ୨୧ ଜୁଲାଇରେ ଗରଦପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ଏବଂ ୨୮ ତାରିଖ ଦିନ ରାଜନଗର ପଂଚାୟତ ସମିତି କାର୍ଯ୍ୟାଳୟ ଠାରେ ପୂର୍ବାହ୍ନ ୧୦.୩୦ ମିନିଟଠାରୁ ୧ ଘଟିକା ପର୍ଯ୍ୟନ୍ତ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

### ଅପେକ୍ଷାର ହେଲା ଅନ୍ତ

# ଚତୁର୍ଥ ଦିନରେ ଚକଡ଼ା ଛୁଇଁଲା ବ୍ରହ୍ମତାଳଧ୍ୱଜ

**ବାରମ୍ବାର ବାମ ପାର୍ଶ୍ୱକୁ ମୋଡ଼ ନେଉଥିଲା ରଥ**

**ରେଲୱେ ଜ୍ୟାକ୍ ସହାୟତାରେ ଚକ ପଥକୁ ଫେରିଲା**

**କେନ୍ଦ୍ରାପଡ଼ା,୩୦।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାର ଆରାଧ ଦେବ ଶ୍ରୀ ବଳଦେବଜିଉଙ୍କ ବ୍ରହ୍ମତାଳଧ୍ୱଜ ରଥ ଚାରି ଦିନର ବ୍ୟବଧାନ ପରେ ଆଜି ଅପରାହ୍ନରେ ଶ୍ରୀଗୁଣ୍ଡିଚା ମନ୍ଦିର ଚକଡ଼ା ଛୁଇଁଛି। ଆଜି ସକାଳ ପ୍ରାୟ ୧୧ଟାରେ ରଥ ଅଟକିଥିବା ସ୍ଥାନ ଚନ୍ଦନ ପୋଖରୀ ନିକଟରୁ ରଥଟଣା ଆରମ୍ଭ ହୋଇଥିଲା। ୪ ଦଉଡ଼ି ଯାଏ ଟଣା ହେବା ପରେ ପୁଣି ଚନ୍ଦନ ପୋଖରୀ ପୂର୍ବରୁ ରଥ ବାମମୋଡ଼ ନେଇଥିଲା। ହାଇଡ୍ରୋଲିକ୍ ଜ୍ୟାକ୍ ମେସିନ୍ ଯୋଗେ ରଥ ଚକକୁ ପଥ ମଧ ଭାଗକୁ ଅଣାଯାଇଥିଲା । ତା' ପରେ ରଥ ଟଣା ହୋଇ ଅପରାହ୍ନ ପ୍ରାୟ ୨ଟା ୩୦ ମିନିଟ୍ ସୁଦ୍ଧା ଶ୍ରୀଗୁଣ୍ଡିଚା ମନ୍ଦିର ଚକଡ଼ା ଛୁଇଁଥିଲା।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ାରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ଦୁଇଦିନ ହୁଏ। ପ୍ରଥମ ଦିନ ରଥ ଦୁଇ ଦଉଡ଼ି ଟଣା ହେବା ପରେ ଦେବୋତ୍ତର ସଂସ୍ଥା କାର୍ଯ୍ୟାଳୟ ନିକଟକୁ ଆସେ ଓ ପରଦିନ ଅର୍ଥାତ୍ ଶ୍ରୀଗୁଣ୍ଡିଚା ଯାତ୍ରାର ଦ୍ୱିତୀୟ ଦିନ ରଥ ମାଉସୀ ମା' ମନ୍ଦିର ଚକଡ଼ା ଛୁଇଁଥାଏ। ୨୦୨୨ ଓ ୨୦୨୪ ପରେ ତୃତୀୟ ଥର ପାଇଁ ଏଥର ଚତୁର୍ଥ ଦିନରେ ମାଉସୀ ମା' ମନ୍ଦିର ବ୍ରହ୍ମତାଳଧ୍ୱଜ ମା' ଗୁଣ୍ଡିଚାରାଣୀଙ୍କ ଚକଡ଼ାରେ ପହଞ୍ଚିଛି। ରଥ ଟଣା କାମରେ ଆଉ କୌଣସି ବାଧକ ସୃଷ୍ଟି ହେବ ନାହିଁ ବୋଲି ବୈଷୟିକ କମିଟି ମତ ଦେବା ପରେ ପ୍ରଶାସନ ଆଶ୍ୱସ୍ତି ଲାଭ କରିଥିଲା। ସମସ୍ତ ନୀତିକାନ୍ତି ଶେଷ ପରେ ରଥଟଣା ହୋଇଥିଲା। ଚକଡ଼ାରେ ପହଞ୍ଚିବା ପରେ ରଥ ଉପରେ ଶ୍ରୀଜିୟୁମାନଙ୍କ ପଣା ମଣୋହି ନୀତି ଅନୁଷ୍ଠିତ ହୋଇଥିଲା । ରାତ୍ର ୯ଟା ପରେ ଧାଡ଼ି ପହଣ୍ଡିରେ ଠାକୁର ଆଡ଼ପ ମଣ୍ଡପକୁ ବିଜେ କରିଥିଲେ ଓ ବାକିଥିବା ରାତ୍ରର ଅନ୍ୟ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା।

ରଥ ମାଉସୀମା' ମନ୍ଦିର ବା ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପରେ ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରଶାସନ ତରଫରୁ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ , ଏସ୍‌ପି ସିଦ୍ଧାର୍ଥ କଟାରିଆ, ଏସଡ଼ିପିଓ କେନ୍ଦ୍ରାପଡା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ତହସିଲର, ଦେବୋରର ସଂସ୍ଥା ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ,ଟାଉନ ଆଇଆଇସି ଦିଲ୍ଲୀପ କୁମାର ସାହୁ, ମାର୍ଶାଘାଇ ଆଇଆଇସି ତପନ କୁମାର ନାୟକ, ସଦର ଆଇଆଇସି ଏବଂ ବିଭିନ୍ନ ରାଜନୈତିକ ଦଳର କାର୍ଯ୍ୟକର୍ତ୍ତାମାନେ ମଧ ଉପସ୍ଥିତ ରହି ରଥ ଟଣାରେ ଯୋଗଦେଇଥିଲେ ।



## କୋଭିଡ୍ ସମୟରେ ମଧ୍ୟାହ୍ନଭୋଜନ ଚାଉଳ ହରିଲୁଟ ଅଭିଯୋଗ

**ମାହାଙ୍ଗା,୩୦।୬ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନରେ ଥିବା ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପାଇଁ କୋଭିଡ୍ ସମୟରେ ୨୦୧୯ ମସିହାରୁ ୨୦୨୧ମସିହା ମଧ୍ୟରେ ଆସିଥିବା ଚାଉଳକୁ ବଣ୍ଟନ ଦାୟିତ୍ୱରେ ଥିବା ଠିକାଦାର ସଂସ୍ଥା ଦ୍ୱାରା ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଏପରିକି ୭୫୦କ୍ୱିଣ୍ଟାଲ ଚାଉଳ ଅନିୟମିତତା ହୋଇଥିବା ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାକୁ ଚପାଇଦେବା ପାଇଁ ଜିଲ୍ଲା ମଧ୍ୟାହ୍ନଭୋଜନ ୟୁନିଟ୍(ବିଏମ୍‌ୟୁ) ଚାପ ପକାଉଥିବା ଏବେ ସାଧାରଣରେ ଆଲୋଚନା ହେଉଛି। ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟକୁ ସୂଚନା ତଥ୍ୟ ମଗାଯାଇଥିବା ଜଣାପଡ଼ିଛି। ଏଣୁ ତୁରନ୍ତ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ କୋଭିଡ୍ ସମୟରେ ମାହାଙ୍ଗା ବ୍ଲକକୁ ଆସିଥିବା ମଧ୍ୟାହ୍ନଭୋଜନ ଚାଉଳର ନିରପେକ୍ଷ ତଦନ୍ତ କରି ଏଥିରେ ସମ୍ପୃକ୍ତି ଥିବା ଠିକାଦାରୀ ସଂସ୍ଥା ଓ ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ କର୍ମଚାରୀଙ୍କ ବିରୁଦ୍ଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସର୍ବସାଧାରଣରେ ଦୃଢ଼ ଦାବି ହେଉଛି।

### ଦୁର୍ଘଟଣାର ୩ ସପ୍ତାହ ପରେ ବି ଚେତା ଫେରୁନି

## ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି କାହ୍ନୁ, ସହାୟତା ନିବେଦନ

**ପଟ୍ଟାମୁଣ୍ଡାଇ,୩୦।୬ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅମୃତମଣୋହି ଗ୍ରାମର କାହ୍ନୁ ଚରଣ ସେଠୀ ଜଣେ ଅତ୍ୟନ୍ତ ଗରିବ ଲୋକ । ଦାଦନ ଶ୍ରମିକ ଭାବରେ ସେ ରାଜ୍ୟ ବାହାରେ କାମ କରନ୍ତି । ରଜ ଉତ୍ସବ ପାଳିବା ପାଇଁ ଚଳିତ ମାସ ପ୍ରଥମ ସପ୍ତାହରେ ଗାଁକୁ ଆସିଥିଲେ। ମାତ୍ର ଗତ ୮ତାରିଖରେ ଆଳି ବ୍ଲକ୍ ଅନ୍ତର୍ଗତ ସିଙ୍ଗିରି ଗ୍ରାମରେ ଥିବା ଶଶୁର ଘରକୁ ଯାଉଥିବା ବେଳେ ବାଟରେ ଦୁର୍ଘଟଣାଗ୍ରସ୍ତ ହୋଇ ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ମାତ୍ର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣାର ୩ ଦିନ ପରେ ଅସ୍ତ୍ରୋପଚାର ପାଇଁ ଡାକ୍ତର ପରାମର୍ଶ




ଦେବାରୁ ପରିବାର ଲୋକମାନେ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। କାହ୍ନୁଙ୍କ ବାପା ଅଶୋକ ସେଠୀ ଗାଁରେ ମାଛ ବିକି ପରିବାର ପ୍ରତିପୋଷଣ କରନ୍ତି। ଅଶୋକଙ୍କ ଏକମାତ୍ର ପୁତ୍ର କାହ୍ନୁଙ୍କୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଅସ୍ତ୍ରୋପଚାର ଦ୍ୱାରା ଭଲ କରିବା ପ୍ରଚୁର ଅର୍ଥର ଆବଶ୍ୟକ ରହିଛି ଯାହାକି ଗରିବ ଅଶୋକଙ୍କ ପକ୍ଷେ ଅସମ୍ଭବ। ଫଳରେ ପୁଅକୁ ବଞ୍ଚାଇବା ପାଇଁ ବାପା ଅଶୋକ ଅନ୍ୟନୋପାୟ ହୋଇ ଗାଁକୁ ଗାଁ ବୁଲି ସାହାଯ୍ୟ ପାଇଁ ଆକୁଳ ନିବେଦନ କରୁଛନ୍ତି।

ଅମୃତମଣୋହି ପଞ୍ଚାୟତର ପୂର୍ବତନ ସରପଞ୍ଚ କୁଳମଣି ମଳିକଙ୍କ ନେତୃତ୍ୱରେ ଗାଁର ଯୁବକମାନେ ସହୃଦୟ ଲୋକମାନଙ୍କୁ ଭେଟି ସାହାଯ୍ୟ ପାଇଁ ଅନୁରୋଧ କରୁଛନ୍ତି। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ କାହ୍ନୁଙ୍କ ପରିବାରକୁ ସହାୟତା ଯୋଗାଇବା ସହିତ ବଦାନ୍ୟ ବ୍ୟକ୍ତିମାନେ ସହଯୋଗର ହାତ ବଢ଼ାଇବା ପାଇଁ ଅମୃତମଣୋହି ସରପଞ୍ଚ ନିରୁପମା ଦାସ, ଯୁବ ନେତା ସୁଶାନ୍ତ ବାରିକ ଓ ସିଦ୍ଧାର୍ଥ ଦାସଙ୍କ ସହିତ ଗ୍ରାମବାସୀ ଦାବି କରିଛନ୍ତି ।

### ନୂତନ ବସଷ୍ଟାଣ୍ଡରେ ଅବ୍ୟବସ୍ଥା

## ରକ୍ଷଣ ବେକ୍ଷଣରେ ଦିଆଯାଉନି ଗୁରୁତ୍ୱ

**କେନ୍ଦ୍ରାପଡ଼ା,୩୦।୬ (ସଂଚାର ବ୍ୟୁରୋ):** କିଛିଦିନ ହେବ ରାଜକନିକା ଅଞ୍ଚଳରେ ନୂତନ ଭାବେ ବସ୍ ଷ୍ଟାଣ୍ଡ ନିର୍ମାଣ ହୋଇଛି। ଏଥିରେ ଯାତ୍ରୀଙ୍କ ସୁବିଧା ସୁଯୋଗ ପାଇଁ ବହୁ ଆବଶ୍ୟକୀୟ ଉପକରଣ ଲଗାଯାଇଛି । କିନ୍ତୁ କେଇଟା ଦିନ ନଜାଉଣୁ ତାହା ଏବେ ଅବ୍ୟବସ୍ଥା ଘେରରେ ଥିବା ଦେଖା ଯାଇଛି । ଏହି ବସଷ୍ଟାଣ୍ଡରେ ୨ ମାସ ଆକୱାଗାର୍ଡ ଖରାପ, ପାଣି ଟୋପେ ପାଇଁ ଯାତ୍ରୀ ହନ୍ତସନ୍ତ, ଶୌଚାଳୟର ସେଫଟି ଟାଙ୍କି ଫୁଲ, ମଇଳା ପାଣିରେ ଉବୁଟୁବୁ ପରିବେଶ, କାନ୍ଥରେ ପାଣି ଝରୁଛି। ଉପରକୁ ଖୁବ ଚିକ୍କଣ ଦେଖା ଯାଉଥିବା ରାଜକନିକା ବସଷ୍ଟାଣ୍ଡର ଏବେ ଭିତ୍ତିଭୂମି ଖୁବ ସମସ୍ୟାରେ ଛନ୍ଦି ହୋଇଛି । ଫଳରେ ଯାତ୍ରୀଙ୍କ ସହ ଷ୍ଟାଣ୍ଡର କର୍ମଚାରୀ ସର୍ବନିମ୍ନ ମୌଳିକ ସମସ୍ୟା ଟିକକ ପାଇବା ପାଇଁ ଡହଳବିକଳ ହେବାରେ ଲାଗିଛନ୍ତି ।

ଏସବୁ ସମସ୍ୟା ପାଇଁ କିଏ କହିବେ କେମିତି କାହାକୁ କହିବେ ଏବଂ ଏହାକୁ ଶୁଣିବେ କିଏ? ଏମିତି ଅବସ୍ଥାରେ ପିଇବା ପାଣି ସହ ଶୌଚାଳୟ ପାଇଁ ସମସ୍ତ ଯାତ୍ରୀ ଓ କର୍ମଚାରୀ ହନ୍ତସନ୍ତ ହେବାରେ ଲାଗିଛନ୍ତି । ପୁଣି ସମୁଦାୟ ନିର୍ମାଣ କାମରେ ଅତ୍ୟନ୍ତ ନିମ୍ନମାନର କାମ ହୋଇ ଥିବାରୁ କାନ୍ଥ ପ୍ଲାଷ୍ଟର ଟାଇଲ ଉଠିବା, ରଙ୍ଗ ଛାଡିବା ଏବଂ ଏବେ ବର୍ଷାରେ କାନ୍ଥରୁ ପାଣି ଝରିବା ଭଳି ଅବସ୍ଥା ସମୁଦାୟ ବ୍ୟବସ୍ଥାକୁ କେବଳ ସରକାରୀ ମୋହରରେ ଚଲାଇବା ଭଳି ହୋଇଛି । ତେବେ ବେଶ




ଚିକ୍କଣ ଦେଖା ଯାଉଥିବା ରାଜକନିକା ବସଷ୍ଟାଣ୍ଡରେ ୨ ମାସ ହେବ ପିଇବାପାଣି ଟୋପେ ପାଇଁ ବସ କର୍ମଚାରୀ, କଣ୍ଡକ୍ଟର, ଡ୍ରାଇଭର, ହେଲ୍ପର, ସୁପରଭାଇଜରଙ୍କ ଠାରୁ ଆରମ୍ଭ କରି ସାଧାରଣ ଯାତ୍ରୀ ଶୋଷରେ ଆଉଟୁପାଉଟୁ ହୋଇ ବାହାରୁ ଲିଟର ପ୍ରତି ୨୦ ଟଙ୍କା ଦରରେ କିଣି ପିଇବାକୁ ବାଧ ହେଉଛନ୍ତି ।

ସୂଚନାଯୋଗ୍ୟ ଯେ ଏହି ବସଷ୍ଟାଣ୍ଡଟି ଫେବୃୟାରୀ ୧୫ ତାରିଖ ୨୦୨୪ ମସିହାରେ ଉଦଘାଟନ ହେବାର ଦିନ କେଇଟା ପରେ ଏହାର ସମୁଦାୟ ବ୍ୟବସ୍ଥା ବେହାଲ ହୋଇଛି । ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ବସଷ୍ଟାଣ୍ଡକୁ ଆଳିର ଜନୈକ ଠିକାଦାର କରିଥିବା ବେଳେ ଅତ୍ୟନ୍ତ ନିମ୍ନମାନର କାମ କରୁଥିବା ନିର୍ମାଣ ବେଳୁ ବହୁ ବିରୋଧ ହୋଇଥିଲା। ମାତ୍ର ଠିକାଦାର ଜଣକ ସେ ସମୟରେ ବେଶ ପ୍ରଭାବଶାଳୀ ଥିବାରୁ କୌଣସି କଥାକୁ ଖାତିର ନ କରି ମନ ଇଚ୍ଛା ନିମ୍ନମାନର କାମ କରି ବିଲ ନେଇଯିବା ପରେ ଏବେ ସମସ୍ୟା ଲୋକେ ଭୋଗୁଛନ୍ତି। ବର୍ଷକ ମଧ୍ୟରେ ନିର୍ମାଣରେ ଖିଲାପ କରିଥିବା ଠିକାଦାରଙ୍କ ଲାଭଖୋର ମନୋଭାବ ପାଇ ଉପୁଜିଥିବା ସମସ୍ୟାର ସମାଧାନରେ ମନ ନ ଦେବା କଥାକୁ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବୀ ହୋଇଛି ।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

## କ୍ଷତି ପୂରଣ ଦାବିରେ ରାସ୍ତାରୋକ କଲେ ସ୍ଥାନୀୟ ଲୋକେ

**ଗରଦପୁର,୩୦।୬ (ସଂଚାର ବ୍ୟୁରୋ):** ପାଟକୁରା ଥାନା ଅଧୀନରେ ଥିବା ନୂଆପଡ଼ା ଗ୍ରାମରେ ସୋମବାର ଦିନ ପୂର୍ବାହ୍ନରେ ଘଟିଛି ଏକ ଅଭାବନୀୟ ଘଟଣା । ଉକ୍ତ ଥାନା ଅଧୀନ ଗରଦପୁର - ନୂଆପଡ଼ା ରାସ୍ତାର କାନାରା ବ୍ୟାଙ୍କ ପାଖରୁ ମାତ୍ର ୧୦୦ ମିଟର ଦୂରରେ ଘଟିଛି ଏକ ଦୁର୍ଘଟଣା । ପୂର୍ବାହ୍ନ ସମୟ ପାଖାପାଖି ୯ଟା ୪୫ ସମୟରେ ଗରଦପୁର ପଟୁ ଦ୍ରୁତ ଗତିରେ ଆସୁଥିବା ଟ୍ରକ ତଳେ ବାଇକ୍ ଚାଳକ ଯୁବକ ଜଣଙ୍କ ଚାପି ହୋଇଯିବା ଫଳରେ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ। ମୃତ ଯୁବକ ଜଣଙ୍କ ସେହି ନୂଆପଡ଼ା ଗ୍ରାମର ମଥୁରି ଚରଣ ବେହେରାଙ୍କ ପୁତ୍ର ସୁଶାନ୍ତ ବେହେରା, ବୟସ ପାଖାପାଖି ୩୫ ବର୍ଷ ବୋଲି ସୂଚନା ମିଳିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ ନମ୍ବର ଓଡ଼ି-୨୧-ଜେ- ୨୬୯୧ର ଡ୍ରାଇଭର ସହ ହେଲଫ୍‌ରଙ୍କୁ ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ କାବୁ କରି ନେଇଥିଲେ। ଖବର ପାଇ ସ୍ଥାନୀୟ ପାଟକୁରା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲେ ମଧ ସ୍ଥାନୀୟ ଲୋକେ ମୃତଦେହକୁ ରଖି ଦୀର୍ଘ ସମୟ ଧରି କ୍ଷତି ପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ପ୍ରଶାସନିକ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି



ବୁଝାସୁଝା ପରେ ମୃତ ଶରୀରର ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ପ୍ରଶାସନିକ ପ୍ରତିଶୃତି ପରେ ରାସ୍ତା ଅବରୋଧ ହଟିଥିଲା । ସୂଚନା ଅନୁଯାୟୀ ନୂଆପଡ଼ା ଗ୍ରାମର ମଥୁରି ଚରଣ ବେହେରାଙ୍କ ଏକ ମାତ୍ର ପୁତ୍ର ଥିଲେ ସୁଶାନ୍ତ । ପୂର୍ବରୁ ଭଉଣୀଙ୍କ ମୃତ୍ୟୁ ହୋଇଥିବା ବେଳେ ଆଜି ପୁଅର ଜୀବନ ଯାଇଛି । ଯାହାକୁ ନେଇ ପୁରା ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଚାଷ ଜମିରୁ ଜଳ ନିଷ୍କାସନ ପାଇଁ ଉଚ୍ଚସ୍ତରୀୟ ବୈଠକ



**କେନ୍ଦ୍ରାପଡ଼ା,୩୦।୬ (ସଂଚାର ବ୍ୟୁରୋ):** ଜାତୀୟ ରାଜପଥ ପ୍ରଶସ୍ତିକରଣ ହେଉଥିବାରୁ ଚଣ୍ଡିଖୋଲ ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ରାସ୍ତା କଡରେ ମାଟି, ବାଲି, ଗୋଡି ଆଦି ପକାଇ ଜଳ ନିଷ୍କାସନ ବନ୍ଦ ଥିବାରୁ ଏନେଇ ଏକ ସମୀକ୍ଷା ବୈଠକ ଜିଲ୍ଲପାଳ ସ୍ମୃତି ରଂଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ପାଟକୁରା ବିଧାୟକ ଅରବିନ୍ଦ ମହପାତ୍ର, ମହାକାଳପଡା ବିଧାୟକ ଦୁର୍ଗା ପ୍ରସାଦ ନାୟକ, ଜାତୀୟ ରାଜପଥ ର ପିଡି ଶ୍ରୀ ବର୍ମା, ପରିଚାଳକ କୁର୍ମା ରାଓ ଏବଂ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ଚଣ୍ଡିଖୋଲ ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଟିମ କରି ପ୍ରଶସ୍ତି କରଣ ହେଉଥିବା ରାସ୍ତା ସଂପୂର୍ଣ୍ଣ ପରିଦର୍ଶନ କରି ଜଳ ନିଷ୍କାସନ କିଭଳି ହୋଇ ପାରିବ ସେ ସଂପର୍କରେ ୨ଦିନ ଭିତରେ ଦେଖିବାକୁ ସ୍ଥିର କରାଯାଇଛି ।

ପଞ୍ଚୁପାଣ୍ଡବ ଠାରୁ ଭୁତମୁଣ୍ଡାଇ ପୋଲ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବର୍ଷାଜଳ ନିଷ୍କାସନ ହୋଇ ନପାରିବାରୁ ହଜାର ହଜାର ଏକର ଚାଷଜମି ବୁଡି ରହିଛି । ଯାହା ଫଳରେ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷାଦିନ ପୂର୍ବରୁ ରାସ୍ତା କଡରୁ ମାଟି ଉଠାଇବା ସହିତ କିଭଳି ଚାଷଜମି ରୁ ଜଳ ନିଷ୍କାସନ ହୋଇପାରିବ ତୁରନ୍ତ ତାହାର ବ୍ୟବସ୍ଥା କରିବା ପାଇଁ ଉପସ୍ଥିତ ଥିବା ବିଧାୟକ ମାନେ ଜାତୀୟ ରାଜପଥ ଅଧିକାରୀଙ୍କୁ ଚେତାବନୀ ଦେଇଛନ୍ତି ।



## କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ନୂତନ ଅଧକ୍ଷଙ୍କ ଯୋଗଦାନ

**କେନ୍ଦ୍ରାପଡ଼ା,୩୦।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସୋମବାର ନୂତନ ଅଧକ୍ଷ ଭାବେ ପ୍ରାଧାପକ ଶାନ୍ତନୁ କୁମାର ଜେନା ଯୋଗ ଦେଇଛନ୍ତି। ନୂତନ ଅଧକ୍ଷ ଶ୍ରୀ ଜେନାଙ୍କୁ ମହାବିଦ୍ୟାଳୟର ଅଧକ୍ଷ ଡ. ସଞ୍ଜୀବ କୁମାର ମହାନ୍ତି ଦାୟୀତ୍ୱ ହସ୍ତାନ୍ତର କରିଛନ୍ତି । ଏହି ଅବସରରେ ମହାବିଦ୍ୟାଳୟର ଅଧାପକ/ଅଧାପିକା ଓ କର୍ମଚାରୀମାନେ ନୂତନ ଅଧକ୍ଷ ଶ୍ରୀ ଜେନାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ପୁରାତନ ଅଧକ୍ଷ ଡ. ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଓ ଉରୀୟ ପ୍ରଦାନ ପୂର୍ବକ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ନୂତନ ଅଧକ୍ଷ ଶ୍ରୀ ଜେନା ଯାଜପୁର ଜିଲ୍ଲାର ବରୀ ରାମଚନ୍ଦ୍ରପୁରସ୍ଥିତ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଭାବେ କାର୍ଯ୍ୟରତ ଥିଲେ।

## ତୁଳସୀକ୍ଷେତ୍ରରେ ଭକ୍ତଙ୍କୁ ପ୍ରସାଦ ବଣ୍ଟନ

**କେନ୍ଦ୍ରାପଡ଼ା,୩୦।୬ (ସଂଚାର ବ୍ୟୁରୋ):** ପ୍ରସିଦ୍ଧ ତୁଳସୀକ୍ଷେତ୍ର ପ୍ରଭୁ ସିଦ୍ଧ ବଳଦେବଜିଉ ଙ୍କ ଶ୍ରୀଗୁଣ୍ଡିଚା ଘୋଷ ଯାତ୍ରା ଅବସରରେ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସେବା ନିମନ୍ତେ ପ୍ରକାଶ ଫାଉଣ୍ଡେସନ ତରଫରୁ ଚାରି ହଜାର ଭକ୍ତଙ୍କ ନିମନ୍ତେ ଅନ୍ନ ପ୍ରସାଦ ଓ ପାଣି ବୋତଲର ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟେକ ଭକ୍ତଙ୍କୁ ପ୍ରକାଶ ଫାଉଣ୍ଡେସନର କର୍ମକର୍ତ୍ତା ମାନେ ସୁବିଧାରେ ଖାଦ୍ୟ ଯୋଗାଇ ଦେବା ସହ ବଡ ଦାଣ୍ଡର ପରିଷ୍କାର ପରିଚ୍ଛନ୍ନ ଉପରେ ମଧ ନଜର ଦେଇଥିଲେ। ପ୍ରକାଶ ଫାଉଣ୍ଡେସନର ମୁଖ୍ୟ ପ୍ରକାଶ କୁମାର ନାୟକ ନିଜେ ଉପସ୍ଥିତ ରହି ରଥରେ ଯାଇ ପ୍ରଭୁ ବଳଦେବଜିୟୁଙ୍କ ଆଶ୍ରିବାଦ୍ ନେଇ ନିଜେ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ନିଜ ହାତରେ ବଣ୍ଟନ କରିଥିଲେ । ଭକ୍ତଙ୍କ ସେବା କରିବା ଭଗବାନଙ୍କୁ ପାଇବାର ମାଧମ ଓ ପ୍ରତି ବର୍ଷ ଏହିଭଳି ତୁଳସୀକ୍ଷେତ୍ର ରେ ଭକ୍ତଙ୍କ ସେବା ନିମନ୍ତେ ନିଜକୁ ନିୟୋଜିତ କରିବାକୁ ଇଚ୍ଛା କରି ପ୍ରଭୁଙ୍କୁ ପ୍ରାର୍ଥନା କରିଥିଲେ ଫାଉଣ୍ଡେସନର ମୁଖ୍ୟ ଶ୍ରୀ ପ୍ରକାଶ ନାୟକ ।



## ସାପ କାମୁଡାରେ ଯୁବକଙ୍କ ମୃତ୍ୟୁ

**ମାହାଙ୍ଗା,୩୦।୬ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଞ୍ଚାୟତର ଝାଡେଶ୍ୱରପୁର ଗ୍ରାମର ସ୍ୱର୍ଗତ ଉଦୟନାଥ ରାଉତଙ୍କ ପୁତ୍ର ସରୋଜ କୁମାର ରାଉତ ବୟସ ୬୫ ଆଜି ବିଲରେ କାମ କରୁଥିଲା ବେଳେ ୧୨.୩୦ ମିନିଟ୍‌ରେ ତାଙ୍କୁ ବିଷଧର ସର୍ପ ଆଘାତ କରିଥିଲା। ଚିକିତ୍ସା ନିମନ୍ତେ ସରୋଜଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବବ୍ୟବଚ୍ଛେଦ ପାଇଁ କଟକ ବଡଡାକ୍ତରଖାନାକୁ ପଠାଯାଇଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସରୋଜ ରାଉତ ଜଣେ ଚାଷୀ ଥିଲେ। ରାଜ୍ୟ ସରକାର ତୁରନ୍ତ ତାଙ୍କୁ ସହାୟତା ପ୍ରଦାନ ନିମନ୍ତେ ସାଧାରଣରେ ଦାବି ହେଉଛି।

### ମାହାଙ୍ଗା ଥାନା ସମ୍ମୁଖରେ ମହିଳାଙ୍କ ଆତ୍ମାହୁତି ଘଟଣା

## ନ୍ୟାୟ ପାଇଁ ଜିଲ୍ଲାପାଳଙ୍କୁ ପୁନର୍ବାର ଗୁହାରି କଲେ ପିତା

**ସାଲେପୁର,୩୦।୬ (ସଂଚାର ବ୍ୟୁରୋ):** ଆଜି ସାଲେପୁର ଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ମାହାଙ୍ଗା ଥାନା ସମ୍ମୁଖରେ ପେଟ୍ରୋଲ ଢ଼ାଳି ଆତ୍ମାହୁତି ଦେଇଥିବା ମହିଳାଙ୍କ ମୃତ୍ୟୁର ୧୦ମାସ ବିତିଯାଇଥିଲେ ମଧ ଦୋଷୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ନେଇ ଆଜି ମୃତା ମହିଳାଙ୍କ ପିତା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଉପସ୍ଥାପନ କରିଛନ୍ତି।



ପ୍ରକାଶ ଯେ ଗତ ୨୦୨୪ମସିହା ଅଗଷ୍ଟ ମାସ ୧୫ତାରିଖ ରାତିରେ ଖର୍ଡ଼ାଙ୍ଗ ଗ୍ରାମର ଶଙ୍କର ଦାସଙ୍କୁ ଏକ ମିଥ୍ୟା କେସ୍‌ରେ ରାତି ୨ଟାରେ ମାହାଙ୍ଗା ପୁଲିସ ଥାନାକୁ ଉଠାଇ ଆଣିଥିଲେ। ପରଦିନ ସକାଳେ ତାଙ୍କ ପତ୍ନୀ ରଶ୍ମିତା ଦାସ ମାହାଙ୍ଗା ଥାନାରେ ପହଞ୍ଚି ତାଙ୍କ ସ୍ୱାମୀକୁ ସାକ୍ଷାତ କରିବାକୁ ଚାହିଁଥିଲେ ମଧ ମାହାଙ୍ଗା ଥାନାର ତତ୍କାଳୀନ ଆଇ.ଆଇ.ସି. ବିଜୟ କୁମାର ମଲ୍ଲିକ ଓ ଏସ୍.ଆଇ. ଇପ୍‌ସିତା ପ୍ରିୟଦର୍ଶିନୀ ତାଙ୍କୁ ସାକ୍ଷାତ କରାଇନଦେଇ ଅଶ୍ଳୀ ଭାଷାରେ ଗାଳିଗୁଲଜ କରିବା ସହ ତଣ୍ଟିଆ ମାରି ଥାନାରୁ ବାହାର କରିଦେଇଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ରଶ୍ମିତା କିଛି ସମୟ ପରେ ଥାନା ସମ୍ମୁଖରେ ନିଜ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ପରେ ଚିକିତ୍ସାଧିନ ଅବସ୍ଥାରେ ତା'ର ମୃତ୍ୟୁ ହୋଇଥିବା ରଶ୍ମିତାର ବାପା ସାଲେପୁର ବ୍ଲକ ଛୋଟିପଡ଼ା ଗ୍ରାମର ଧିରେନ୍ଦ୍ର ବେହେରା ଅଭିଯୋଗ କରିଥିଲେ। ଏଥିନେଇ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ପୁନର୍ବାର ଧିରେନ୍ଦ୍ର ଆଜି ଅନୁଷ୍ଠିତ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ମୃତା ରଶ୍ମିତାର ୧୧ବର୍ଷର ପୁଅ ଓ ୧୬ବର୍ଷର ଝିଅ ଥିବା ଜଣାଯାଇଛି।

## ରଥଯାତ୍ରାରେ ପୁନର୍ବାସ ତରଫରୁ ସଚେତନତା ଷ୍ଟଲ

**କେନ୍ଦ୍ରାପଡ଼ା,୩୦।୬ (ସଂଚାର ବ୍ୟୁରୋ):** ତୁଳସୀ କ୍ଷେତ୍ରର ପ୍ରସିଦ୍ଧ ରଥଯାତ୍ରା ଅବସରରେ ବ୍ୟାପକ ଶ୍ରଦ୍ଧାଳୁ ଓ ଜନ ସମାଗମକୁ ଦୃଷ୍ଟି ଆଗରେ ରଖି ଭିନ୍ନକ୍ଷମଙ୍କ ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ "ପୁନର୍ବାସ" ପକ୍ଷରୁ ରଥଦାଣ୍ଡରେ ଏକ ସଚେତନତା ଷ୍ଟଲ୍ ଖୋଲାଯାଇଅଛି। ଭିନ୍ନକ୍ଷମମାନଙ୍କ ଆଇନଗତ ଅଧିକାର ସଚେତନତା ସମ୍ପର୍କିତ ବିବିଧ ପ୍ରକାରର ବାର୍ତ୍ତା ବହନକାରୀ ହ୍ୟାଣ୍ଡବିଲ୍ ବଣ୍ଟନ ସହ ଏହି ଷ୍ଟଲରେ ନୂତନ ଭିନ୍ନକ୍ଷମ ଆଇନର ସଚିତ୍ର ପୁସ୍ତିକା ଓ ବିବିଧ ଭିନ୍ନକ୍ଷମତା ସମ୍ପର୍କିତ ପୁସ୍ତିକା ସରଳ ଭାଷାରେ ଲେଖାଯାଇ ସାଧାରଣ ପାଠକଙ୍କ ଉପଲବ୍ଧି ନିମନ୍ତେ ସ୍ଥାନିତ ହୋଇଛି । ବିଶେଷ କରି ଭିନ୍ନକ୍ଷମତା ସମ୍ପର୍କିତ ଏକମାତ୍ର ଦ୍ୱି-ମାସିକ ଓ ଇଂରାଜୀ ଓ ଓଡ଼ିଆ ଭାଷାର ଦ୍ୱି-ଭାଷିକ ସମ୍ବାଦପତ୍ର 'ପୁନର୍ବାସ ସମାଚାର' ର ସଦ୍ୟତମ ମେ-ଜୁନ ମାସର ସଂସ୍କରଣ ଏଠାରେ ପାଠକମାନଙ୍କ ନିମନ୍ତେ ଉପଲବ୍ଧ ହେଉଛି। ଏହି ସ୍ୱତନ୍ତ୍ର ଷ୍ଟଲଟି କେବଳ ଭିନ୍ନକ୍ଷମତା ସମ୍ପର୍କିତ ତଥ୍ୟ ଓ ସଚେତନତା ପ୍ରଚାର କରୁଥିବାରୁ ଦର୍ଶକମାନଙ୍କ ମଧ୍ୟରେ ଏହି ଷ୍ଟଲ ପ୍ରତି ଉତ୍ସୁକତା ପ୍ରକାଶ ପାଉଥିବାର ପରିଲକ୍ଷିତ ହେଉଛି । ପୁନର୍ବାସର ସହ ସମ୍ପାଦକ ବଂଶୀଧର ମହାନ୍ତି ଓ ପ୍ରତାପ ସ୍ୱାଇଁ ଏବଂ କର୍ମକର୍ତ୍ତା ସଂଜୀବ ଜେନା, ମିହିର ରଞ୍ଜନ ବାରିକ ଓ ରଞ୍ଜନ ସ୍ୱାଇଁ ପ୍ରମୁଖ ଏହି ଷ୍ଟଲର ପରିଚାଳନା ଦାୟିତ୍ୱ ନିର୍ବାହନ କରୁଛନ୍ତି ।

# ରବି ଧାନ ସଂଗ୍ରହ ନେଇ ବିଜେଡିର ଉଦବେଗ

## ଟୋକନ ଅବଧି ମାସେ ବଢ଼ାଇବାକୁ ଦାବି



ଭୁବନେଶ୍ୱର,୩୦।୬(ସଂଚାର ବ୍ୟୁରୋ): ରବି ଧାନ ସଂଗ୍ରହକୁ ନେଇ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ନେଇ ବିଜେଡି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଚାଷୀମାନଙ୍କୁ ଦିଆଯାଉଥିବା ଟୋକନ ଅବଧିକୁ ମାସେ ବଢ଼ାଇବା ସକାଶେ ଦଳ ପକ୍ଷରୁ ଦାବି କରାଯିବା ସହ ଚାଷୀଙ୍କ ପାଖରେ ଥିବା ବଳକା ରବି ଧାନକୁ ସରକାର କିଣିବା ଦିଗରେ ପଦକ୍ଷେପ ନେବାକୁ ଆଜି ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଓ ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଦାବି କରିଛନ୍ତି। ରବି ଧାନକିଣା ପାଇଁ ସ୍ଥିରୀକୃତ ଅବଧି ଆଜି ଶେଷ ହୋଇଥିଲେ ହେଁ ଏବେ ବି ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ମେଟ୍ରିକ ଟନ ଧାନ ରାଜ୍ୟର ବିଭିନ୍ନ ମଣ୍ଡିରେ ପଡ଼ିରହିଛି। ଏହି ଧାନ ଉଠିବ କି ନାହିଁ, ସେନେଇ ସରକାରଙ୍କର କୌଣସି ସ୍ୱଚ୍ଛତା ନଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି ବୋଲି ଶ୍ରୀ ଦାସବର୍ମା କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଟୋକନ ମାଧ୍ୟମରେ କିଣାଯାଉଥିବା ଧାନ ଛଡା ଚାଷୀଙ୍କ ପାଖରେ ବଳକା ଧାନ ବି ରହିଛି। କିନ୍ତୁ ଟୋକନ ଧାନ ଉଠିପାରି ନଥିବା ବେଳେ ବଳକା ଧାନର ସ୍ଥିତି କ'ଣ ହେବ, ସେନେଇ ତୁରନ୍ତ ସରକାର ସ୍ପଷ୍ଟ କରିବା ଦରକାର ବୋଲି ସେ କହିଛନ୍ତି। ଆଜି ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅବଧି ଶେଷ ହେବା ପୂର୍ବରୁ ଟୋକନ ପାଇଥିବା ଚାଷୀଙ୍କ ଆଖି ସ୍କାନ କାମ ଶେଷ ହେବା ପରେ ସେମାନଙ୍କ ଧାନ ଉଠାଯିବ ବୋଲି କହିଥିବାରୁ ଏହାକୁ ଶ୍ରୀ ଦାସବର୍ମା ସ୍ୱାଗତ କରିଛନ୍ତି। କିନ୍ତୁ ମନ୍ତ୍ରୀଙ୍କ ପ୍ରତିଶ୍ରୁତି କେତେଦୂର କାର୍ଯ୍ୟକାରୀ ହେବ ସେନେଇ ସେ ସନ୍ଦେହ ପ୍ରକାଶକରିଛନ୍ତି। କାରଣ ମନ୍ତ୍ରୀଙ୍କ ବିବୃତ୍ତି ଅନୁଯାୟୀ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ତେଣୁ ରାଜ୍ୟର ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଚାଷୀଙ୍କ ପାଖରେ ଥିବା ସମସ୍ତ ବଳକା ଧାନ କିଣିବା ଦିଗରେ ପଦକ୍ଷେପ ନେବା ସହ ଟୋକ୍ ଅବଧି ମାସେ ବଢ଼ାନ୍ତୁ ଓ ଧାନ ଉଠିବା ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରନ୍ତୁ ବୋଲି ଶ୍ରୀ ଦାସବର୍ମା ଦାବି କରିଛନ୍ତି। ସେହିପରି ଶ୍ରୀ ନାୟକ କହିଛନ୍ତି ଯେ ଧାନକିଣାରେ କଟନୀ ଛଟନି, ବର୍ଷାରେ ଧାନ ଓଦା ହୋଇଯିବା ଓ ମଣ୍ଡିରେ ଧାନ ଦେବାକୁ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ପାଖରେ ପ୍ରାକ-ମୌସୁମୀ ଆଗମନର ନେଇ ସୂଚନା ରହିଥିଲେ ମଧ୍ୟ ଏହାର ମୁକାବିଲା ପାଇଁ କୌଣସି ପ୍ରସ୍ତୁତି ହୋଇନଥିଲା। ଅବଧି ଶେଷ ହୋଇଥିଲେ ମଧ୍ୟ ଅନେକ ଚାଷୀଙ୍କ ଧାନ ସଂଗ୍ରହ ହୋଇପାରିନାହିଁ। ଚାଷୀଙ୍କ ପାଖରେ ଥିବା ବଳକା ଧାନ ସଂଗ୍ରହ ହେବ କି ନାହିଁ, ସେନେଇ କିଛି ବି ସ୍ୱଚ୍ଛତା ନାହିଁ। ତେଣୁ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ଶ୍ରୀ ନାୟକ ଦାବି କରିବା ସହ ଚାଷୀଙ୍କ ସ୍ୱାର୍ଥକୁ ଅଣଦେଖା କଲେ, ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

# ଶୌଚ ପାଇଁ କେନାଲକୁ ଯାଇ ପାଣିରେ ଭାସି ଚାଲିଗଲା ଜୀବନ

ରାଇରଙ୍ଗପୁର, ୩୦।୬ (ସଂଚାର ବ୍ୟୁରୋ) : କେନାଲକୁ ଶୌଚ ପାଇଁ ଯାଇଥିଲେ ଯୁବକ । ପାଣିରେ ଭାସିଯିବାରୁ ଚାଲିଗଲା ଜୀବନ । ମୃତକ ହେଲେ ଏକ ତାଳି ଗ୍ରାମର ପରେଶ ମୁର୍ମୁର ପୁତ୍ର ଭୋଗଲା ମୁର୍ମୁ ବୋଲି ଜଣାପଡ଼ିଛି । ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ବଣକାଟି ଗ୍ରାମ ପଞ୍ଚାୟତର ଏକତାଳି ଗାଁରେ ଏଭଳି ଘଟଣା ଘଟିଛି। ସୂଚନା ମୁତାବକ, ଏକତାଳି ଗାଁର ଭୋଗଲା ମୁର୍ମୁ ସୋମବାର ସକାଳୁ ଶୌଚ ପାଇଁ କେନାଲକୁ ଯାଇଥିଲେ । ହେଲେ ସେଠାରେ ତାଙ୍କ ଗୋଡ଼ ଖସି ଯାଇଥିଲା । ଫଳରେ ସେ ପାଣିରେ ଭାସି ଯାଇଥିଲେ। ଏହା ଦେଖି ପାଖରେ ଥିବା ଗ୍ରାମବାସୀ ତୁରନ୍ତ ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ସରକାରୀ ଡାକ୍ତରଖାନା ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏସମ୍ପର୍କରେ ଖବର ପାଇ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ପୁଲିସ ।

# ଜୁଲାଇ ୪ ଯାଏଁ ଭୀଷଣ ବର୍ଷା!



ଭୁବନେଶ୍ୱର, ୩୦।୬ (ସଂଚାର ବ୍ୟୁରୋ) : ଆସୁଛି ଆଉ ଏକ ଲଘୁଚାପ । ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ବେଳେ ପଶ୍ଚିମବଙ୍ଗ ଓ ବାଂଲାଦେଶ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏହା ସକ୍ରିୟ ରହିଛି । ପରେ ୨ ଦିନରେ ଏହା ଅଧିକ ଘନୀଭୂତ ହୋଇ ଉତ୍ତର ଓ ଉତ୍ତର-ପଶ୍ଚିମ ଦେଇ ଉତ୍ତର ଓଡ଼ିଶା, ଝାଡଖଣ୍ଡ ସହ ଗ୍ୟାଙ୍ଗେଟିକ ପଶ୍ଚିମବଙ୍ଗ ଓ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ଗତି କରିବ । ଯାହାର ପ୍ରଭାବରେ ଆଗାମୀ ୪ରୁ ୫ ଦିନ ଯାଏଁ ବର୍ଷା ଲାଗି ରହିବ । ଜୁଲାଇ ୪ ତାରିଖ ଯାଏଁ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।

ଆଗାମୀ ୨୪ ଘଣ୍ଟା ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗି ରହିବ ସହିତ କିଛି କିଛି ସ୍ଥାନରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଅତି ପ୍ରବଳ ବର୍ଷା ନେଇ ୭ ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ନବରଙ୍ଗପୁର, କଳାହାଣ୍ଡି, କଳାହାଣ୍ଡି ଓ କୋରାପୁଟକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ରାୟଗଡ଼ା, ନୂଆପଡ଼ା, ଝାରସୁଗୁଡ଼ା, ବାଲେଶ୍ୱର, ଭଦ୍ରକ, ଗଜପତି, ଦେବଗଡ଼, ଯାଜପୁର, ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାକୁ ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଅନ୍ୟପଟେ କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମ ଜିଲ୍ଲାକୁ ପ୍ରବଳ ବଜ୍ରପାତ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୱାର୍ଣ୍ଣିଂ କରାଯାଇଥିବା ଜିଲ୍ଲାରେ ପବନର ବେଗ ଘଣ୍ଟାପ୍ରତି ୩୦-୪୦ କିମି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

ମଙ୍ଗଳବାର ପାଇଁ ୩ ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁରକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ ମୟୂରଭଞ୍ଜ, କେନ୍ଦୁଝର, ବରଗଡ଼, ସୋନପୁର, ଅନୁଗୋଳ ଓ ଦେବଗଡ଼କୁ ୟେଲୋ ୱାର୍ଣ୍ଣିଂ ରହିଛି । କେବଳ ବଜ୍ରପାତ ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଓ ଢେଙ୍କାନାଳ ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ୱାର୍ଣ୍ଣିଂ ଜାରି କରାଯାଇଥିବା ସବୁ ଜିଲ୍ଲାରେ ପବନର ବେଗ ୩୦-୪୦ କିମି ରହିବାର ସମ୍ଭାବନା ରହିଛି ।

### ଓଇଆର୍‌ସି ଅଧ୍ୟକ୍ଷ-ଉପଭୋକ୍ତା ମହାସଂଘ ଆଲୋଚନା

# ନିୟମିତ ଲୁଟ୍‌ର ଶିକାର ହେଉଛନ୍ତି ଖାଉଟୀ



ଭୁବନେଶ୍ୱର,୩୦।୬(ସଂଚାର ବ୍ୟୁରୋ): ୩୦ ବର୍ଷ ତଳେ ବିଶ୍ୱ ବ୍ୟାଙ୍କ ଋଣରେ ଦେଶର ଅନ୍ୟାନ୍ୟ ରାଜ୍ୟ ସହ ଓଡ଼ିଶାରେ ବିଜୁଳି ସଂସ୍କାର ଆରମ୍ଭ ହୋଇଥିଲା। ଶସ୍ତା ଓ ସୁଲଭ ଦରରେ ଗ୍ରାହକଙ୍କୁ ନିରବଚ୍ଛିନ୍ନ ଗୁଣାତ୍ମକ ବିଜୁଳି ସେବା ଯୋଗାଇଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କିନ୍ତୁ କେନ୍ଦ୍ର ସରକାରଙ୍କ ପାୱାର ଫାଇନାନ୍ସ କର୍ପୋରେସନ୍ (ପିଏଫ୍‌ସି)ର ରିପୋର୍ଟ ଅନୁସାରେ, ରାଜ୍ୟର ଉପଭୋକ୍ତାମାନଙ୍କୁ ଟାଟା ପାୱାର୍ ନିୟମିତ ଭାବେ ଶୋଷଣ କରୁଥିବା ସ୍ପଷ୍ଟ ହୋଇଛି। ପିଏଫ୍‌ସିର ୨୦୨୨-୨୩ ବର୍ଷର ରିପୋର୍ଟ ଅନୁଯାୟୀ ଜାତୀୟ ସ୍ତର ତୁଳନାରେ ରାଜ୍ୟରେ ଜଣେ ଉପଭୋକ୍ତା ୟୁନିଟ୍ ପିଛା ୯୦ ପଇସା ଅଧିକ ଦେଇଥିବାରୁ ଏ ବାବଦରେ ରାଜ୍ୟର ଖାଉଟୀମାନଙ୍କଠାରୁ ମୋଟ ପାଖାପାଖି ୪ ହଜାର କୋଟି ଲୁଟ୍ ହୋଇଛି। ସେହିପରି ୨୦୨୩-୨୪ରେ ଜାତୀୟ ସ୍ତର ତୁଳନାରେ ଓଡ଼ିଶାର ଜଣେ ଉପଭୋକ୍ତା ୟୁନିଟ୍ ପିଛା ହାରାହାରି ୨୪ ପଇସା ଅଧିକ ଦେଇଥିବାରୁ ଏ ବାବଦରେ ପ୍ରାୟ ୧୧୦୦ କୋଟି ଟଙ୍କା ଅଧିକ ନିଆଯାଇଛି ବୋଲି ଆଜି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ସେହିଭଳି ସରବରାହଜନିତ କ୍ଷତି ଜାତୀୟ ସ୍ତରରେ ୧୬.୧୨ ଭାଗ ଥିଲା ବେଳେ ଓଡ଼ିଶାରେ ଏହା ୧୯.୫୩ ପ୍ରତିଶତ। ତେଣୁ ୧ ପ୍ରତିଶତ ବିଜୁଳି କ୍ଷତି କମାଇ ପାରିଲେ, ଏ ବାବଦରେ ପ୍ରାୟ ୨୦୦ କୋଟି ସଞ୍ଚୟ ହୋଇପାରିବ। ତେଣୁ ୩ ପ୍ରତିଶତ ଅଧିକ କ୍ଷତିକୁ ହିସାବକୁ ନେଲେ ଓଡ଼ିଶାରେ ସରବରାହଜନିତ କ୍ଷତି ବାର୍ଷିକ ହାରାହାରି ୬୦୦ କୋଟି ରହିଛି। ଏହି କ୍ଷତିର ଭରଣା ରାଜ୍ୟର ୧ କୋଟି ଉପଭୋକ୍ତା ବର୍ଦ୍ଧିତ ଶୁଳ୍କ ଜରିଆରେ ପରୋକ୍ଷ ଭାବେ ଦେବାକୁ ବାଧ୍ୟ ହେଉଛନ୍ତି। ତେଣୁ ରାଜ୍ୟର ଉପଭୋକ୍ତାମାନଙ୍କୁ ନିୟମିତ ଲୁଟ୍ କରାଯାଉଛି ବୋଲି ଆଜି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଅଧ୍ୟକ୍ଷ ପ୍ରଦୀପ ଜେନାଙ୍କ ସହ ଆଲୋଚନା ସମୟରେ ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଆଲୋଚନାରେ ମହାସଂଘ ପକ୍ଷରୁ ଏକ ୯ଜଣିଆ ପ୍ରତିନିଧି ଦଳ ଭାଗ ନେଇଥଇଲେ।

ଏଥିରେ ମହାସଂଘ ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋ, ରବି ବେହେରା, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ ଓ ରାଧାକାନ୍ତ ସେଠୀ, ଆଇଏନ୍‌ଟିୟୁସିର ସାଧାରଣ ସମ୍ପାଦକ କିଶୋର ଜେନା, ଫରୱାର୍ଡ ବ୍ଲକର ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ସି.ପି.ଆଇ (ଏମ-ଏଲ୍) ରେଡ୍ ଷ୍ଟାରର ସାଧାରଣ ସମ୍ପାଦିକା ପ୍ରମିକା ବେହେରା, ବସ୍ତି ସୁରକ୍ଷା ମଞ୍ଚର ହେନା ବାରିକ ଓ ଫରୱାର୍ଡ ବ୍ଲକର ସୁବ୍ରତୀ ଦଳାଇ ରହିଥିଲେ। ସେମାନେ ଅଧ୍ୟକ୍ଷଙ୍କ ସହ ୭ ଦଫା ଦାବି ନେଇ ପାଖାପାଖି ୨ ଘଣ୍ଟା ଆଲୋଚନା କରିଥିଲେ। ୭ ଦଫା ଦାବି ମଧ୍ୟରେ ଉପଭୋକ୍ତାଙ୍କଠାରୁ ଲୁଟ୍ ହୋଇଥିବା ପ୍ରାୟ ୫୨୦୦ କୋଟି ଟଙ୍କା ସୁଧ ସହ ଫେରସ୍ତ, ସରବରାହଜନିତ କ୍ଷତିକୁ ୧୬ ପ୍ରତିଶତକୁ ଖସାଇବା, ଓଡ଼ିଆ ଭାଷାରେ ବିଲ୍ ଦେବା, ଜିଲ୍ଲାପାଳଙ୍କ ଅଫିସ୍ ସମେତ ପଞ୍ଚାୟତ ଓ ପ୍ରତି ବିଦ୍ୟୁତ୍ ସେକସନ୍‌ରେ ବିଜୁଳି ସମ୍ପର୍କିତ ସମସ୍ୟା ପାଇଁ ନିଃଶୁଳ୍କ ଟେଲିଫୋନ୍ ନମ୍ବର ଉପଲବ୍ଧ କରାଇବା, ରାଜ୍ୟସ୍ତରରେ ଜଣେ ନୋଡାଲ୍ ଅଫିସରଙ୍କୁ ନିଯୁକ୍ତି, ମିଟର ଓ ଏନର୍ଜି ଚାର୍ଜ ଉଚ୍ଛେଦ କରିବା, ନୂଆ ଲାଇନ୍ ପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ, ସବୁଜ ଶକ୍ତି, ଅକ୍ଷୟ ଶକ୍ତି, ପବନ କଳ ଓ ଗୋବର ଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରି ସବୁଜ ଶକ୍ତି ଆନ୍ଦୋଳନକୁ ବ୍ୟାପକ କରିବା, ଅଘୋଷିତ ବିଦ୍ୟୁତ୍‌କାଟ ବନ୍ଦ କରିବା ଓ ଟାଟା ପାୱାରରେ ଓଡ଼ିଆଙ୍କ ପାଇଁ ୭୫ ପ୍ରତିଶତ ଚାକିରି ସଂରକ୍ଷଣ ଆଦି ରହିଛି। ଆଲୋଚନା ପରେ ଶ୍ରୀ ଜେନା ମହାସଂଘ ପକ୍ଷରୁ ଉପସ୍ଥାପିତ ଦାବିର ତର୍ଜମା ପୂର୍ବକ ଆଇନ୍ ଅନୁଯାୟୀ ବିହିତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା କୁହାଯାଇଛି।

# ଓଲଟିଲା ବିପିଏଲ ଚାଉଳ ବୋଝେଇ ଟ୍ରକ୍

## ବର୍ଷାରେ ଭିଜିଲା ୩୦ ଟନ୍ ଚାଉଳ

ରାଉରକେଲା, ୩୦।୬ (ସଂଚାର ବ୍ୟୁରୋ) : ସୁନ୍ଦରଗଡ ଜିଲ୍ଲା ବଣାଇ ଥାନା ଅନ୍ତର୍ଗତ ବରାମୂଷା ନିକଟରେ ସୋମବାର ସକାଳେ ବିପିଏଲ ଚାଉଳ ନେଇ ଯାଉଥିବା ଟ୍ରକ୍‌ଟି ଓଲଟି ପଡ଼ିଛି । ଫଳରେ ପାଣିରେ ପଡ଼ି ଚାଉଳ ଭିଜି ଯାଇଛି। ସୌଭାଗ୍ୟବଶତଃ ଚାଳକଙ୍କର କୌଣସି କ୍ଷତି ହୋଇନାହିଁ। ସୂଚନା ମୁତାବକ, ବଣାଇର ଗମଲେଇ ନିକଟରେ ଥିବା ଏକ ରାଇସ ମିଲରୁ ପ୍ରାୟ ୩୦ ଟନ୍ ଚାଉଳ ଧରି ଏକ ଟ୍ରକ୍ ଆସୁଥିଲା। ପାଣ୍ଡିରୀ ଶିଳା ନିକଟରେ



ଏକ ପୋଲ ପାଖରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଚାଉଳ ସବୁ ପାଣିରେ ପଡ଼ି ଯାଇଥିଲା। ପରେ ପାଣିରୁ ଚାଉଳ ବସ୍ତା ବାହାର କରାଯାଇ ଅନ୍ୟ ଏକ ଟ୍ରକ୍‌ରେ ସ୍ଥାନାନ୍ତରିତ କରାଯାଇଥିଲା। ଉକ୍ତ ଜାଗାରେ ଏକ ନୂତନ ବ୍ରିଜ୍ ହେଉଥିବା ବେଳେ ଆପ୍ରୋଚ୍ ରୋଡ୍ ଦେଇ ଟ୍ରକ୍ ଯାଉଥିବା ବେଳେ ବର୍ଷା ଯୋଗୁ ରାସ୍ତାଟି ଦବି ଯାଇଛି। ଫଳରେ ଏଭଳି ଦୁର୍ଘଟଣା ଘଟିଲା।

# ସ୍କୁଲ ଗାଡ଼ିକୁ ପିଟିଲା ଟ୍ରକ୍: ଚାଳକ ମୃତ, ୮ ଛାତ୍ରଛାତ୍ରୀ ଆହତ



ଆନନ୍ଦପୁର,୩୦।୬(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁରରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ଚାଳକଙ୍କ ମୃତ୍ୟୁ ଘଟିଛି। ଏକ ସ୍କୁଲ ଗାଡ଼ିକୁ ଟ୍ରକ୍ ଧକ୍କା ଦେବା ଫଳରେ ୮ ଜଣ ଛାତ୍ରଛାତ୍ରୀ ଆହତ ହୋଇ ସ୍ଥାନୀୟ ସାଇଁକୁଳ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଆନନ୍ଦପୁର ୨୦ ନମ୍ବର ଜାତୀୟ ରାଜପଥ ନୂଆଗାଁ ପେଟ୍ରୋଲ ପମ୍ପ ନିକଟରେ ଏହି ଦୁର୍ଘଟଣା ଘଟିଛି। ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ସମୟରେ ଉକ୍ତ ବୋଲେରୋର ଟ୍ରକ୍ ସହ ଧକ୍କା ହୋଇଥିଲା। ଫଳରେ ବୋଲେରୋଟି ରାସ୍ତା କଡ଼କୁ ଓଲଟି ପଡ଼ିଥିବା ବେଳେ ଘଟଣାସ୍ଥଳରେ ଚାଳକଙ୍କ ମୃତ୍ୟୁ ହୋଇଯାଇଥିଲା। ସେହିପରି ଆହତ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଥିବା ଜଣାପଡ଼ିଛି। ତେବେ ଦୁର୍ଘଟଣା ଘଟାଇବା ପରେ ଟ୍ରକ ଚାଳକ ଜଣଙ୍କ ଘଟଣାସ୍ଥଳରୁ ଫେରାର ହୋଇଯିବାରେ ସକ୍ଷମ ହୋଇଛି। ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ବୋଲେରୋକୁ ଜବତ କରିବା ସହ ସମସ୍ତଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା।

# ପ୍ରେମ ପାଇଁ ବନ୍ଧୁ ସାଜିଲା ବଇରୀ, ନେଲା ବନ୍ଧୁଙ୍କ ଜୀବନ



କଣ୍ଟାବାଞ୍ଜି,୩୦।୬(ସଂଚାର ବ୍ୟୁରୋ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ଡୁମେରଚୁଆଁ ଗାର କୁଞ୍ଜ ମାଝିଙ୍କ ଗଳିତ ଶବ ଉଦ୍ଧାର ଘଟଣା ଆଜି ପର୍ଦ୍ଦାଫାସ ହୋଇଛି । ପ୍ରେମ ବ୍ୟାପାରକୁ ନେଇ ନିଜ ବନ୍ଧୁ ଆଉ ଜଣେ ବନ୍ଧୁଙ୍କ ଜୀବନ ନେଇଥିବା ପୋଲିସ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି । ଗତ ୨୦ ତାରିଖ ଡୁମେରଚୁଆଁ ଗାଁର କୁଞ୍ଜ ମାଝି ନିଖୋଜ ଥିବା ନେଇ ପରିବାର ଲୋକ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ମୁତାବକ ୨୦ ତାରିକଖ ରାତି କୁଞ୍ଜ ର ମୋବାଇଲକୁ ଫୋନ ଆସିବା ପରେ ସେ ଘରୁ ବାହାରି ଆଉ ଫେରିନଥିଲେ । କୁଞ୍ଜ ନିଖୋଜର ୧୦ ଦିନ ପରେ ପୁରୁଣା ସିମେଣ୍ଟ ଫାକ୍ଟ୍ରି ଭିତରେ ଥିବ ପରିତ୍ୟକ୍ତ କୁଅରୁ ଗଳିତ ଶବ ଉଦ୍ଧାର ହୋଇଥିଲା । ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ କୁଞ୍ଜକୁ ଆସିଥିବା ଶେଷ କଲକୁ ନେଇ କିଛି ସୁରାକ ମିଳିଥିଲା । କୁଞ୍ଜ ସହିତ ସାଙ୍ଗ ହେଉଥିବା ସେହି ଗାଁର ସତ୍ୟ ନାଗ ଏବଂ ଶଙ୍କର ଖର୍ସେଲକୁ ଅଟକ ରଖି ପଚରା ଉଚରା ପରେ ସେମାନେ ହତ୍ୟା କରିଥିବା ସ୍ୱୀକାର କରିଥିଲେ । ତେବେ ସତ୍ୟ ନାଗ ଯେଉଁ ଝିଅ ସହ ୨ ବର୍ଷ ହେବ ପ୍ରେମ କରୁଥିଲା ସେହି ଝିଅ ସହ କୁଞ୍ଜ ଫୋନରେ କଥା ହେଉଥିବା ଯୋଗୁ ସେ ହତ୍ୟା କରିଥିବା ସାମ୍ବାଦିକ ସମ୍ମିଳନୀରେ ଏଡିସନାଲ ଏସପି ଆଲୋକ ଜେନା ସୂଚନା ଦେଇଛନ୍ତି । ହତ୍ୟାରେ ବ୍ୟବହାର ହୋଇଥିବା ଲୁହା ପାଇପ ଏବଂ କୁଞ୍ଜର ଫୋନ ପୋଲିସ ଜବତ କରିଛି। ସତ୍ୟ ନାଗ ମୁଖ୍ୟ ଅଭିଯୁକ୍ତ ଥିବା ବେଳେ ଶଙ୍କର ଖର୍ସେଲ ସହଯୋଗୀ ଭାବେ ହତ୍ୟାରେ ସହଯୋଗ କରିଥିବା ମଧ୍ୟ ପୋଲିସ ସୂଚନା ଦେଇଛି ।

# ସରିଲା ଡେଡ୍‌ଲାଇନ୍

## ଇ-କେୱାଇସି କରିନଥିଲେ ମିଳିବନି ରାସନ

ଭୁବନେଶ୍ୱର, ୩୦।୬ (ସଂଚାର ବ୍ୟୁରୋ) : ସରିଲା ରାସନକାର୍ଡ ଡେଡ୍‌ଲାଇନ୍ । ଚଳିତ ମାସରୁ ଆଉ ମିଳିବନି ରାସନ । ଯେଉଁମାନେ ଇ-କେୱାଇସି କରିନାହାନ୍ତି । ସେମାନଙ୍କ କାର୍ଡ ଚଳିତ ମାସରୁ ସସ୍‌ପେଣ୍ଡ କରାଯିବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ସେ ଆହୁରି ମଧ୍ୟ କହିଛନ୍ତି ଯେ, ରାସନକାର୍ଡ ଡେଡଲାଇନ୍ ବୃଦ୍ଧି ନେଇ ରାଜ୍ୟ ସରକାର ତାରିଖ ପରେ ତାରିଖ ବଢ଼ାଇଥିଲେ । ତେଣୁ ଆଗକୁ ଆଉ ବଢ଼ିବନି ଇ-କେୱାଇସି ପାଇଁ। ତେଣୁ ସେମାନଙ୍କ କାର୍ଡ ସସ୍‌ପେଣ୍ଡ କରାଯିବ । ୨୦ ଲକ୍ଷ ୫୮ ହଜାର କାର୍ଡ ସସ୍‌ପେଣ୍ଡ କରାଯିବ। ୩ ମାସ ପର୍ଯ୍ୟନ୍ତ କାର୍ଡ ସସ୍‌ପେଣ୍ଡ କରାଯିବ। ଏହି ଅବଧି ମଧ୍ୟରେ ଯେଉଁମାନେ ଆସିବେ ଇ-କେୱାଇସି କରି ସେମାନଙ୍କୁ ରାସନ ଦିଆଯିବ। ଯେଉଁମାନେ ନ ଆସିବେ ସେମାଙ୍କ କାର୍ଡ ସବୁଦିନ ପାଇଁ ବନ୍ଦ ହେବ।

### ପୁରୀ ଷ୍ଟେସନ୍‌ରେ ଟଳିଗଲା ବଡ଼ ଅଘଟଣ

# ସମ୍ଭାବ୍ୟ ଦଳାଚକଟାକୁ ଏଡ଼ାଇଲେ ଜିଆର୍‌ପି ଓ ଆରପିଏଫ୍ ଟିମ୍



ପୁରୀ,୩୦।୬(ସଂଚାର ବ୍ୟୁରୋ): ଗତକାଲି ଭୋର୍ ସମୟରେ ପୁରୀରେ ମହାପ୍ରଭୁଙ୍କ ଆଡ଼ପ ଦର୍ଶନ ଦେଖିବା ସକାଶେ ହୋଇଥିବା ଭିଡ଼ରେ ଦଳାଚକଟା ପରିସ୍ଥିତିରେ ୩ ଜଣ ଭକ୍ତ ପ୍ରାଣ ହରାଇଛନ୍ତି। ତେବେ ଏହା ପୂର୍ବରୁ ରଥଯାତ୍ରା ଦିନ ଶ୍ରୀକ୍ଷେତ୍ରରେ ଆଉ ଏକ ଦଳାଚକଟା ଘଟଣାକୁ ଜିଆର୍‌ପି ଓ ଆର୍‌ପିଏଫ୍ ଟିମ୍‌ର ଉପସ୍ଥିତ ବୁଦ୍ଧି ଯୋଗୁଁ ଟାଳିଦିଆଯାଇପାରିଛି। ପୁରୀ ରେଳ ଷ୍ଟେସନରେ ଏହି ସମ୍ଭାବ୍ୟ ଦଳାଚକଟା ସ୍ଥିତିକୁ ନିୟନ୍ତ୍ରଣ କରିଥିବାରୁ ରେଳବାଇ କର୍ତ୍ତୃପକ୍ଷ ଉଭୟ ବାହିନୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ମିଳିଥିବା ସୂଚନାନୁସାରେ, ରଥଯାତ୍ରା ଦିନ ରଥଟଣା ବନ୍ଦ ହେବା ପରେ ହଜାର ହଜାର ଭକ୍ତ ଘରକୁ ଫେରିବା ସକାଶେ ଟ୍ରେନରେ ଚଢ଼ିବା ପାଇଁ ରେଳଷ୍ଟେସନ ଆଡ଼କୁ ଧାଇଁଥିଲେ। ଫଳରେ ଷ୍ଟେସନ ଓ ଏହାର ଆଖପାଖ ଅଞ୍ଚଳରେ ହଠାତ୍ ବଡ଼ ଧରଣର ଭିଡ଼ ଆରମ୍ଭ ହୋଇଯାଇଥିଲା। ପରିସ୍ଥିତିକୁ ଦେଖି ଜିଆରପି ଓ ଆର୍‌ପିଏଫ୍‌ର ବରିଷ୍ଠ ଅଧିକାରୀମାନେ ତୁରନ୍ତ ଏହାକୁ ନିୟନ୍ତ୍ରଣ କରିବା ସକାଶେ ରଣନୀତି ପ୍ରସ୍ତୁତ କରିଥିଲେ। ସେହି ଅନୁସାରେ ଯାତ୍ରୀମାନଙ୍କୁ ନିୟନ୍ତ୍ରଣ କରାଯାଇଥିଲା। ରେଳ ଷ୍ଟେସନର ମୁଖ୍ୟ ଦ୍ୱାର, ଷ୍ଟେସନ ଭବନ ପ୍ରବେଶ ଦ୍ୱାର, କନକୋର୍ସ ଅଞ୍ଚଳ ଏବଂ ପ୍ଲାଟଫର୍ମ ଆଦି ସମସ୍ତ ପ୍ରମୁଖ ପ୍ରବେଶ ପଥରେ ତୁରନ୍ତ ମାନବ ଶୃଙ୍ଖଳ ଗଠନ କରାଯାଇଥିଲା। ଏହା ଭିଡ଼ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥିଲା। ବିଶେଷ ଭାବେ ବୃଦ୍ଧ, ମହିଳା ଓ ଶିଶୁଙ୍କୁ ସୁରକ୍ଷା ଦେବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଅବଶ୍ୟ ଅତ୍ୟଧିକ ଭିଡ଼ ଯୋଗୁଁ କେତେକ ଯାତ୍ରୀ ଅଚେତ ହୋଇପଡ଼ିଥିଲେ। କିନ୍ତୁ ସେମାନଙ୍କୁ ତୁରନ୍ତ ଜିଆରପି ଓ ଓଡ୍ରାଫ୍ ଟିମ୍ ଉଦ୍ଧାର କରିବା ପରେ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ରେଳ ଏଡିଜି ଅରୁଣ ବୋଥ୍ରା ଓ ରେଳବାଇ ଏସପି ବିବେକାନନ୍ଦ ଶର୍ମା ବିଳମ୍ବିତ ରାତି ପର୍ଯ୍ୟନ୍ତ ଯାତ୍ରୀ ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ବ୍ୟକ୍ତିଗତ ଭାବେ ତଦାରଖ କରିଥିଲେ।

# ବ୍ରିଜ ତଳକୁ ଖସିଲା ଚାଉଳ ବୋଝେଇ ଟ୍ରକ

● ୬ ଘଣ୍ଟା ପରେ ଉଦ୍ଧାର ହୋଇଥିଲେ ଚାଳକ, ଡାକ୍ତରଖାନାରେ ହେଲା ମୃତ୍ୟୁ



ଲାଞ୍ଜିଗଡ,୩୦।୬(ସଂଚାର ବ୍ୟୁରୋ):ଲାଞ୍ଜିଗଡ ବ୍ଲକ ରାୟପୁର ଠାରୁ ବିଶାଖାପାଟଣା ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥ ଢେପଗୁଡା ନିକଟସ୍ଥ ଏକ ଅଣ ଓସାରିଆ ପୋଲରେ ଭାରସାମ୍ୟ ହରାଇ ଏକ ଚାଉଳ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି । ଟ୍ରକଟି ବ୍ରିଜ ତଳକୁ ଖସି ଚୁରମାର ହୋଇଯାଇଥିବା ବେଳେ ଡ୍ରାଇଭର ଏବଂ ହେଲପରଙ୍କୁ ଗୁରୁତର ଅବସ୍ତାରେ ଉଦ୍ଧାର କରାଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ଡ୍ରାଇଭରର ମୃତ୍ୟୁ ଘଟିଛି । ସୂଚନାନୁସାରେ ରବିବାର ବିଳମ୍ବିତ ରାତିରେ ଏକ ଚାଉଳ ବୋଝେଇ ଟ୍ରକ ରାୟପୁର ଠାରୁ ବିଶାଖାପାଟଣା ଅଭିମୂଖେ ଯାଉଥିବା ସମୟରେ ବିପରିତ ଦିଗରେ ଆସୁଥିବା ଏକ ଟ୍ରକକୁ ବଞ୍ଚାଇବାକୁ ଯାଇ ଚାଉଳ ଟ୍ରକଟି ଭାରସାମ୍ୟ ହରାଇ ଦୁଇଟି ଗଛରେ ପିଟି ହେଇ ୨୦ ଫୁଟ ବ୍ରିଜ ତଳକୁ ଖସି ପଡିଥିଲା । ଦୁର୍ଘଟଣା ଘଟିବା ପରେ ଖବର ପାଇ ସିକେରକୁପା ଫାଣ୍ଡି ଅଧିକାରୀ ମିନ କେତନ ଶବର, କନେଷ୍ଟବଳ ବିଶ୍ୱନାଥ ମହଲା ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ ଓ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । ସିକେରକୁପା ଫାଣ୍ଡି ପୋଲିସ ହେଲପରକୁ ଉଦ୍ଧାର କରି ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିବା ବେଳେ ଚାଳକ ଟ୍ରକ ଭିତରେ ଚାପି ହୋଇ ରହିଥିଲେ। ଖବର ପାଇବା ପରେ ବିଶ୍ୱନାଥପୁର ପୁଲିସ ପହଞ୍ଚିଥିଲେ । ଲାଞ୍ଜିଗଡ ଏବଂ ଭବାନୀପାଟଣା ଅଗ୍ନିଶମ ବିଭାଗ ଗାଡି ପହଞ୍ଚି ଥିବା ବେଳେ ଦୀର୍ଘ ୬ ଘଣ୍ଟା ପରେ ଗୁରୁତର ଭାବେ ଚାଳକକୁ ଉଦ୍ଧାର କରିଥିଲା ଅଗ୍ନିଶମ ବିଭାଗ । ଡ୍ରାଇଭରକୁ ଗୁରୁତର ଅବସ୍ଥାରେ ଉଦ୍ଧାର କଲା ପରେ ଆମ୍ବୁଲାନସ ଯୋଗେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା ଏବଂ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ହେଲପରକୁ ଚିକିତ୍ସା କରିଥିବା ବେଳେ ଗୁରୁତର ହେବାରୁ ତାକୁ ମଧ୍ୟ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଡ୍ରାଇଭରର ମୃତ୍ୟୁ ଘଟିଥିବା ସୂଚନା ମିଳିଛି ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ




ଭୁବନେଶ୍ୱର,୩୦।୬(ସଂଚାର ବ୍ୟୁରୋ): ଭୁବନେଶ୍ୱରର ବିଭିନ୍ନ ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଗତ ରଥଯାତ୍ରାରେ ସେମାନଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣା ସହ ଅନ୍ୟାନ୍ୟ କେତେକ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରତିବର୍ଷ ଭୁବନେଶ୍ୱରର ସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପୁରୀକୁ ନିଆଯାଇ ରଥଯାତ୍ରାର ରିପୋର୍ଟିଂ ବ୍ୟବସ୍ଥା କରାଯାଇଥାଏ। ତେବେ ଚଳିତବର୍ଷ ପୁରୀଠାରେ ସାମ୍ବାଦିକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିବା ପ୍ରକାଶ କରି ଏହି ସାମ୍ବାଦିକମାନେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ବିଚାର ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସାମ୍ବାଦିକମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆଲୋଚନାରେ ବରିଷ୍ଠ ସାମ୍ବାଦିକ ସନତ ମିଶ୍ର, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଭାଗବତ ତ୍ରିପାଠୀ, ପବିତ୍ର ମୋହନ ସାମନ୍ତରାୟ, ପାର୍ଥସାରଥୀ ଜେନା, କିଶୋର ମଙ୍ଗରାଜ, ଦେବକାନ୍ତ ମହାପାତ୍ର, ସ୍ୱରୂପ କୁମାର ମହାନ୍ତି, ଗଜେନ୍ଦ୍ରନାଥ ବେହେରା, ସନାତନ ଦଳବେହେରା, ସୁବୋଧ କାନୁନଗୋ, ସୂର୍ଯ୍ୟକାନ୍ତି ନାୟକ, ଦେବ ମହାନ୍ତି ଓ ସ୍ୱଦେଶ ଦାଶ ଉପସ୍ଥିତ ଥିଲେ ।

### ୭ ଘଣ୍ଟା ଡ୍ୟୁଟି ବାଧ୍ୟତାମୂଳକ

# ପ୍ରିନ୍ସିପାଲ, ଶିକ୍ଷକ, ଅଣଶିକ୍ଷକ କର୍ମଚାରୀଙ୍କୁ ଉଚ୍ଚଶିକ୍ଷା ବିଭାଗର କଡ଼ା ନିର୍ଦ୍ଦେଶ

ଭୁବନେଶ୍ୱର, ୩୦।୬ (ସଂଚାର ବ୍ୟୁରୋ) : ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ସହାୟତାପ୍ରାପ୍ତ ମହାବିଦ୍ୟାଳୟର ପ୍ରିନ୍ସିପାଲ ତଥା ଶିକ୍ଷକ ଓ ଅଣ-ଶିକ୍ଷକ କର୍ମଚାରୀମାନଙ୍କୁ ୭ ଘଣ୍ଟିଆ କର୍ତ୍ତବ୍ୟ ନିୟମକୁ କଡ଼ାକଡ଼ି ମାନିବାକୁ ନିର୍ଦ୍ଦେଶ ଦେଇଛି।




ଏ ସମ୍ପର୍କରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ସୋମବାର ରାଜ୍ୟର ସମସ୍ତ ମହାବିଦ୍ୟାଳୟର ପ୍ରିନ୍ସିପାଲଙ୍କୁ ଏକ ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ, ୭ ଘଣ୍ଟିଆ କର୍ତ୍ତବ୍ୟ ନିୟମ ଉଲ୍ଲଂଘନର ଅନେକ ଘଟଣା ସାମ୍ନାକୁ ଆସିଛି। ଏହା ସହ, ମହାବିଦ୍ୟାଳୟରେ ଶିକ୍ଷକ ଓ ଅଣ-ଶିକ୍ଷକ କର୍ମଚାରୀଙ୍କ ପାଇଁ ବାଧ୍ୟତାମୂଳକ ବାୟୋମେଟ୍ରିକ ହାଜିରା ବ୍ୟବସ୍ଥାରେ ମଧ୍ୟ ଅନିୟମିତତା ଦେଖାଦେଇଛି। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଉଲ୍ଲେଖ କରିଛନ୍ତି ଯେ, କେତେକ ପ୍ରିନ୍ସିପାଲ ନିଜେ ଏହି ନିୟମ ଉଲ୍ଲଂଘନ କରୁଛନ୍ତି, କିନ୍ତୁ ଅନ୍ୟ କର୍ମଚାରୀଙ୍କ ସମାନ କାର୍ଯ୍ୟ ପାଇଁ କଡ଼ା ମନୋଭାବ ଗ୍ରହଣ କରୁଛନ୍ତି। ଚିଠି ଅନୁସାରେ, କେତେକ ପ୍ରିନ୍ସିପାଲ ଓ କର୍ମଚାରୀ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ସୂଚନା ନ ଦେଇ ମହାବିଦ୍ୟାଳୟରୁ ଅନୁପସ୍ଥିତ ରହୁଛନ୍ତି।

ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ପ୍ରିନ୍ସିପାଲମାନଙ୍କୁ ଏହି ନିୟମ ମାନିବା ସହ ଅନ୍ୟ କର୍ମଚାରୀମାନଙ୍କୁ ଏ ଦିଗରେ ମାର୍ଗଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପଦକ୍ଷେପ ମହାବିଦ୍ୟାଳୟଗୁଡ଼ିକରେ ଶୃଙ୍ଖଳା ଓ ଦାୟିତ୍ୱବୋଧ ବୃଦ୍ଧି କରିବା ଲକ୍ଷ୍ୟରେ ନିଆଯାଇଛି।

# ହିମାଚଳରେ ପ୍ରବଳ ବର୍ଷା

# ୧୦ ଦିନରେ ଗଲାଣି ୪୪ ଜୀବନ




**ନୂଆଦିଲ୍ଲୀ,୩୦।୬:** ହିମାଚଳ ପ୍ରଦେଶରେ ଲଗାତାର ମୂଷଳଧାରରେ ବର୍ଷା ଲାଗି ରହିଛି। ମିଳିଥିବା ସୂଚନା ଅନୁସାରେ, ରାଜ୍ୟରେ ୨୨ ଭୂସ୍ଖଳନ ସମ୍ଭାବିତ ସ୍ଥାନକୁ ଚିହ୍ନଟ କରାଯାଇଛି। ତା ମଧ୍ୟରୁ ୧୭ଟିରେ ଭୂସ୍ଖଳନ ବିପଦ ଅଧିକ ରହିଛି। ସେଭଳି ଆଉ ଏକ ସ୍ଥାନକୁ ବହୁତ ଅଧିକ ବିପଦ ଶ୍ରେଣୀରେ ରଖାଯାଇଛି। ଏହି ରିପୋର୍ଟ ର । ଜ ୟର ବିଭିନ୍ନ ଜିଲ୍ଲାର ସମ୍ବେଦନଶୀଳ ଅଞ୍ଚଳରେ ୩୦ ଜୁନ୍ ପର୍ଯ୍ୟନ୍ତ ପ୍ରାପ୍ତ ସୂଚନା ଉପରେ ଆଧାରିତ। କାଙ୍ଗଡା ଜିଲ୍ଲା ସର୍ବାଧିକ ବିପଦ ଶ୍ରେଣୀରେ ରହିଛି। ଯାହାକି ବର୍ତ୍ତମାନ ସବୁଠାରୁ ସମ୍ବେଦନଶୀଳ ଜୋନ୍ ଘୋଷଣା କରାଯାଇଛି। ମୋଟ ଭାବରେ ମଣ୍ଡି ଜିଲ୍ଲାର ୧୫ଟି ସ୍ଥାନ ରହିଛି। ଏଥିରେ ପ୍ରସିଦ୍ଧ ଟୁରିଷ୍ଟ ସ୍ପଷ୍ଟ ପରାଶର, ଗ୍ରିଫାନ୍ ପିକେ-୧ ରୁ ୧୦ ପର୍ଯ୍ୟନ୍ତ, ମନାଲି ଓ ବିଶ୍ୱକର୍ମା ମନ୍ଦିର ମଧ୍ୟ ରହିଛି। ସେଭଳି କାଙ୍ଗଡା ଜିଲ୍ଲାର ୪, ଶିମଲାର ୨ ଓ ସୋଲାନର ଗୋଟିଏ 'ଉଚ୍ଚ ବିପଦ' ସ୍ଥାନ ରହିଛି। କାଙ୍ଗଡା ଜିଲ୍ଲା ମୁଖ୍ୟାଳୟ ଧର୍ମଶାଳା ଓ ଶିମଲା ଜିଲ୍ଲାର ଜତୋଗଁ ମଧ୍ୟ ଖୁବ୍ ବିପଦରେ ରହିଛି। ରାଜ୍ୟ ବିପର୍ଯ୍ୟୟ ମୁକାବିଲା ବିଭାଗ ଅନୁସାରେ ୨୦ ରୁ ୩୦ ଜୁନ୍ ଭିତରେ ରାଜ୍ୟରେ ୪୪ ଲୋକଙ୍କର ଜୀବନ ବର୍ଷା ଯାଇସାରିଲାଣି। ସେଭଳି ୮୨ ଜଣ ଆହତ ହୋଇଛନ୍ତି। ରାଜ୍ୟରେ ପ୍ରାୟ ୭୫ କୋଟି ଟଙ୍କାର କ୍ଷତି ହୋଇସାରିଛି।

# ମନ୍ଦିର ପ୍ରସାଦରେ ମୃତ ଅସରପା



**ନୂଆଦିଲ୍ଲୀ,୩୦।୬:** ସୋସିଆଲ୍ ମିଡିଆରେ ଏମିତି ଅନେକ ସମୟରେ କିଛି ନା କିଛି ଭିଡିଓ ଭାଇରାଲ୍ ହୁଏ ଯାହା ଚର୍ଚ୍ଚାର ବିଷୟ ପାଲଟିଥାଏ । ସେ ହୋଟେଲ୍ ଖାଦ୍ୟରେ ପୋକ ବାହାରିବାକୁ ନେଇ ହେଉ କିମ୍ବା ଆଇସକ୍ରିମରେ ଝିଟିପିଟିକୁ ବାହାରିବାକୁ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଖିବାକୁ ମିଳିଥାଏ । ତେବେ ଏହାରି ଭିତରେ ବର୍ତ୍ତମାନ ପୁଣି ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ଏହି ଭିଡିଓରେ ଲଡ୍ଡୁ ଭିତରେ ମୃତ ଅସରପା ବାହାରୁଥିବାର ନଜର ଆସୁଛି । ଭିଡିଓରେ କୁହାଯାଇଛି ଯେ ଆନ୍ଧ୍ରପ୍ରଦେଶର ଦେବସ୍ଥାନମ୍ ମନ୍ଦିରରେ ଲଡ୍ଡୁ ପ୍ରସାଦରେ ଏହି ଅସରପା ଦେଖିବାକୁ ମିଳିଛି । ଭିଡିଓ ଭାଇରାଲ୍ ହେବା ପରେ ଏହାକୁ ନେଇ ସାରା ରାଜ୍ୟରେ ତୁମ୍ବି ତୋଫାନ ଦେଖିବାକୁ ମିଳୁଛି । ଭକ୍ତଙ୍କ ଆସ୍ଥା, ବିଶ୍ୱାସ ସହ ଜଡ଼ିତ ମନ୍ଦିରର ପ୍ରସାଦରେ ମୃତ ଅସରପା ବାହାରିବାକୁ ନେଇ ଭକ୍ତ ଅସନ୍ତୋଷ ଜାହିର କରୁଛନ୍ତି । ଏହି ଭିଡିଓକୁ ପ୍ରଥମେ ସୋସିଆଲ୍ ମିଡିଆରେ ଶରସଚନ୍ଦ୍ର ନାମକ ଜଣେ ବ୍ୟକ୍ତି ପୋଷ୍ଟ୍ କରିଥିଲେ । ଭିଡିଓରେ ଲଡ୍ଡୁ ଭିତରେ ମୃତ ଅସରପା ଦେଖିବାକୁ ମିଳିଥିଲା । ଏହି ଲଡ୍ଡୁ ଶ୍ରୀଶୈଳମ୍ ଦେବସ୍ଥାନମ୍ ମନ୍ଦିରରେ ଜଣେ ଶ୍ରଦ୍ଧାଳୁଙ୍କ ପ୍ରସାଦରୁ ମିଳିଥିବା କଥା କୁହାଯାଉଛି। ଶରସଚନ୍ଦ୍ର ଏହି ପୋଷ୍ଟ୍ ଜରିଆରେ ମନ୍ଦିରର କାର୍ଯ୍ୟକର୍ତ୍ତାଙ୍କୁ ଅଭିଯୋଗ କରିଥିଲେ। ତେବେ ଏହାକୁ ଖଣ୍ଡନ କରିଛନ୍ତି ମନ୍ଦିରର କାର୍ଯ୍ୟକାରୀ ଅଧିକାରୀ ଶ୍ରୀନିବାସ ରାଓ । ସେ କହିଛନ୍ତି 'ପ୍ରସାଦ ପ୍ରସ୍ତୁତ କରିବା ସମୟରେ ସ୍ୱଚ୍ଛତାର ବିଶେଷ ଧ୍ୟାନ ଦିଆଯିବା ସହ ଲଡ୍ଡୁ ସେଣ୍ଟରର କର୍ମଚାରୀ ପ୍ରସାଦ ପ୍ୟାକିଙ୍ଗର ବ୍ୟବସ୍ଥା କରିଥା'ନ୍ତି । ଏଭଳି ପରିସ୍ଥିତିରେ ପ୍ରସାଦରୁ ପୋକ କିମ୍ବା ଅନ୍ୟ କୌଣସି କୀଟ ବାହାରିବାର ପ୍ରଶ୍ନ ହିଁ ଉଠୁନି।' ତେବେ ଏହି ଘଟଣାକୁ ନେଇ ଏବେ ଭକ୍ତଙ୍କ ମନରେ ବଡ଼ ପ୍ରଶ୍ନ ଉଠୁଛି ।

# ମୁଁ ହିଁ ମୁଖ୍ୟମନ୍ତ୍ରୀ ଚେହେରା



## ନିର୍ବାଚନ ଜିତିଲେ ବିହାରକୁ ସ୍କଟଲ୍ୟାଣ୍ଡ କରିଦେବୁ

**ପାଟନା,୩୦।୬:** ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଆରଜେଡି ନେତା ତେଜସ୍ୱୀ ଯାଦବ ଏକ ବଡ଼ ଦାବି କରିଛନ୍ତି। ସେ କହିଛନ୍ତି ଯେ, ତେଜସ୍ୱୀ ଯାଦବ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ଚେହେରା । ଏ ନେଇ ଇଣ୍ଡି ମେଣ୍ଟରେ ଏକମତ ଅଛି । ବିହାରରେ ଆମର ସରକାର ଗଠନ ହେବାକୁ ଯାଉଛି। ଯଦି ଆମର ସରକାର ଗଠନ ହୁଏ, ତେବେ ଆମେ ରାଜ୍ୟକୁ ସ୍କଟଲ୍ୟାଣ୍ଡରେ ପରିଣତ କରିବୁ । ବିଜେପିର ସମସ୍ତ ନେତା ଚିଣ୍ଟୁ । ଏହି ଲୋକମାନେ ନମାଜବାଦ ଏବଂ ମୌଲାନା ଲିପି ବିଷୟରେ କଥା ହୁଅନ୍ତି। ଆମେ ବିହାରରେ ଜାତି-ଧର୍ମ ରାଜନୀତି ହେବାକୁ ଦେବୁ ନାହିଁ । ତେଜସ୍ୱୀ ଯାଦବ କହିଛନ୍ତି ଯେ, ସୁଧାଂଶୁ ତ୍ରିବେଦୀ ନିଜେ ନେତା ହୋଇନାହାଁନ୍ତି । ତେଜସ୍ୱୀ ଯାଦବ ମଧ୍ୟ ତାଙ୍କ ଭାଇ ତେଜ ପ୍ରତାପ ଯାଦବଙ୍କୁ ନେଇ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ, ତେଜ ପ୍ରତାପ ଯାଦବ ଯାହା କରିଛନ୍ତି ତାହା ମୋତେ ପସନ୍ଦ ନୁହେଁ। ତେଜସ୍ୱୀ ଯାଦବଙ୍କ ପୂର୍ବରୁ କଂଗ୍ରେସ ନେତା କହ୍ନୈୟା କୁମାର ମଧ୍ୟ ମୁଖ୍ୟମନ୍ତ୍ରୀ ଚେହେରା ସମ୍ପର୍କରେ ବୟାନ ଦେଇଛନ୍ତି। ସେ ଶୁକ୍ରବାର କହିଥିଲେ, ଯଦି ମହାମେଣ୍ଟ ବିଧାନସଭା ନିର୍ବାଚନରେ ବହୁମତ ପାଏ, ତେବେ ମୁଖ୍ୟମନ୍ତ୍ରୀ ଆରଜେଡିରୁ ହେବେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ଚେହେରା ହେବେ । ମୁଖ୍ୟମନ୍ତ୍ରୀ ସେହି ଦଳର ହେବେ ଯାହାର ଅଧିକ ବିଧାୟକ ଥିବେ ।

● ପ୍ରଶାନ୍ତଙ୍କ ବଡ଼ ନିର୍ବାଚନୀ ପ୍ରତିଶ୍ରୁତି

# ଘରୋଇ ସ୍କୁଲ୍‌ରେ ମାଗଣା ପଢ଼ିବେ ଛାତ୍ରଛାତ୍ରୀ



**ପାଟନା,୩୦।୬:** ଜନ ସୁରାଜ ପାର୍ଟିର ପ୍ରତିଷ୍ଠାତା ଏବଂ ବିଚକ୍ଷଣ ରାଜନୀତି ସମୀକ୍ଷକ ପ୍ରଶାନ୍ତ କିଶୋର ନିର୍ବାଚନ ପୂର୍ବରୁ ଏକ ବଡ଼ ଘୋଷଣା କରିଛନ୍ତି । ଗୟା ଆୟୋଜିତ ଏକ ରାଲିରେ ପ୍ରଶାନ୍ତ କିଶୋର ବିହାରର ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ସେ କହିଛନ୍ତି ଯେ, ଡିସେମ୍ବର ୨୦୨୫ରୁ ୬୦ବର୍ଷରୁ ଅଧିକ ବୟସର ପ୍ରତ୍ୟେକ ପୁରୁଷ ଏବଂ ମହିଳାଙ୍କୁ ମାସିକ ୨୦୦୦ ଟଙ୍କା ପେନସନ ଦିଆଯିବ । ଏହା ବ୍ୟତୀତ ୧୫ ବର୍ଷରୁ କମ୍ ବୟସର ପିଲାମାନେ ମଧ୍ୟ ଘରୋଇ ସ୍କୁଲରେ ମାଗଣା ଶିକ୍ଷା ପାଇବେ । ପ୍ରଶାନ୍ତ କିଶୋର ସୋମବାର ବିହାରର ଗୟାରେ ଏକ ରାଲିକୁ ସମ୍ବୋଧିତ କରୁଥିଲେ। ଏହି ସମୟରେ ସେ ଏହି ଘୋଷଣା କରିଛନ୍ତି । ଚଳିତ ବର୍ଷ ଶେଷରେ ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ଏପରି ସ୍ଥିତିରେ, ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ବିହାରରେ ଜୋରଦାର ପ୍ରଚାର କରୁଛି । ଜୁନ୍ ୨୫ରେ ନିର୍ବାଚନ କମିଶନ ଆଗାମୀ ନିର୍ବାଚନ ପାଇଁ ଜନ ସୁରାଜ ପାର୍ଟିକୁ 'ସ୍କୁଲ ବ୍ୟାଗ୍' ଚିହ୍ନ ଆବଣ୍ଟନ କରିଥିଲେ। ଜନ ସୁରାଜ ଦଳର ସମସ୍ତ ୨୪୩ ପ୍ରାର୍ଥୀ ଏହି ନିର୍ବାଚନ ଚିହ୍ନରେ ନିର୍ବାଚନ ଲଢ଼ିବେ । ପ୍ରଶାନ୍ତ କିଶୋର ଲାଗାତାର ନିର୍ବାଚନ ସଭାରେ ଅଂଶଗ୍ରହଣ କରୁଛନ୍ତି। ସେ ବିହାରର ଗାଁ ଗସ୍ତ କରି ଲୋକଙ୍କୁ ଭେଟି ସ୍ଥାନୀୟ ସମସ୍ୟା ବିଷୟରେ ଜାଣୁଛନ୍ତି ।

## ଆବର୍ଜନା ବୁହା ଟ୍ରକ୍‌ରୁ ଶବ ଉଦ୍ଧାର

# ମହିଳାଙ୍କୁ ମାରି ଫିଙ୍ଗି ଦେଇଥିଲା ଅଭିଯୁକ୍ତ



**ବେଙ୍ଗାଲୁରୁ, ୩୦।୬:** ରେଫ୍ରିଜେଟର, ଡ୍ରମ୍ ପରେ ଏବେ ଆବର୍ଜନା ଟ୍ରକରୁ ମିଳିଲା ମହିଳାଙ୍କ ମୃତଦେହ। ଯାହାକୁ ନେଇ ବେଙ୍ଗାଲୁରୁର ଚିତ୍ରମାନାକେର ଅଚ୍ଛୁକଟ୍ଟୁ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି । ଏନେଇ ସ୍ଥାନୀୟ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ଆରମ୍ଭ କରିଛି ପୁଲିସ୍। ବେଙ୍ଗାଲୁରୁରେ ଜଣେ ମହିଳାଙ୍କୁ କେହି ହତ୍ୟା କରିବା ପରେ ଏକ ବସ୍ତାରେ ଭର୍ତ୍ତି କରି ଆବର୍ଜନା ଟ୍ରକରେ ଫିଙ୍ଗି ଦେଇଥିବା ଖବର ସାମ୍ନା ଆସିଛି । ପୁଲିସ୍ ମାମଲାର ତଦନ୍ତ କରି ଅଭିଯୁକ୍ତକୁ ସୋମବାର ଗିରଫ କରିଛି । ରବିବାର ସ୍ଥାନୀୟ ଲୋକେ ମୃତଦେହକୁ ଦେଖିଥିଲେ ଏବଂ ପରେ ଚିତ୍ରମାନାକେର ଅଚ୍ଛୁକଟ୍ଟୁ ଥାନା ପୁଲିସକୁ ଖବର। ପରେ ପୁଲିସ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିବା ସୂଚନା ଦେଇଛନ୍ତି ଜଣେ ଅଧିକାରୀ। ସୂଚନା ଅନୁଯାୟୀ, ମୃତ ମହିଳା ହେଉଛନ୍ତି ୪୦ ବର୍ଷୀୟା ଆଶା ଦେବୀ। ସେ ତାଙ୍କ ୩୩ ବର୍ଷୀୟ ପୁରୁଷ ବନ୍ଧୁ ସହିତ ଲିଭ୍-ଇନ-ରେଲେସନସିପ୍‌ରେ ରହୁଥିଲେ। ଦେଢ଼ ବର୍ଷ ହେଲା ଦକ୍ଷିଣ ବେଙ୍ଗାଲୁରୁର ହୁଲିମାଭୁ ଅଞ୍ଚଳରେ ଭଡ଼ାରେ ଘର ନେଇ ସାଙ୍ଗରେ ରହୁଥିଲେ । ଉଭୟେ ମଧ୍ୟ ଏକ ଘରୋଇ କମ୍ପାନିରେ ହାଉସ୍ କିପିଂ ଷ୍ଟାଫ୍ ଭାବେ କାର୍ଯ୍ୟ କରୁଥିଲେ । ମୃତ ଆଶା ଏବଂ ଅଭିଯୁକ୍ତ ପୂର୍ବରୁ ବିବାହ କରିଥିଲେ । ସେମାନଙ୍କର ପୂର୍ବରୁ ଦୁଇଟି ଲେଖାଏଁ ସନ୍ତାନ ଅଛି ବୋଲି ପୁଲିସ୍ ସ୍ପଷ୍ଟ କରିଛି । ହେଲେ ବେଙ୍ଗାଲୁରୁ ଉଭୟେ ଲିଭ୍-ଇନ-ରେଲେସନସିପ୍‌ରେ ରହି କାର୍ଯ୍ୟ କରୁଥିଲେ। ସମାଜ ସାମ୍ନାରେ ପତି-ପତ୍ନୀର ଅଭିନୟ କରୁଥିଲେ। ଆଶା ବିଧବା ଥିବା ବେଳେ ଅଭିଯୁକ୍ତର ନିଜସ୍ୱ ଘର ଆସାମରେ । ସେ ପୂର୍ବ ପତ୍ନୀ ଏବଂ ସନ୍ତାନରୁ ଛାଡ଼ି ବେଙ୍ଗାଲୁରୁରେ ରହୁଥିଲେ । ପୁଲିସ ଅଧିକାରୀଙ୍କ ସୂଚନା ମୁତାବକ; ଶନିବାର ଆଶା ଡ୍ୟୁଟି ସାରି ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲା। ଏହାକୁ ନେଇ ଅଭିଯୁକ୍ତ, ବାନ୍ଧବୀ ଆଶା ସହିତ ଝଗଡ଼ା କରିଥିଲା । ସାମାନ୍ୟ ବଚସା ମାରପିଟ୍‌ର ରୂପ ନେଇଥିଲା। ପୁରୁଷ ବନ୍ଧୁ ଆଶାଙ୍କ ତଣ୍ଟି ଚିପି ଧରିବାରୁ ଅଣନିଶ୍ୱାସୀ ହୋଇ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ପରେ ଅଭିଯୁକ୍ତ ଶବକୁ ଏକ ବସ୍ତାରେ ଭର୍ତ୍ତି କରି ଆବର୍ଜନା ବୋଝେଇ ଟ୍ରକରେ ଫିଙ୍ଗି ଦେଇଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଅଭିଯୁକ୍ତକୁ ପୁଲିସ୍ ବାନ୍ଧିଛି ।

# ଚକୋଲେଟ୍ ମାଗିବାରୁ ଝିଅର ତଣ୍ଟିଚିପି ମାରିଲା

**ନୂଆଦିଲ୍ଲୀ,୩୦।୬:** କୁନି କୁନି ପାଦରେ ବାପା ପାଖକୁ ଦୌଡ଼ି ଆସିଲା କୁନି ଝିଅଟି , ଚକୋଲେଟ୍ ଖାଇବାକୁ ମାଗିଲା ପଇସା । ବୟସ ମାତ୍ର ୪ ବର୍ଷ , ଦୁନିଆ କଣ ସେ ବୁଝେନା । ଗୁଲୁ ଗୁଲୁ ହୋଇ କଥା କୁହୁଥିବା କୁନି ଛୁଆଟି ଜାଣିନି ତା ବାପା ଯେ ମଦ ପିଇ ନିଶାରେ ଚୂର। ନିଶାଶକ୍ତ ସେ ପିଶାଚ ବାପାର ହୃଦୟରେ ମଧ୍ୟ ନଥିଲା ନିଜ କୁନି ଛୁଆ ପ୍ରତି ସ୍ନେହ ମମତା । ଝିଅ ଜିଦି କରିବାରୁ ତଣ୍ଟି ଚିପି କଲା ହତ୍ୟା । ସୂଚନା ଅନୁସାରେ, ମହାରାଷ୍ଟ୍ରର ଲାତୁର ଜିଲ୍ଲାରେ ବାଲାଜୀ ରାଠୋର ନାମକ ଜଣେ ବ୍ୟକ୍ତି ପ୍ରତି ଦିନ ମଦ ପାନ କରନ୍ତି । ରାତି ଦିନ ସବୁବେଳେ ନିଶାସକ୍ତ ଅବସ୍ଥାରେ ଘରକୁ ଫେରନ୍ତି। ଏହି କାରଣରୁ ଅଧିକାଂଶ ସମୟ ତାଙ୍କ ପରିବାରେ ଝଗଡ଼ା ମଧ୍ୟ ଲାଗି ରହୁଥିଲା। ସେଥିପାଇଁ ବାଲାଜୀଙ୍କ ପତ୍ନୀ ତାଙ୍କୁ ଛାଡ଼ି ବାପ ଘରକୁ ପଳାଇଥିଲେ। ତାଙ୍କର ୪ ବର୍ଷର କୁନି ଝିଅ ଚକୋଲେଟ୍ ଖାଇବା ପାଇଁ ପଇସା ମାଗିବାରୁ ନିଶାସକ୍ତ ବାପା ଉତ୍ୟକ୍ତ ହୋଇ ଶାଢ଼ିରେ ତାଙ୍କ ତଣ୍ଟିଚିପି ହତ୍ୟା କରିଛି ।

# କେମିକାଲ ଟ୍ୟାଙ୍କରରେ ବିସ୍ଫୋରଣ, ୧୨ ମୃତ





**ହାଇଦ୍ରାବାଦ,୩୦।୬:** ତେଲଙ୍ଗାନାର ରାଜଧାନୀ ହାଇଦ୍ରାବାଦରେ ରାସାୟନିକ ପଦାର୍ଥ ଭର୍ତ୍ତି ଏକ ଟ୍ୟାଙ୍କରରେ ଏକ ବଡ଼ ବିସ୍ଫୋରଣ ଘଟିଛି। ଏହି ଦୁର୍ଘଟଣାରେ ଅତି କମରେ ୧୨ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ସିଗାଚି କେମିକାଲ୍ସରେ ଏହି ବିସ୍ଫୋରଣ ଘଟିଥିଲା। ସ୍ଥାନୀୟ ଏନ୍‌ଟିଭି ତେଲୁଗୁ ରିପୋର୍ଟ ଅନୁଯାୟୀ, ଏହି ଘଟଣାରେ ଅନେକଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଉଛି। ଦୁର୍ଘଟଣାର ଖବର ପାଇବା ମାତ୍ରେ ଦୁଇଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଛନ୍ତି। ଗୁରୁତର ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଛି। ଘଟଣାସ୍ଥଳରେ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ ଚାଲିଛି। ଅଧିକାରୀମାନେ କହିଛନ୍ତି ଯେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇପାରେ। କାରଖାନାରେ ଅଗ୍ନିକାଣ୍ଡ ଯୋଗୁ ଉଦ୍ଧାର କାର୍ଯ୍ୟ ଚାଲିଛି। ଯଦିଓ ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, ପ୍ରାଥମିକ ଭାବରେ ଅନୁମାନ କରାଯାଉଛି ଯେ ରିଆକ୍ଟରରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ବିସ୍ଫୋରଣ ହୋଇଥାଇପାରେ। ଶିଳ୍ପରେ ସୁରକ୍ଷା ନିୟମ ପାଳନ କରାଯାଇଥିଲା କି ନାହିଁ ତାହା ଅଧିକାରୀମାନେ ତଦନ୍ତ କରୁଛନ୍ତି।

# ଅନ୍‌କଟ୍ 'ଶୋଲେ' ଦେଖିବାକୁ ଇଟାଲୀରେ ଭିଡ




**ନୂଆଦିଲ୍ଲୀ,୩୦।୬:** ୧୯୭୫ ମସିହା ଅଗଷ୍ଟ ୧୫ ତାରିଖରେ ରିଲିଜ୍ ହୋଇଥିଲା ହିନ୍ଦୀ ସିନେମା ଜଗତର କିମ୍ବଦନ୍ତୀ ଚଳଚ୍ଚିତ୍ର 'ଶୋଲେ' । ରମେଶ ସିପ୍ପିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅମିତାଭ ବଚ୍ଚନ, ଜୟା ଭାଦୁରୀ, ଧର୍ମେନ୍ଦ୍ର, ହେମାମାଳିନୀ, ସଞ୍ଜୀବ କୁମାର ଏବଂ ଅମଜାଦ୍ ଖାନ୍‌ଙ୍କ ଦମ୍‌ଦାର ଅଭିନୟ ଦେଖିବାକୁ ମିଳିଥିଲା । ଚଳିତବର୍ଷ 'ଶୋଲେ' ରିଲିଜ୍‌ର ୫୦ ବର୍ଷ ପୂରଣ ହେବାକୁ ଯାଉଛି। ଏହି ସ୍ୱତନ୍ତ୍ର ଅବସରରେ ଫିଲ୍ମଟି ପୂର୍ଣ୍ଣ ଅନକଟ୍ ଭର୍ସନ ସହିତ ସିଲଭର ସ୍କ୍ରିନ୍‌ରେ ପୁଣି ଏଣ୍ଟ୍ରି ନେଇଛି। ଜୁନ୍ ୨୭ରେ ଇଟାଲୀର ବୋଲୋନାସ୍ଥିତ ଏଲ୍' ଇମାଜିନ୍ ସିନେମା ରିଟ୍ରୋଭାଟୋ ମହୋତ୍ସବରେ ଏହାର ୱାର୍ଲଡ ପ୍ରିମିୟର ହୋଇଛି । ଏହି ସିନେ ମହୋତ୍ସବରେ ପିୟାଜ୍ଜା ମ୍ୟାଗିଓରେସ୍ଥିତ ୟୁରୋପର ଅନ୍ୟତମ ସର୍ବବୃହତ୍ ମୁକ୍ତାକାଶ ସ୍କ୍ରିନ୍‌ରେ ଫିଲ୍ମର ଅନ୍‌କଟ୍ ସଂସ୍କରଣ ପ୍ରଦର୍ଶିତ ହୋଇଥିଲା । ଫିଲ୍ମର ନୂଆ ସଂସ୍କରଣକୁ ଦେଖିବାକୁ ମଧ୍ୟ ସମାନ ଉତ୍ସାହ ପ୍ରଦର୍ଶନ କରିଥିଲେ ଦର୍ଶକ । ଖଚାଖଚ୍ ଭିଡ଼ ମଧ୍ୟରେ ସ୍କ୍ରିନିଂ ଅତ୍ୟନ୍ତ ଚିତ୍ତାକର୍ଷକ ରହିଥିବା ଫିଲ୍ମ ହେରିଟେଜ୍ ଫାଉଣ୍ଡେସନ୍ ପ୍ରକାଶ କରିଛି । ଏହି ସଂସ୍କରଣରେ ଫିଲ୍ମର ସମସ୍ତ ଡିଲିଟ୍ ହୋଇଥିବା ଓ ମୂଳ କ୍ଲାଇମାକ୍ସ ଦୃଶ୍ୟ ସ୍ଥାନ ପାଇଛି ।

# ଚୁରାଚାନ୍ଦପୁରରେ ୪ ଜଣଙ୍କୁ ଗୁଳିକରି ହତ୍ୟା

**ଇମ୍ଫାଲ,୩୦।୬:** ମଣିପୁର ଚୁରାଚାନ୍ଦପୁର ଜିଲ୍ଲାରେ ସୋମବାର ଅଜ୍ଞାତ ବନ୍ଧୁକଧାରୀ ୪ ଜଣଙ୍କୁ ଗୁଳିକରି ହତ୍ୟା କରିଛନ୍ତି। କୁହାଯାଉଛି ମୃତକଙ୍କ ମଧ୍ୟରେ ଜଣେ ୬୦ ବର୍ଷ ବୟସ୍କା ମହିଳା ମଧ୍ୟ ଅଛନ୍ତି। ପୋଲିସ ଅନୁସାରେ ଏହି ଗୁଳିକାଣ୍ଡ ଚୁରାଚାନ୍ଦପୁରର ମୋଙ୍ଗଜାଙ୍ଗ ଗାଁ ନିକଟରେ ହୋଇଛି। ଅପରାହ୍ନ ପ୍ରାୟ ୨ଟା ବେଳେ ଘଟିଥିବା ଏହି ଘଟଣାର ଏବେ ପୋଲିସ ତଦନ୍ତ ଆରମ୍ଭ କରିଛି। କୁହାଯାଉଛି ମୃତକମାନେ ଏକ କାରରେ ଯାଉଥିବା ବେଳେ ସେମାନଙ୍କ ଉପରେ ଆକ୍ରମଣ ହୋଇଛି। ପୂର୍ବରୁ ଛକି ରହିଥିବା ବନ୍ଧୁକଧାରୀ ସେମାନଙ୍କ ଉପରକୁ ଆତର୍କିତ ଗୁଳି ଚାଳନା କରିଥିଲେ। ଫଳରେ ଘଟଣାସ୍ଥଳରେ ୪ ଜଣ କାର ଯାତ୍ରୀ ପ୍ରାଣ ହରାଇଛନ୍ତି। ପୋଲିସ ଅଧିକାରୀଙ୍କ ଅନୁସାରେ ଏହି ଘଟଣା ଚୁରାଚାନ୍ଦପୁର ସହରରୁ ପାଖାପାଖି ୭ କିଲୋମିଟର ଦୂରରେ ହୋଇଛି। ତେବେ ପ୍ରାଣ ହରାଇଥିବା ଲୋକଙ୍କ ମଧ୍ୟରେ ଏହି କାରଯାତ୍ରୀଙ୍କ ମଧ୍ୟରେ ଥାଙ୍ଗବୋଇ ହାଓକିପ୍ ଓରଫ ଥାପି ଥିବା ଜଣାପଡିଛି। ଥାପି କୁକି ନ୍ୟାସନାଲ ଅର୍ଗାନାଇଜେସନ ଓ କୁକି ନ୍ୟାସନାଲ ଆର୍ମିର ଡେପୁଟି କମାଣ୍ଡର-ଇନ-ଚିଫ ବୋଲି ଜଣାପଡିଛି। ଏହି ହତ୍ୟାକାଣ୍ଡ ଲାଗି କୌଣସି ସଙ୍ଗଠନ ଏ ପର୍ଯ୍ୟନ୍ତ ନିଜକୁ ଦାୟି କରି ନାହାନ୍ତି। ଏହି ଘଟଣା ପରେ ପୂରା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି ଓ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଘଟଣା ସ୍ଥଳକୁ ପୋଲିସ ଓ ଅତିରିକ୍ତ ସୁରକ୍ଷା ବଳଙ୍କୁ ପଠା ଯାଇଛି। ଘଟଣା ସ୍ଥଳରୁ ୧୨ରୁ ଅଧିକ ଖାଲି କାର୍ଟ୍ରିଜ ମିଳିଛି। ଅଞ୍ଚଳରେ ସୁରକ୍ଷା ବଳ ତଲାସ ଅଭିଯାନ ଚଳାଇଛନ୍ତି। ଗତ କିଛି ସମୟ ହେଲା ମଣିପୁରରେ ଜାତୀୟ ଓ ସାମ୍ପ୍ରଦାୟିକ ଉତ୍ତେଜନା ଲାଗି ରହିଛି। ଏଥିରେ ଏହି ଗୁଳି କାଣ୍ଡରେ କୁକି ନେତାଙ୍କ ମୃତ୍ୟୁ ରାଜ୍ୟର ପରିସ୍ଥିତିକୁ ଅଧିକ ଜଟିଳ କରିପାରେ ବୋଲି ଆଶଙ୍କା କରାଯାଉଛି।

## ତାଞ୍ଜାନିଆରେ ଭୟଙ୍କର ଦୁର୍ଘଟଣା

# ଦୁଇ ବସ୍ ମୁହାଁମୁହିଁ ; ୩୭ ମୃତ, ୩୦ ଆହତ



**ଡୋଡୋମା,୩୦।୬:** ଉତ୍ତର ତାଞ୍ଜାନିଆରେ ମର୍ମନ୍ତୁଦ ସଡକ ଦୁର୍ଘଟଣା । ଶନିବାର ସକାଳେ ଦୁଇଟି ବସ୍ ମୁହାଁମୁହିଁ ଧକ୍କା ହୋଇଥିଲା । ଯାହାଫଳରେ ନିଆଁ ଲାଗିଯାଇଥିଲା । ଏହି ଦୁର୍ଘଟଣାରେ ଅତି କମରେ ୩୭ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୩୦ ଜଣ ଆହତ ହୋଇଛନ୍ତି। ଏନେଇ ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି। ଶନିବାର ସନ୍ଧ୍ୟାରେ କିଲିମାଞ୍ଜାରୋ ଅଞ୍ଚଳର ମୋଶି-ଟାଙ୍ଗା ରାଜପଥ ନିକଟବର୍ତ୍ତୀ ସାବାସାବା ଅଞ୍ଚଳରେ ବସ୍ ମଧ୍ୟରେ ଧକ୍କା ହୋଇଥିଲା। ରିପୋର୍ଟ ଅନୁଯାୟୀ, ଦୁର୍ଘଟଣାଗ୍ରସ୍ତ ବସ୍‌ର ଅଧିକାଂଶ ଯାତ୍ରୀ ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ଯାଉଥିଲେ। ତେଣୁ ବସ୍‌ରେ ସାଧାରଣ ଅପେକ୍ଷା ଅଧିକ ଲୋକ ଥିଲେ। ଦୁଇଟି ବସ୍ ନିୟନ୍ତ୍ରଣ ହରାଇ ମୁହାଁମୁହିଁ ଧକ୍କା ହୋଇଥିଲେ। ଯାହାଫଳରେ ଉଭୟ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଯାହାଫଳରେ ଯାତ୍ରୀମାନେ ବାହାରକୁ ବାହାରି ପାରିନଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା ଏବଂ ତୁରନ୍ତ ଉଦ୍ଧାରକାରୀ ଟିମ୍‌କୁ ଡକାଯାଇଥିଲା। ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି, ଯେଉଁଥିରୁ ୬ ଜଣଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଉଛି। ମୃତକଙ୍କ ମଧ୍ୟରୁ ଅଧିକାଂଶ ତାଞ୍ଜାନିଆର ନାଗରିକ ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ରବିବାର ଘଟଣାରେ କହିଛନ୍ତି ଯେ ଅଧିକ ପୋଡ଼ିଯିବାରୁ ୩୭ ଜଣଙ୍କ ମୃତଦେହ ଚିହ୍ନଟ ହୋଇପାରି ନାହିଁ।

# ଇହୁଦୀ ଛାତ୍ରଛାତ୍ରୀଙ୍କ ପାଇଁ ବିଶ୍ୱବିଦ୍ୟାଳୟକୁ ପୂରା ଫଣ୍ଡ ରୋକିବାକୁ ଟ୍ରମ୍ପ ପ୍ରଶାସନର ଧମକ

**ନୂଆଦିଲ୍ଲୀ,୩୦।୬:** ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱାଧୀନ ଆମେରିକା ସରକାର ଓ ପ୍ରତିଷ୍ଠିତ ହାର୍ଭାର୍ଡ ୟୁନିଭର୍ସିଟି ପୁଣି ଥରେ ମୁହାଁମୁହିଁ ହୋଇଛନ୍ତି। ଟ୍ରମ୍ପ ପ୍ରଶାସନ ଚେତାବନୀ ଦେଇଛି ଯେ, ଯଦି ସେ କ୍ୟାମ୍ପସରେ ଇହୁଦୀ ଛାତ୍ରଛାତ୍ରୀଙ୍କ ପ୍ରତି ଭେଦଭାବ ଓ ଅସୁରକ୍ଷା ଅଭିଯୋଗ ଉପରେ ତୁରନ୍ତ ଓ ଠୋସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେ, ତେବେ ଏହାର ବଳକା ଫେରେରାଲ ପାଣ୍ଠି ସମ୍ପୂର୍ଣ୍ଣ ବନ୍ଦ କରିଦିଆ ଯିବ। ଟ୍ରମ୍ପ ପ୍ରଶାସନ ହାର୍ଭାର୍ଡ ଉପରେ ନାଗରିକ ଅଧିକାରର ଉଲ୍ଲଙ୍ଘନ ଓ ଇହୁଦୀ ବିରୋଧୀ ମାହୋଲକୁ ବୃଦ୍ଧି କରିବା ନେଇ ଅଭିଯୋଗ ଲଗାଇଛି। ଆମେରିକୀୟ ସରକାର ପକ୍ଷରୁ ପଠାଯାଇ ଥିବା ଚିଠିରେ କୁହାଯାଇଛି ଯେ, ଇହୁଦୀ ଛାତ୍ରଛାତ୍ରୀଙ୍କର ବହୁମତ କ୍ୟାମ୍ପସରେ ପକ୍ଷପାତିତା ଓ ଭେଦଭାବର ସାମ୍ନା କରିବା କଥା କହିଥାଏ , ଯାହାକି ପ୍ରତି ଚାରି ଜଣଙ୍କ ମଧ୍ୟରୁ ଜଣେ ଛାତ୍ର ନିଜକୁ ଶାରୀରିକ ଭାବେ ଅସୁରକ୍ଷିତ ଅନୁଭବ କରୁଛନ୍ତି। ଉକ୍ତ ଚିଠିରେ ବିଶେଷ ରୂପେ ଅକ୍ଟୋବର ୨୦୨୩ରେ ହମାସର ହମଲା ଓ ଏହାର ଜବାବରେ ଗାଜାରେ ଇସ୍ରାଏଲୀୟ କାର୍ଯ୍ୟାନୁଷ୍ଠାନ ପରେ ଆମେରିକାର ବିଶ୍ୱବିଦ୍ୟାଳୟରେ ହୋଇଥିବା ବିରୋଧ ପ୍ରଦର୍ଶନକୁ ଉଲ୍ଲେଖ କରାଯାଇଛି। ରିପୋର୍ଟ ଅନୁସାରେ , ହାର୍ଭାର୍ଡ ପ୍ରଶାସନ ବିଶ୍ୱବିଦ୍ୟାଳୟ ନିୟମର ଉଲ୍ଲଙ୍ଘନ କରିଥିବା ଛାତ୍ରଛାତ୍ରୀ ଓ ସଂଗଠନ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଅନ୍ୟପଟେ , ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଏହି କାର୍ଯ୍ୟାନୁଷ୍ଠାନକୁ ରାଜନୀତିକ ପ୍ରତିଶୋଧର ଭାବନା କହି ସରକାରଙ୍କ ବିରୋଧରେ ମାମଲା ଦାଏର କରି ଦେଇଛି।

# ଏଲନ ମସ୍କଙ୍କୁ ପ୍ରଶଂସାରେ ପୋତି ପକାଇଲେ

**ୱାଶିଂଟନ୍,୩୦।୬:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଏଲନ ମସ୍କଙ୍କ ମଧ୍ୟରେ ଚାଲିଥିବା ବିବାଦ ମଧ୍ୟରେ, ଟ୍ରମ୍ପ ମସ୍କଙ୍କ ପ୍ରଶଂସା କରିଛନ୍ତି। ଏକ ସାକ୍ଷାତକାରରେ ଟ୍ରମ୍ପ ତାଙ୍କୁ ଜଣେ ଚମତ୍କାର ବ୍ୟକ୍ତି ଭାବରେ ବର୍ଣ୍ଣନା କରିଛନ୍ତି। ମସ୍କ ମେ ୨୦୨୫ ପର୍ଯ୍ୟନ୍ତ ଟ୍ରମ୍ପଙ୍କ ରାଷ୍ଟ୍ରପତି ପରାମର୍ଶଦାତା ଥିଲେ, କିନ୍ତୁ ତାଙ୍କ କାର୍ଯ୍ୟକାଳ ଶେଷ ହେବା ପରେ, ଉଭୟଙ୍କ ମଧ୍ୟରେ ସମ୍ପର୍କ ଖରାପ ହୋଇଯାଇଥିଲା। ମସ୍କ ଟ୍ରମ୍ପଙ୍କ ଟିକସ ହ୍ରାସ ବିଲକୁ ସମାଲୋଚନା କରିଥିଲେ। ନିକଟରେ ଏକ ଆଲୋଚନାରେ ଟ୍ରମ୍ପ ମସ୍କଙ୍କୁ ବୁଦ୍ଧିମାନ ଏବଂ ସର୍ବଦା ସଫଳ ବୋଲି ବର୍ଣ୍ଣନା କରିଛନ୍ତି। ଟ୍ରମ୍ପ କହିଛନ୍ତି, ମୁଁ ଭାବୁଛି ଏଲୋନ ଜଣେ ଚମତ୍କାର ବ୍ୟକ୍ତି। ମୁଁ ତାଙ୍କ ସହ ଅଧିକ କଥା ହୁଏ ନାହିଁ, କିନ୍ତୁ ମୁଁ ଜାଣେ ସେ ସର୍ବଦା ଭଲ କରିବେ। ସେ ବହୁତ ବୁଦ୍ଧିମାନ। ସେ ପୂର୍ବରୁ ମୋ ସହିତ ପ୍ରଚାରରେ ମଧ୍ୟ ଯୋଗ ଦେଇଥିଲେ। ପରେ ସେ ଟିକେ ରାଗିଗଲେ, ଯାହା ହୁଏତ ଠିକ ନ ଥିଲା।



SANCHAR ସଂଚାର

## ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍

# ଫାଇନାଲ୍‌ରେ ତନ୍ୱୀ, ଆୟୁଷ

**ଲୋୱା, ୩୦।୬:** ସମ୍ମାନଜନକ ୟୁଏସ୍ ଓପନ୍ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଭାରତୀୟ ଲଳନା ତନ୍ୱୀ ଶର୍ମା ଜୟଯାତ୍ରା ଜାରି ରଖି ଫାଇନାଲ୍ ସ୍ଥାନ ପକ୍କା କରିଛନ୍ତି। ସେହିଭଳି ପୁରୁଷ ଏକକରେ ଆୟୁଷ ସେଟ୍ଟୀ ଐତିହାସିକ ସଫଳତା ସହ ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି। ରବିବାର ୧୬ବର୍ଷୀୟା ତନ୍ୱୀ ମହିଳା ଏକକ ସେମିଫାଇନାଲ୍‌ରେ ସପ୍ତମ ମାନ୍ୟତାପ୍ରାପ୍ତ ୟୁକ୍ରେନ୍‌ର ପୋଲିନା ବୁରୋଭାଙ୍କୁ ମାତ୍ର ୩୪ ମିନିଟ୍‌ରେ ୨୧-୧୪, ୨୧-୧୬ରେ ହରାଇଥିଲେ। ଏଥିସହ ତନ୍ୱୀ ଏହି ୟୁକ୍ରେନ୍ ଖେଳାଳିଙ୍କ ବିପକ୍ଷରେ ଦ୍ୱିତୀୟ ବିଜୟ ଅର୍ଜନ କରିବା ସହ





ବିଶ୍ୱ ଟୁର୍ ଇଭେଣ୍ଟର ଫାଇନାଲ୍ ପହଞ୍ଚିବାରେ ସବୁଠୁ କନିଷ୍ଠ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି। ଫାଇନାଲ୍‌ରେ ସେ ଶୀର୍ଷ ମାନ୍ୟତାପ୍ରାପ୍ତ ଆମେରିକାର ବିଓ୍ୱେନ୍ ଝାଙ୍ଗଙ୍କୁ ଭେଟିବେ। ପୁରୁଷ ଏକକରେ ଚତୁର୍ଥ ମାନ୍ୟତାପ୍ରାପ୍ତ ଆୟୁଷ କଡ଼ା ସଂଘର୍ଷ ପରେ ୨୧-୨୩, ୨୧-୧୫, ୨୧-୧୪ରେ ବିଶ୍ୱର ୬ ନମ୍ବର ଚାଇନିଜ୍ ତାଇପେର ଚୌଉ ତିନ ଚେନ୍‌ଙ୍କୁ ପରାସ୍ତ କରିଥିଲେ। ଫାଇନାଲ୍‌ରେ ଆୟୁଷ ତୃତୀୟ ମାନ୍ୟତାପ୍ରାପ୍ତ କାନାଡ଼ାର ବ୍ରାଏନ ୟଙ୍ଗଙ୍କୁ ଭେଟିବେ। ୟଙ୍ଗ ୨୧-୧୦, ୨୧-୧୨ରେ ଚାଇନିଜ୍ ତାଇପେର ଲିଆଓ ଝୁଓ-ଫୁଙ୍କୁ ପରାସ୍ତ ହରାଇଥିଲେ।

## ଏସ୍‌ଜେଏଫ୍‌ଆଇ କର୍ମକର୍ତ୍ତା ନିର୍ବାଚନ

# ସୁରେଶ ଉପସଭାପତି, ସନ୍ଦୀପ କାର୍ଯ୍ୟକାରିଣୀ ସଦସ୍ୟ

**ଭୁବନେଶ୍ୱର, ୩୦।୬:** ସର୍ବଭାରତୀୟ କ୍ରୀଡ଼ା ସାମ୍ବାଦିକ ମହାସଂଘ (ଏସ୍‌ଜେଏଫ୍‌ଆଇ)ର ଦ୍ୱିବାର୍ଷିକ କର୍ମକର୍ତ୍ତା ନିର୍ବାଚନ ରବିବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତ୍ରିପୁରା କ୍ରୀଡ଼ା ସଂଘର ସରଜୁ ଚକ୍ରବର୍ତ୍ତୀ ନୂଆ ସଭାପତି ଓ ତେଲେଙ୍ଗାନାର ଭି. ରମେଶ ସମ୍ପାଦକ ଭାବେ ଆସନ୍ତା ୨ ବର୍ଷ ଲାଗି ନିର୍ବାଚିତ ହୋଇଛନ୍ତି। ଏହାଛଡ଼ା ୪ଟି ଉପସଭାପତି ପଦ ଲାଗି ହୋଇଥିବା ନିର୍ବାଚନରେ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ସମ୍ପାଦକ ସୁରେଶ ସ୍ୱାଇଁ ରେକର୍ଡ ୧୨ଟି ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ଏସ୍‌ଜେଏଫ୍‌ଆଇ ଇତିହାସରେ ଏତେ ସଂଖ୍ୟକ ଭୋଟ ପୂର୍ବରୁ କେହି ପାଇ ନ ଥିଲେ। ନାଗପୁରର ନରେଶ ଶେଲ୍‌କେ, ଦିଲ୍ଲୀର ସାବି ହୁସେନ ଓ ତାମିଲନାଡୁର ଏସ୍ ଦୀପକ ରାଘବ ଅନ୍ୟ ୩ଜଣ ଉପସଭାପତି ହୋଇଛନ୍ତି। ସମ୍ପାଦକ ରମେଶ, ଯୁଗ୍ମ ସମ୍ପାଦକ ଆସାମ ସଂଘରର ପାର୍ଥ ଚକ୍ରବର୍ତ୍ତୀ ଓ କୋଷାଧ୍ୟକ୍ଷ ମୁମ୍ବାଇ ସଂଘର ସଞ୍ଜୟ ଘରପୁରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ୭ ଜଣିଆ କାର୍ଯ୍ୟକାରୀ କମିଟିକୁ ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଓସ୍‌ଜା ଆନୁକୂଲ୍ୟରେ ଶନିବାର ସ୍ପୋର୍ଟ୍ସ କନକ୍ଲେଭ୍ ଆୟୋଜିତ ହୋଇଥିଲା ବେଳେ ରବିବାର ନିର୍ବାଚିତ କର୍ମକର୍ତ୍ତାଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସମସ୍ତ ବିଜୟୀ କର୍ମକର୍ତ୍ତାଙ୍କୁ ଓସ୍‌ଜା ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

**ସରଜୁ ସଭାପତି, ରମେଶ ସମ୍ପାଦକ**

# କିଟ୍‌ରେ ଏସ୍‌ଜେଏଫ୍‌ଆଇ ପ୍ରତିନିଧି ମଣ୍ଡଳ




ଭୁବନେଶ୍ୱର, ୩୦।୬ (ସଂଚାର ବ୍ୟୁରୋ): ଭାରତୀୟ କ୍ରୀଡ଼ା ସାମ୍ବାଦିକ ସଂଘ (ଏସ୍‌ଜେଏଫ୍‌ଆଇ) ଏବଂ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ (ଓସ୍‌ଜା)ର ୪୦ ଜଣିଆ ପ୍ରତିନିଧି ମଣ୍ଡଳ ରବିବାର କିଟ୍ ଓ କିସ୍ ପରିଦର୍ଶନ କରିଥିଲେ। କିଟ୍ ଓ କିସ୍‌ର ସମସ୍ତ କ୍ୟାମ୍ପସ୍ ପରିଦର୍ଶନ କରିବା ସହ ସେଠାରେ ଥିବା ଅନ୍ତର୍ଜାତୀୟମାନର କ୍ରୀଡ଼ା ଭିତ୍ତିଭୂମିବୁଲି ଦେଖିଥିଲେ। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସ୍‌ଜେଏଫ୍‌ଆଇ ଓ ଓସ୍‌ଜାର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କିଟ୍ ଓ କିସ୍ ତଥା ଏହାର କ୍ରୀଡ଼ା ଭିତ୍ତିଭୂମି ପରିଦର୍ଶନ କରି ପ୍ରତିନିଧି ମଣ୍ଡଳରେ ଥିବା ବହୁ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ସାମ୍ବାଦିକ ବିମୋହିତ ହେବା ସହ ପ୍ରତିଷ୍ଠାତା ପ୍ରଫେସର୍ ଅଚ୍ୟୁତ ସାମନ୍ତଙ୍କ ଏଭଳି ମହତ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଏକ ଶିକ୍ଷାନୁଷ୍ଠାନରେ ଅନ୍ତର୍ଜାତୀୟମାନର କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି କରି ଶ୍ରୀ ସାମନ୍ତ ସମଗ୍ର ଦେଶ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି କହିଥିଲେ। ଏହି ଅବସରରେ ଶ୍ରୀ ସାମନ୍ତ କ୍ରୀଡ଼ା ସାମ୍ବାଦିକ ପ୍ରତିନିଧି ମଣ୍ଡଳ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଓଡିଶା କ୍ରୀଡ଼ା ସାମ୍ବାଦିକ ସଂଘର ସମ୍ପାଦକ ସୁରେଶ ସ୍ୱାଇଁ ଏବଂ ସଭାପତି ସନ୍ଦୀପ ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଏସ୍‌ଜେଏଫ୍‌ଆଇ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।



## ଏଏଫ୍‌ସି ମହିଳା ଏସୀୟ କପ୍ ଯୋଗ୍ୟତା

# ଭାରତର ଜୟଯାତ୍ରା ଜାରି

ଚିଆଙ୍ଗମାଇ (ଥାଇଲାଣ୍ଡ), ୩୦।୬: ଭାରତୀୟ ମହିଳା ଫୁଟ୍‌ବଲ୍ ଦଳ ଚଳିତ ଏଏଫ୍‌ସି ମହିଳା ଏସୀୟ କପ୍ ଯୋଗ୍ୟତା ପର୍ଯ୍ୟାୟରେ ବିଜୟ ଧାରା ଜାରି ରଖିଛି। ମଙ୍ଗୋଲିଆକୁ ୧୩-୦ରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ରବିବାର ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଟିମର ଲିଷ୍ଟେକୁ ୪-୦ ଗୋଲ୍‌ରେ ମାତ୍ ଦେଇଛି। ଚିଆଙ୍ଗମାଇ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ମନୀଷା କଲ୍ୟାଣ ଦୁଇଟି ଏବଂ ଅଞ୍ଜୁ ତମାଙ୍ଗ ଓ ଲିଣ୍ଡା କମ୍ ଗୋଟିଏ ଲେଖାଏଁ ଗୋଲ୍ ଦେଇ ବିଜୟରେ ପ୍ରମୁଖ ଭୂମିକା ତୁଲାଇ ଥିଲେ। ମନୀଷା (୧୨ ମିନିଟ୍)ଙ୍କ ଗୋଲ୍‌ରେ ଭାରତ ପ୍ରଥମାର୍ଦ୍ଧକୁ ନିଜ ନିୟନ୍ତ୍ରଣରେ ରଖିଥିଲା। ଦ୍ୱିତୀୟାର୍ଦ୍ଧରେ ଅଞ୍ଜୁ (୫୮ ମିନିଟ୍), ମନୀଷା (୮୦ ମିନିଟ୍) ଓ ଲିଣ୍ଡା (୮୫ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ। ଏହି ବିଜୟ ସହ ୫ଦଳୀୟ ଗ୍ରୁପ୍-'ବି'ରେ ଭାରତ ୨ରୁ ୨ ଜିତି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ଦଖଲ କରିଛି। ଭାରତ ପରବର୍ତ୍ତୀ ମ୍ୟାଚ୍ ଜୁଲାଇ ୨ରେ ଇରାକ ଏବଂ ୫ରେ ଥାଇଲାଣ୍ଡକୁ ଭେଟିବ। ଗ୍ରୁପ୍ ଶୀର୍ଷ ଦଳ ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ହେବାକୁ ଥିବା ଏଏଫ୍‌ସି ମହିଳା ଏସୀୟ କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।

# ରାଜ୍ୟ କନିଷ୍ଠ ବାସ୍କେଟ୍‌ବଲ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୩୦।୬ (ସଂଚାର ବ୍ୟୁରୋ):** ଗଞ୍ଜାମର ଗୋଳନ୍ଥରାସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟଠାରେ ଓଡ଼ିଶା ବାସ୍କେଟ୍‌ବଲ୍ ସଂଘ ପକ୍ଷରୁ ଆୟୋଜିତ ୬୧ତମ ରାଜ୍ୟ କନିଷ୍ଠ ବାଳକ ଓ ବାଳିକା ବାସ୍କେଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏସ୍‌ପି ଏମ୍ ଶ୍ରବଣ ବିବେକ, ସମ୍ମାନିତ ଅତିଥି ଭାବେ ନିଷ୍ଟ ବିଶ୍ୱବିଦ୍ୟାଳୟର ଡିନ୍ ଡ.ପି. ରାଜେଶ କୁମାର, ଓଡ଼ିଶା ବାସ୍କେଟବଲ୍ ସଂଘ ସଭାପତି ଜ୍ଞାନରଞ୍ଜନ ପରିଡ଼ା, ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ, ଉପାଧ୍ୟକ୍ଷ ତଥା ବୈଷୟିକ କମିଟିର ଅଧ୍ୟକ୍ଷ ଶରତ ମହାପାତ୍ର, ଉପସଭାପତି ନୀରୋଜ ବନ୍ଧୁ ଯାଦବ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ବେହେରା, ପରିଷଦ ସଦସ୍ୟ ସନ୍ତୋଷ ମହାନ୍ତି ଓ ସତୀଶ ସାହୁ ଉପସ୍ଥିତ ଥିଲେ। ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ଓ କ୍ଲବ୍‌ରୁ ୬୪୦ ଜଣ ପ୍ରତିଯୋଗୀ ତଥା ଖେଳ ପରିଚାଳକ, ସ୍ୱେଚ୍ଛାସେବକଙ୍କ ସହ ୨୯ ବାଳକ ଏବଂ ୧୪ଟି ବାଳିକା ଦଳ ଅଂଶ ଗ୍ରହଣ କରୁଛନ୍ତି। ପ୍ରଥମ ଦିନରେ ୧୭ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ ଯେ ଏହି ପ୍ରତିଯୋଗିତା ଜୁଲାଇ ୨ ତାରିଖ ପର୍ଯ୍ୟନ୍ତ ଚାଲିବ।

# ସେପ୍ଟେମ୍ବର ୧୦ରୁ ଏସିଆ କପ୍!

**ନୂଆଦିଲ୍ଲୀ,୩୦।୬:** ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଯୋଗୁଁ ଏସିଆ କପ୍ ଆୟୋଜନ ସଙ୍କଟରେ ଥିଲା। ଏବେ ଟିକେ ସୁଧାର ଆସିବାରୁ ଏସିଆ କପ୍ ଆୟୋଜନର ବାଟ ଫିଟିଛି। ଚଳିତ ବର୍ଷ ସେପ୍ଟେମ୍ବର ୧୦ରୁ ଏହି ମହାଦେଶୀୟ ପ୍ରତିଯୋଗିତା ଆୟୋଜନ କରିବା ନେଇ ଏସୀୟ କ୍ରିକେଟ୍ ପରିଷଦ (ଏସିସି) ଚିନ୍ତା କରୁଛି। ଭାରତ ଏହାର ଆୟୋଜକ ଥିଲେ ମଧ୍ୟ ୟୁଏଇରେ ହେବାର ସମ୍ଭାବନା ରହିଛି। ବିସିସିଆଇର ସମ୍ମତି ପରେ ଏସିସି ଏଥିପାଇଁ ଜୋର୍‌ସୋରରେ ଲାଗିପଡ଼ିଛି। ଜୁଲାଇ ପ୍ରଥମ ସପ୍ତାହରେ ସୂଚୀ ନିଶ୍ଚିତ ହେବାର ରହିଛି ବୋଲି ଏସିସିର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

# ରଗ୍‌ବି ପ୍ରିମିୟର୍ ଲିଗ୍: ଚେନ୍ନାଇ ବୁଲ୍ସ ବିଜେତା




**ମୁମ୍ବାଇ, ୩୦।୬:** ରଗ୍‌ବି ପ୍ରିମିୟର ଲିଗ୍‌ର ପ୍ରଥମ ସଂସ୍କରଣରେ ଚେନ୍ନାଇ ବୁଲ୍ସ ବିଜେତା ହେବାର ଗୌରବ ଅର୍ଜନ କରିଛି। ରବିବାର ସ୍ଥାନୀୟ ଅନ୍ଧେରିସ୍ଥିତ ଶାହାଜି ରାଜେ ଭୋସାଲେ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଖେଳାଯାଇଥିବା ଫାଇନାଲ୍‌ରେ ଚେନ୍ନାଇ ଦଳ ଏକପାଖିଆ ଭାବେ ୪୧-୦ ପଏଣ୍ଟରେ ଦିଲ୍ଲୀ ରେଡ୍‌ଜକୁ ମାତ୍ ଦେଇଥିଲା। ଆରମ୍ଭରୁ ଆଧିପତ୍ୟ ବିସ୍ତାର କରିଥିବା ଚେନ୍ନାଇ ପ୍ରଥମ କ୍ୱାର୍ଟରରେ ୧୨, ଦ୍ୱିତୀୟରେ ୧୨, ତୃତୀୟରେ ୭ ଏବଂ ଶେଷ କ୍ୱାର୍ଟରରେ ୧୦ ପଏଣ୍ଟ୍ ପାଇଥିଲା ବେଳେ ଦିଲ୍ଲୀ ପଏଣ୍ଟ୍ ସୁଯୋଗ ଦେଇ ନଥିଲା। ଏହା ପୂର୍ବରୁ ଖେଳାଯାଇଥିବା ତୃତୀୟ ସ୍ଥାନ ମୁକାବିଲାରେ ହାଇଦ୍ରାବାଦ ହିରୋଜ୍ ୧୭-୧୨ରେ ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟ୍ସକୁ ହରାଇ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲା। ଏହି ୬ ଦଳିଆ ପ୍ରତିଯୋଗିତାରେ ଓଡ଼ିଶା ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ ପଞ୍ଚମ ସ୍ଥାନରେ ରହିଥିଲା।

**କଳିଙ୍ଗ ବ୍ଲାକ୍ ଟାଇଗର୍ସ ପଞ୍ଚମ**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଫେରିଲା...

କେତେକ ଯୁବକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଘଟଣାଟି ସେତେବେଳେ ଘଟିଥିଲା ଯେତେବେଳେ ଶ୍ରୀ ସାହୁ ଅଭିଯୋଗ ଗ୍ରହଣ କରୁଥିଲେ। ସୂଚନାନୁଯାୟୀ, ସ୍ଥାନୀୟ ସମସ୍ୟା ଓ ଏକ ତଦନ୍ତର ଅଗ୍ରଗତିକୁ ନେଇ ଏହି ଯୁବକମାନେ ଶ୍ରୀ ସାହୁଙ୍କ ଚାମ୍ବରକୁ ପ୍ରବେଶ କରି ତାଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣର ଉଦ୍ଦେଶ୍ୟ ସ୍ପଷ୍ଟ ହୋଇନଥିବା ବେଳେ ମାଡ଼ ସମୟର ଭିଡିଓ ସାମାଜିକ ଗଣମାଧ୍ୟମରେ ଦ୍ରୁତ ଗତିରେ ଭାଇରାଲ ହୋଇଛି।

ଏହି ଘଟଣା ନେଇ ପ୍ରତିକ୍ରିୟା ରଖି ଶ୍ରୀ ସାହୁ କହିଛନ୍ତି, ଆକ୍ରମଣକାରୀମାନେ ମୋ ପାଇଁ ଅଜଣା। ମୁଁ ଏହି ଘଟଣା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବି। ତେବେ ଅତିରିକ୍ତ କମିଶନରଙ୍କ ଉପରେ ଆକ୍ରମଣ ପ୍ରତିବାଦରେ ବିଏମସି କର୍ମଚାରୀମାନେ ଅଫିସ ପରିସରରେ ଧାରଣା ଦେଇଥିଲେ ଏବଂ ଦିନସାରା କାମ ବନ୍ଦ ରଖିଥିଲେ। ସେମାନେ ଅପରାଧୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଏବଂ ନାଗରିକ କର୍ମଚାରୀଙ୍କ ପାଇଁ ଉନ୍ନତ ସୁରକ୍ଷା ବ୍ୟବସ୍ଥା ଦାବି କରିଛନ୍ତି। ଏହି ଆକ୍ରମଣ ନେଇ ଖାରବେଳ ନଗର ଥାନାରେ ହୋଇଥିବା ଏତଲା ଆଧାରରେ ପୁଲିସ ତିନି ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କର୍ପୋରେଟର ଜୀବନ ରାଉତ, ତାଙ୍କ ସହଯୋଗୀ ରଶ୍ମି ମହାପାତ୍ର ଓ ଦେବାଶିଷ ପ୍ରଧାନ।

ସେପଟେ ଏହି ଘଟଣାକୁ ନେଇ ରାଜନୀତି ଆରମ୍ଭ କରିଦେଇଛି ବିଜେଡି। ସରକାରୀ ଅଧିକାରୀଙ୍କୁ ମାଡ଼ ପ୍ରତିବାଦରେ ବିଜେଡିର ବରିଷ୍ଠ ନେତାମାନେ ରାସ୍ତାକୁ ଓହ୍ଲାଇ ୩ ଘଣ୍ଟାରୁ ଅଧିକ ସମୟ ଧରି ଜନପଥକୁ ଅବରୋଧ କରି ରଖିଥିଲେ। ଯାହାଦ୍ୱାରା ସାଧାରଣ ଲୋକ ହଟ୍ଟସଟ୍ଟ ହେବା ସହ ଆମ୍ବୁଲାନ୍ସ ବି ଫସିଲା। ତିନି ଜଣଙ୍କୁ ଗିରଫ କରାଯିବା ପରେ ବି ବିଜେଡି ରାସ୍ତା ଅବରୋଧରୁ ହଟିନଥିଲା। ଖୋଦ ଭୁବନେଶ୍ୱର ମେୟର ମଧ୍ୟ ଆନ୍ଦୋଳନକୁ ଓହ୍ଲାଇଥିଲେ। ତେଣୁ ପୁଲିସ ବାଧ୍ୟ ହୋଇ ମେୟର, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ଓ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ଉଠାଇନେଇଥିଲା।

ଏହି ଘଟଣାକୁ ବିଜେପିର ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ଯେଉଁମାନେ ଆକ୍ରମଣ କରିଛନ୍ତି ସେମାନେ କାହାରି ଲୋକ ନୁହଁନ୍ତି। ଯେଉଁମାନେ ଦୋଷ କରିଛନ୍ତି ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କଡା କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ବୋଲି ସେ କହିଛନ୍ତି। ତେବେ ତାଳି ଗୋଟେ ହାତରେ ବାଜେ ନାହିଁ ବୋଲି କହି ସେ ଅଫିସରଙ୍କ ଉପରେ କାହିଁକି ଆକ୍ରମଣ ହୋଇଛି ତା'ର ଇଙ୍ଗିତ ଦେଇଛନ୍ତି। ସେପଟେ ଆକ୍ରମଣ ପ୍ରତିବାଦରେ ଆସନ୍ତାକାଲିଠାରୁ ସମୂହ ଛୁଟିରେ ଯିବାକୁ ଘୋଷଣା କରିଛି ଓଏଏସ ଅଫିସର ସଂଘ। ଆଇଏଏସ ସଂଘ ମଧ୍ୟ ଏହି ଘଟଣାକୁ ନିନ୍ଦା କରିଛି। ଆଇଏଏସ ସଂଘ ପକ୍ଷରୁ ବରିଷ୍ଠ ଆଇଏଏସ ଅଫିସର ଉଷା ପାଢ଼ୀ ଏ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନର୍ ଏବଂ ଡିଜିପିଙ୍କ ଆଲୋଚନା କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଆଲୋଚନା ହୋଇଛି।

### ଉତ୍ତର ଓଡ଼ିଶା...

ପାଇଁ ପ୍ରଭାବିତ ହୋଇଛି। ତେବେ ବନ୍ୟା ସ୍ଥିତି ନିୟନ୍ତ୍ରଣାଧୀନ ଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିବା ବେଳେ ମୁକାବିଲା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଥିବା ସ୍ପଷ୍ଟ କରିଛନ୍ତି। ଆଜି ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ (ଏସ୍‌ଆର୍‌ସି) ଉପସ୍ଥିତ ଥିବା ବେଳେ ଶ୍ରୀ ପୂଜାରୀ ବଙ୍ଗୋପ ସାଗରକୁ ଉଦ୍‌ବୃତ୍ତ ଜଳ ନିଷ୍କାସିତ ହୋଇଗଲେ, ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତିରେ ସୁଧାର ଆସିବ ବୋଲି ଆଶା କରିଛନ୍ତି। ସେହିପରି ତଳିଆ ଅଞ୍ଚଳର ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯିବ ସକାଶେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କୁ କୁହାଯାଇଥିବା ଶ୍ରୀ ପୂଜାରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ବ୍ୟକ୍ତିଗତ ଭାବେ ପରିସ୍ଥିତି ଉପରେ ନଜର ରଖିଥିବା ସେ ସୂଚନା ଦେଇଛନ୍ତି।

ଉତ୍ତର ଓଡ଼ିଶାର ପ୍ରାଣକେନ୍ଦ୍ର ବାଲେଶ୍ୱର ସପ୍ତାହକ ଦ୍ୱିତୀୟ ଥର ବନ୍ୟାରେ ଉବୁଟୁବୁ ହୋଇଛି। ଜିଲ୍ଲାର ୬ଟି ବ୍ଲକ୍‌ରେ ବନ୍ୟା ସ୍ଥିତି ଗମ୍ଭୀର ରହିଛି। ବୁଢ଼ାବଳଙ୍ଗରେ ଆସିଥିବା ଭୟଙ୍କର ବନ୍ୟା ପରେ ନାକେଦମ୍ ହୋଇଛି ବାଲେଶ୍ୱର। ଆକାଶ ମାର୍ଗରୁ ଉତ୍ତୋଳିତ ଚିତ୍ର ହିଁ ବୟାନ କରୁଛି ବନ୍ୟାର ଭୟାବହତା। ନଦୀବଢ଼ିର ଆଁ ଭିତରେ ବୁଡ଼ିଯାଇଛି ଘରଦ୍ୱାର, ଆଉ କେଉଁଠି ଘରର ଛାତକୁ ଛୁଇଁଛି ବନ୍ୟାଜଳ। ସହରର ୧୨ ନମ୍ବର ୱାର୍ଡରେ ଗତକାଲି ରାତିରେ ଅଣ୍ଟାଏ ଉଚ୍ଚର ପାଣି ଚାଲୁଥିବା ବେଳେ ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ପାଣିର ପ୍ରକୋପ ବଢୁଥିବାରୁ ନା ଘରୁ ବାହାରି ହେଉଛି, ନା କିଛି ଉପାୟ ଚିନ୍ତା କରିହେଉଛି।

ସେପଟେ ନଦୀ ଉପରମୁଣ୍ଡରେ ପାଣି ଆଉ ତଳମୁଣ୍ଡରେ ବର୍ଷା ପରେ ସପ୍ତାହକ ପରେ ପୁଣି ଥରେ ଫୁଲିଛି ସୁବର୍ଣ୍ଣରେଖା। ଆଉ ଥରେ ବନ୍ୟାର ପ୍ରଭାବ ପଡ଼ିଛି ବାଲେଶ୍ୱର ଜିଲ୍ଲାର ବସ୍ତା, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକ ଉପରେ। ଏଇ ୪ଟି ବ୍ଲକର ପ୍ରାୟ ୩୦ରୁ ଅଧିକ ପଞ୍ଚାୟତରେ ପାଣି ପଶିବା ପରେ ପ୍ରଭାବିତ ହୋଇଛନ୍ତି ହଜାର ହଜାର ଲୋକ। ଘରେ ପାଣି ପଶିଥିବାରୁ ଖାଇବା ପିଇବା ଭୁଲି ଉଚ୍ଚା ଯାଗାରେ ଆଶ୍ରୟ ନେଇଛନ୍ତି ବନ୍ୟା ବିପନ୍ନ। ସପ୍ତାହେ ତଳେ ବନ୍ୟା କବଳରୁ ମୁକୁଳି ଯାଇ ଟିକେ ଆଶ୍ୱସ୍ତ ହେବା ବେଳକୁ ପୁଣି ଦାଉ ସାଧିଛି ପ୍ରକୃତି। ଏପଟେ ସୋମବାର ଅପରାହ୍ଣ ୪ଟା ସୁଦ୍ଧା ରାଜଘାଟଠାରେ ସୁବର୍ଣ୍ଣରେଖା ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ତେଣୁ ବନ୍ୟା ସ୍ଥିତି ଆଗକୁ ଆହୁରି ସଙ୍ଗୀନ ହେବା ଅନୁମାନ କରାଯାଉଛି। ଯାହାକୁ ନେଇ ଭୟ ଆଉ ଆଶଙ୍କା ଭିତରେ ବନ୍ୟା ଦୁର୍ଗତ। ତେଣେ ଜଳକାରେ ବନ୍ୟା ପରେ ବାଲେଶ୍ୱର ବସ୍ତା ବ୍ଲକରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି ହୋଇଛି ୮ରୁ ଅଧିକ ପଞ୍ଚାୟତ। ବନ୍ୟା ଦାଉରୁ ବାଦ୍ ପଡ଼ିନି ବସ୍ତା ଥାନା ଏବଂ ଏସଡିପିଓ ଅଫିସ। ଏହି ଦୁଇ ସରକାରୀ ଅଫିସରେ ଲହଡି ଭାଙ୍ଗୁଛି ୩ ଫୁଟ ଉଚ୍ଚର ବନ୍ୟା ଜଳ। ସେହିଭଳି ବସ୍ତା ବ୍ଲକର ଶହ ଶହ ହେକ୍ଟର ଚାଷ ଜମି ବୁଡ଼ିଯାଇଛି। ମାଥାନିଠାରେ ଜଳକା ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ ନଦୀକୂଳିଆ ଲୋକଙ୍କ ମନରେ ଛନକା ପଶିଛି। ସେପଟେ ଜଳକା ବନ୍ୟାରେ ପ୍ରଭାବିତ ହୋଇଛି ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକର କେତେକ ଅଞ୍ଚଳ।

ଅନ୍ୟପକ୍ଷରେ ଝାଡ଼ଖଣ୍ଡରେ ଅଧିକ ବର୍ଷା ହୋଇଥିବାରୁ ଆଗକୁ ସୁବର୍ଣ୍ଣରେଖାର ଜଳସ୍ତର ବଢ଼ିବା ନେଇ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଆଶଙ୍କା କରିଛନ୍ତି। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନକୁ ଆଲର୍ଟରେ ରଖାଯାଇଛି। ବନ୍ୟାଞ୍ଚଳରେ ଆଗାମୀ ୭ ଦିନ ଯାଏଁ ମାଗଣା ଖାଦ୍ୟ ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଅନ୍ୟ ଜିଲ୍ଲାର ଓଡ୍ରାଫ୍ ଟିମକୁ ମଧ୍ୟ ବାଲେଶ୍ୱର ପଠାଯାଇଛି। ଉଭୟ ଓଡ୍ରାଫ ଓ ଅଗ୍ନିଶମର ୭ ୟୁନିଟ ଉକ୍ତ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳରେ ମୁତୟନ ଅଛନ୍ତି।
ସେହିପରି ଆଜି ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି ଉନ୍ନୟନ କମିଶନର (ଡିସି) ଅନୁ ଗର୍ଗ। ବାଲେଶ୍ୱର ଓ ମୟୂରଭଞ୍ଜରେ ପ୍ରବାହିତ ବିଭିନ୍ନ ନଦୀରେ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ସ୍ଥିତି ଉପରେ ନଜର ରଖାଯାଇଥିବା କହିଛନ୍ତି ଶ୍ରୀମତୀ ଗର୍ଗ। ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାରେ ବନ୍ୟାସ୍ଥିତି ସୃଷ୍ଟି ହୋଇଛି ବୋଲି ବୈଠକରେ କୁହାଯାଇଛି। ଏପରି ସ୍ଥିତିରେ ଉକ୍ତ ଦୁଇ ଦିନରେ ପୂର୍ବାନୁମାନ ଅନୁସାରେ ବର୍ଷା ହେଲେ ଉତ୍ତର ଓଡ଼ିଶାର ନଦୀଗୁଡ଼ିକରେ ଜଳସ୍ତର ଆହୁରି ବୃଦ୍ଧି ପାଇବ। ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଭୀଷଣ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ଏଥିରେ ଉତ୍ତର ଓଡ଼ିଶାବାସୀ ଛାନିଆ ହୋଇପଡ଼ିଛନ୍ତି। ଏହି ଦୃଷ୍ଟିରୁ ଆଗାମୀ ୨୪ ଘଣ୍ଟା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି। ସେହିପରି ବାଲେଶ୍ୱରର ବନ୍ୟା ପରିସ୍ଥିତିର ସମୀକ୍ଷା ପାଇଁ ଜଣେ ସର୍ବୋଚ୍ଚ ଯନ୍ତ୍ରୀ ଓ ଜଣେ ମୁଖ୍ୟ ଯନ୍ତ୍ରୀଙ୍କୁ ପଠାଯାଇଥିବା ସୂଚନା ଦିଆଯାଇଛି। ଏଥିସହ ବାଲେଶ୍ୱରର ସମସ୍ତ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ଜଳସମ୍ପଦ ବିଭାଗ ବି ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କୁହାଯାଇଛି।

### କଠୋର...

ଆକ୍ରମଣକାରୀଙ୍କ ମଧ୍ୟରେ ଜଣେ କର୍ପୋରେଟର୍ ମଧ୍ୟ ଅଛନ୍ତି। ତଦନ୍ତ ପରେ ସବୁକିଛି ସ୍ପଷ୍ଟ ହେବ। ତଦନ୍ତରେ କୌଣସି ପ୍ରକାର ଢିଲାପଣ ରହିବ ନାହିଁ। ମୋହନ ସରକାର ଲୋକଙ୍କ ସରକାର ହୋଇଥିବା ବେଳେ ଏହା କଦାପି ଦୋଷୀମାନଙ୍କୁ କ୍ଷମା ଦିଏନାହିଁ। ଜଣେ କାର୍ଯ୍ୟରତ ଅଧିକାରୀଙ୍କୁ ଆକ୍ରମଣ ନିଶ୍ଚିତ ଭାବେ ନିନ୍ଦନୀୟ କାର୍ଯ୍ୟ। ତେବେ ଏହି ଘଟଣାକୁ ବିଜେଡି ଅତିରଞ୍ଜିତ କରି ପ୍ରଦର୍ଶନ କରିବା ସହ ଏହାକୁ ରାଜନୀତିର ରଙ୍ଗ ଦେବାକୁ ଉଦ୍ୟମ କରୁଛି। ପୁଲିସ୍ ଏହି ମାମଲାରେ କଦାପି ପାତର ଅନ୍ତର କରିବ ନାହିଁ ଓ ଦୋଷୀମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଡ. ମହାପାତ୍ର କହିଛନ୍ତି। ସେହିପରି ସମସ୍ତ ସରକାରୀ ଚାକିରିଆଙ୍କ ସୁରକ୍ଷା ସରକାରଙ୍କ ଦାୟିତ୍ୱ। ଏନେଇ ସରକାର ସଜାଗ ଅଛନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି।

### ଉନ୍ନୟନ ...

ଶ୍ରଦ୍ଧାଳୁ ଥିଲେ ଏବଂ ପୁରୀକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଟ୍ରାଫିକ ଓ ସୁରକ୍ଷା ନେଇ କି ବ୍ୟବସ୍ଥା ଗ୍ରହଣ କରାଯାଇଥିଲା, ସେନେଇ ଉନ୍ନୟନ କମିଶନର୍ ପଚରାଉଚରା କରିଛନ୍ତି। ଘଟଣା ସମୟର ସିସିଟିଭି ଫୁଟେଜ୍‌ରୁ ଯଥେଷ୍ଟ କିଛି ସୁରାକ୍ ମିଳିବାର ସମ୍ଭାବନା ଥିବାରୁ ତାହା ଖୋଜାଯାଉଥିବା ଜଣାପଡ଼ିଛି।

### ବଡ଼ ଠାକୁରଙ୍କୁ ...

ବଡ଼ ଭାଇଙ୍କୁ ରୁଷ୍ଟ କରିଦେଲେ। ତାଙ୍କୁ ଅଧଘଣ୍ଟାରୁ ଅଧିକ ସମୟ ଯାଏଁ ଅପେକ୍ଷା କରାଇଦେଲେ। ଯେଉଁଥିପାଇଁ ଏତେବଡ଼ ବିଭ୍ରାଟ ହୋଇଛି।
ସେହିଭଳି ତତ୍କାଳୀନ ଜିଲ୍ଲାପାଳ ମଧ୍ୟ ମହାପ୍ରଭୁଙ୍କ ନାଁରେ ରଥଯାତ୍ରା ଆପ୍ ଆଳରେ ୩୦ ଲକ୍ଷ ଟଙ୍କା ଚଳୁ କରିଦେଇଥିବା ଅଭିଯୋଗ ହେଉଛି। ଏପରିକି ରଥଯାତ୍ରା ପାଇଁ କର୍ଡନ ପାସ ଛାପିବା ନାଁରେ ବି ହୋଇଛି ଜାଲିଆତି। ପୂର୍ବତନ ଜିଲ୍ଲାପାଳ କୁଆଡେ ତାଙ୍କ ପତ୍ନୀଙ୍କ ପ୍ରେସରେ କର୍ଡନ ପାସ ଛପେଇଥିବା ଅଭିଯୋଗ ହେଉଛି। ଶ୍ରୀମନ୍ଦିର ପରିଚାଳନା କମିଟିର ଜଣେ ପୂର୍ବତନ ସଦସ୍ୟ ଏଭଳି ସୂଚନା ଦେଇଛନ୍ତି।
ସେହିଭଳି ପୁରୀର ସୁରକ୍ଷା ପାଇଁ ଏଆଇଚାଳିତ ସିସିଟିଭି ଲଗାଇବା ନାଁରେ ମଧ୍ୟ ବଡ଼ ଧରଣର ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ନିଜ ଚିହ୍ନାପରିଚିତ ଆଇଜି ଡ୍ରୋନ ନାମକ ଏକ ସଂସ୍ଥାକୁ ସିସିଟିଭି କାମ ଦେଇ ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ପୂର୍ବରୁ ମଧ୍ୟ 'ସଂଚାର' ଖବର ପ୍ରକାଶ କରିଥିଲା। ୨୭୫ଟି ସ୍ଥାନରେ ୫୦ରୁ କମ୍ ସିସିଟିଭି ଲଗାଯାଇଛି। ସେଥି ମଧ୍ୟରୁ ଗୋଟିଏ ବି ସିସିଟିଭି ଏଆଇଚାଳିତ ନୁହେଁ। ରଥଯାତ୍ରା ପୂର୍ବଦିନ ଡିଜିପି ଏହା ଜାଣିପାରି ଭୀଷଣ କ୍ଷୁବ୍ଧ ହୋଇ ତୁରନ୍ତ ରିପୋର୍ଟ ମାଗିଛନ୍ତି। ତେଣୁ ମହାପ୍ରଭୁଙ୍କ କାମରେ ଏଭଳି ଦୁର୍ନୀତିକୁ ମଧ୍ୟ କାଳିଆ ସହ୍ୟ କରିନି।

### ୧୮୦୦ ଚାଳକ...

ଦେବାକୁ ତାଗିଦ୍ କରାଯାଇଛି। କଟକ ନେତାଜୀ ବସ ଟର୍ମିନାଲ, ଭୁବନେଶ୍ୱର ବରମୁଣ୍ଡା ବସ ଟର୍ମିନାଲ, ତାଳବଣିଆ ଓ ମାଳତୀପାଟପୁର ବସଷ୍ଟାଣ୍ଡ ଆଦିରେ ସ୍ଥାନୀୟ ଆରଟିଓମାନେ ନିୟମିତ ସରପ୍ରାଇଜ ଯାଞ୍ଚ କରୁଛନ୍ତି। କୌଣସି ଯାତ୍ରୀଙ୍କଠାରୁ ବସ୍ ଧାର୍ଯ୍ୟ ଦରଠାରୁ ଅଧିକ ଭଡ଼ା ନ ନେବାକୁ ମଧ୍ୟ ବାରମ୍ବାର କୁହାଯାଉଛି। ଯାତ୍ରୀମାନଙ୍କର ବିଭିନ୍ନ ଅଭିଯୋଗ ସମାଧାନ ପାଇଁ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ କାର୍ଯ୍ୟ କରୁଛି। ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ତାଳବଣିଆ ଓ ମାଳତିପାଟପୁରରେ ଅସ୍ଥାୟୀ ବିଶ୍ରାମାଗାର, ମୌଳିକ ସୁବିଧା ଓ ନିଶୁଳ୍କ ଖାଦ୍ୟ ବଣ୍ଟନ ସେବା କରାଯାଇଛି। ଏହାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉଦ୍‌ଘାଟନ କରିଛନ୍ତି। ବାହୁଡ଼ା ଓ ସୁନାବେଶରେ ମଧ୍ୟ ଏଭଳି ସେବା ଯୋଗାଇ ଦିଆଯିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ ଉପଲକ୍ଷେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡ଼ିଶା ଯାତ୍ରୀ ଆପ୍ ମାଧ୍ୟମରେ ତାଳବଣିଆରୁ ଅର୍ବାନ ହାଟ୍ ଭାୟା ରେଳ ଷ୍ଟେସନ, ଷ୍ଟର୍ଲିଂଠାରୁ ମଙ୍ଗଳାହାଟ ରୁଟ୍‌ରେ ନିଃଶୁଳ୍କ ଅଟୋ ସେବା ପୁରୀରେ ଉପଲବ୍ଧ ହୋଇଛି। ବିଶ୍ୱପ୍ରସିଦ୍ଧ ରଥଯାତ୍ରାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ପରିବହନ ବ୍ୟବସ୍ଥା ସୁଚାରୁ ରୂପେ ସମ୍ପାଦିତ କରିବା ଦିଗରେ ବିଭାଗୀୟ ମନ୍ତ୍ରୀ , ପ୍ରମୁଖ ଶାସନ ସଚିବ, ପରିବହନ ଆୟୁକ୍ତଙ୍କ ନେତୃତ୍ୱରେ ଶତାଧିକ ଅଧିକାରୀ ଓ କର୍ମଚାରୀ ନିରନ୍ତର କାର୍ଯ୍ୟ କରୁଛନ୍ତି।

### ଏନ୍‌କାଉଣ୍ଟରରେ...

ଏସିଏମ୍ କ୍ୟାଡର୍ ଓ ଚନ୍ଦନ ପାର୍ଟି ସଦସ୍ୟ ବୋଲି ପୁଲିସ ପ୍ରାଥମିକ ତଦନ୍ତ ପରେ ଜାଣିବାକୁ ପାଇଛି। ଏନ୍‌କାଉଣ୍ଟର୍ ପରେ ବି ସମ୍ପୃକ୍ତ ଅଞ୍ଚଳରେ ପୁଲିସ ପକ୍ଷରୁ ତଲାସୀ ଅଭିଯାନ ଜାରି ରହିଥିବା ଜଣାପଡ଼ିଛି।
ମିଳିଥିବା ସୂଚନାନୁସାରେ, ବାଲିଗୁଡା ଥାନା ଅଧୀନସ୍ଥ ପୁରାଣଜିଆବ ସଂରକ୍ଷିତ ଜଙ୍ଗଲରେ ମାଓବାଦୀମାନେ ଲୁଚି ରହିଥିବା ନେଇ ସ୍ଥାନୀୟ ପୁଲିସ୍ ଗୁଇନ୍ଦା ସୂତ୍ରରୁ ସୂଚନା ପାଇଥିଲା। ଏନେଇ କନ୍ଧମାଳ ଏସ୍‌ପି ହରିଶ ବିସିଙ୍କ ନିର୍ଦ୍ଦେଶ କ୍ରମେ ଡିଭିଏଫ ଯବାନଙ୍କ ଏକ ଟିମ୍ ଉକ୍ତ ଅଞ୍ଚଳରେ କମ୍ବିଂ ଅପରେଶନ ଆରମ୍ଭ କରିଦେଇଥିଲା। ଏହି ସମୟରେ ଲୁଚି ରହିଥିବା ମାଓବାଦୀମାନେ ସୁରକ୍ଷାକର୍ମୀଙ୍କ ଉପରୁ ଗୁଳି ଚଳାଇଥିଲେ। ଫଳରେ ଯବାନମାନଙ୍କୁ ଏହାର ପାଲଟା ଜବାବ ଦେବାକୁ ପଡ଼ିଥିଲା। ଫଳରେ ସେଠାରେ ଏନ୍‌କାଉଣ୍ଟର୍ ଆରମ୍ଭ ହୋଇଯାଇଥିଲା। ଏଥିରେ ମଙ୍ଗୁ ଓ ଚନ୍ଦନଙ୍କର ମୃତ୍ୟୁ ହୋଇଥିବା ଆଜି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସୂଚନା ଦେଇଛନ୍ତି। ଏଥିସହ ଏପରି ଏକ ଉଲ୍ଲେଖନୀୟ ସଫଳତା ପାଇଁ ସେ କନ୍ଧମାଳ ଜିଲ୍ଲା ଏସପି ଓ ଡିଭିଏଫ ଯବାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଖାକି...

ସୁଯୋଗ ହାତଛଡ଼ା କରୁନାହିଁ। ଶୋଇପଡିଥିବା ଅନେକ ବୁଢ଼ା ନେତା ଏବେ ପୁରୀ ପ୍ରସଙ୍ଗକୁ ଜାବୁଡ଼ି ଧରି ରାଜନୀତି ଆରମ୍ଭ କରିଦେଇଛନ୍ତି। ପୁରୀ ପ୍ରସଙ୍ଗରେ ସରକାର ନୟାନ୍ତ ହେଉଥିବା ବେଳେ ରାଜଧାନୀର ଜଣେ ବରିଷ୍ଠ ପୁଲିସ୍ ଅଧିକାରୀଙ୍କ ବିବାଦୀୟ ମନ୍ତବ୍ୟ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ବିରୋଧୀ କଂଗ୍ରେସ ଥାନାରେ ଏତଲା ଦେଇଥିବା ବେଳେ ସାଧାରଣରେ ବି ଏହାକୁ ନାପସନ୍ଦ କରାଯାଉଛି।
ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ଗୋପାଳପୁର, କେନ୍ଦୁଝର ଓ ମୟୂରଭଞ୍ଜରେ ତିନି ତିନିଟି ନାରୀ ନିର୍ଯାତନା ଘଟଣା ଘଟିଥିଲା। ତେବେ ଗୋପାଳପୁର ଘଟଣାରେ ପୁଲିସ୍‌ର ଅବହେଳା ରହିଥିବା ଜଳ ଜଳ ଦିଶିଥିଲା। ଯଦିଓ ସରକାର ଏହି ତିନିଟି ଘଟଣାରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ, ତଥାପି ବିରୋଧୀମାନେ ସରକାରଙ୍କୁ ସମାଲୋଚନା କରିବାର ମଉକା ପାଇଯାଇଥିଲେ। ମୋଟାମୋଟି ଭାବେ ଗତ କିଛିଦିନ ହେଲା ପୁଲିସ୍ ବିଭାଗର କିଛି ଅଧିକାରୀଙ୍କ ଅବହେଳା ଓ ହେୟଜ୍ଞାନ ମନୋଭାବ ଯୋଗୁଁ ରାଜ୍ୟ ସରକାର ଅପବାଦ ମୁଣ୍ଡାଇବାର ଲାଗିଛନ୍ତି ଏବଂ ସରକାରଙ୍କୁ ସମାଲୋଚନା କରିବା ପାଇଁ ବିରୋଧୀ ଦଳଗୁଡ଼ିକ ମଉକା ପାଇଯାଉଛନ୍ତି।

# ସୋଆ ଉପକୁଳପତିଙ୍କୁ ରୟାଲ କଲେଜ ଅଫ୍ ଫିଜିସିଆନ୍ସ ଆଣ୍ଡ ସର୍ଜନସ୍ ଅଫ୍ ଗ୍ଲାସଗୋ ଫେଲୋସିପ୍ ସମ୍ମାନ

**ଭୁବନେଶ୍ୱର, ୩୦।୬ (ସଂଚାର ବ୍ୟୁରୋ):** ଦନ୍ତ ଚିକିତ୍ସା, ଶିକ୍ଷା, ଗବେଷଣା, ନୂତନତା ଓ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟର ଉପକୁଳପତି (ଗବେଷଣା ସହଭାଗିତା) ପ୍ରଫେସର (ଡାକ୍ତର) ନୀତା ମହାନ୍ତିଙ୍କୁ ସମ୍ମାନଜନକ ରୟାଲ କଲେଜ ଅଫ୍ ଫିଜିସିଆନ୍ସ ଆଣ୍ଡ ସର୍ଜନସ୍ ଅଫ୍ ଗ୍ଲାସଗୋ ଫେଲୋସିପ୍‌ରେ ସମ୍ମାନିତ କରାଯାଇଛି।



୪୨୫ ବର୍ଷ ପୁରାତନ ରୟାଲ କଲେଜ ଅଫ୍ ଫିଜିସିଆନ୍ସ ଆଣ୍ଡ ସର୍ଜନସ ଅଫ୍ ଗ୍ଲାସଗୋ ଏକ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ବୃତ୍ତିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ନେଇ ଗଠିତ ଏକ ଅନୁଷ୍ଠାନ। ପ୍ରଫେସର (ଡାକ୍ତର) ମହାନ୍ତି ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନ୍ସେସ୍ (ଆଇଡିଏସ୍)ର ଡିନ୍ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ମୁଖ ସ୍ୱାସ୍ଥ୍ୟ ଏବଂ ଦନ୍ତ ଚିକିତ୍ସା କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି। ସେ ୨୮ ବର୍ଷରୁ ଉର୍ଦ୍ଧ୍ୱ ଶିକ୍ଷାଦାନ କାର୍ଯ୍ୟରେ ସମ୍ପୃକ୍ତ ରହିଛନ୍ତି। ତାଙ୍କ ଦ୍ୱାରା ଲିଖିତ ୧୦୦ରୁ ଉର୍ଦ୍ଧ୍ୱ ସନ୍ଦର୍ଭ ବିଭିନ୍ନ ଆନ୍ତର୍ଜାତିକ ଜର୍ନାଲରେ ପ୍ରକାଶିତ ହୋଇଛି।

ପୂର୍ବରୁ ପ୍ରଫେସର ମହାନ୍ତିଙ୍କୁ ଆମେରିକା ସ୍ଥିତ ଏକାଡେମୀ ଅଫ୍ ଡେଣ୍ଟିଷ୍ଟ୍ରି ଇଣ୍ଟରନ୍ୟାସ୍‌ନାଲ୍ ପକ୍ଷରୁ ଫେଲୋସିପ୍ ପ୍ରଦାନ କରାଯାଇଥିବା ବେଳେ ତାଙ୍କୁ ଡକ୍ଟର ଏ.ପି.ଜେ. ଅବ୍‌ଦୁଲ କାଲାମ ଜାତୀୟ ପୁରସ୍କାର, ବେଷ୍ଟ ଡେଣ୍ଟାଲ୍ ଆଡମିନିଷ୍ଟ୍ରେଟର ଆୱାର୍ଡ ଓ ଟାଇମ୍ସ ପାୱାର ୱମାନ୍ ଆୱାର୍ଡ ମଧ ମିଳିଛି।

## ସରକାରଙ୍କ ନିର୍ଦ୍ଦେଶ ମାନୁନାହାନ୍ତି ମଦ ଦୋକାନୀ

# ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରହୁଛି ଦୋକାନ

**ନାଉଗାଁ, ୩୦।୬ (ସଂଚାର ବ୍ୟୁରୋ):** ନାଉଗାଁ ଥାନା ଅଞ୍ଚଳରେ ନାଉଗାଁ ବଜାର ଓ ବ୍ଲକଛକ (ଓଡପଏଙ୍ଗା) ଠାରେ ରହିଛି ୨ଟି ସରକାରୀ ସିକୃତୀପ୍ରାପ୍ତ ମଦ ଦୋକାନ। ଏହି ୨ଟି ଦୋକାନ ବାଲିଭଉଁରୀ-ଶିଖରଘାଟ ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ। ତେବେ ଦୋକାନୀ ସରାକରୀ ନିୟମକୁ ଖୁଲମଖୁଲା ଭାବେ ଉଲଘଂନ କରୁଥିବା ବେଳେ ଅବକାରୀ ଓ ପୁଲିସ ବିଭାଗ ନିରବଦ୍ରଷ୍ଟା ସାଜିଛନ୍ତି। ମଦ ଦୋକାନ ସମ୍ମୁଖରେ ପ୍ରଦର୍ଶିତ ସୂଚନା ଫଳକରେ ସକାଳ ୧୦ ଟାରୁ ରାତି ୧୦.୩୦ ପର୍ଯ୍ୟନ୍ତ ଦୋକାନ ଖୋଲା ରହିବା ଉଲ୍ଲେଖ ରହିଛି। କିନ୍ତୁ ଦୋକାନ ନିର୍ଦ୍ଧାରିତ ସମୟ ପୂର୍ବରୁ ଏବଂ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରହୁଥିବା ଦେଖିବାକୁ ମିଳିଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦୋକାନ ସମ୍ମୁଖରେ



ଦୋକାନ କଡ ପାଲଟିଛି ଖୋଲା ବାର୍

ମଦ୍ୟପଙ୍କ ଭିଡ ଜମୁଛି। ମଦ ଦୋକାନ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରହୁଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ।

ସେହିପରି ମଦ ଦୋକାନ ନିକଟରେ ମଦ ପିଇବାର ନିୟମ ନଥିବା ବେଳେ ମଦ୍ୟପମାନେ ଦୋକାନରୁ ମଦ କିଣି ଚାରି ପାଖରେ ବସି ମଦ୍ୟପାନ କରୁଛନ୍ତି। ନିଶାଡିମାନେ ନିଶାସକ୍ତ ଅବସ୍ଥାରେ ରାସ୍ତାଘାଟରେ ମଧ ପଡୁଥିବାର ଦେଖିବାକୁ ମିଳୁଛି। ଯାହାକି ମଦ ଦୋକାନ କଡ ଖୋଲା ବାର ଭ୍ରମ ସୃଷ୍ଟି କରୁଛି। ବିଦ୍ୟାଳୟ ଠାରୁ ଅଳ୍ପ ଦୂରରେ ମଦ ଦୋକନା ରହିଥିବାରୁ ଛାତ୍ରଛାତ୍ରୀମାନେ ପ୍ରଭାବିତ ହେଉଛନ୍ତି। ଦୋକାନର ସ୍ଥାନାନ୍ତର ପାଇଁ ମେ ୧୩ ତାରିଖରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଆଲୋକ ମହାନ୍ତି ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଜିଲ୍ଲା ଅବକାରୀ ଅଧିକ୍ଷକ ଅନିତା ପ୍ରଧାନଙ୍କ ମତାମତ ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ ସମ୍ଭବ ହୋଇପାରିନାହିଁ।

# ଅବସର ଦିନ ଶିକ୍ଷୟିତ୍ରୀଙ୍କୁ ମିଳିଲା ପୂର୍ଣ୍ଣାଙ୍ଗ ପେନସନ୍




**କାକଟପୁର/ଅସ୍ତରଙ୍ଗ, ୩୦।୬ (ସଂଚାର ବ୍ୟୁରୋ) :** ପେନସନ ପାଇଁ ପୂର୍ବ ଭଳି ଆଉ କୌଣସି କର୍ମଚାରୀ ହଇରାଣ ହେବେନି। ଅବସର ଦିନ ମିଳିଲା ପେନସନ ସୁବିଧା। ଅବସର ମାତ୍ରେ ପେନସନ ସହ ସବୁ ସୁବିଧା ମିଳିବା ବ୍ୟବସ୍ଥା କରାଯାଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ କୁଆଁରପୁର ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟତ୍ରୀ କମଳକାନ୍ତି ଦେଇ ଓ କୁହୁଡି ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟତ୍ରୀ ପ୍ରିୟତମା ଦେଇ ଅବସର ଗ୍ରହଣ କରିବା ସଂଗେ ସଂଗେ ସୋମବାର ଦିନ ଅସ୍ତରଙ୍ଗ ମଣ୍ଡଳଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ଶିକ୍ଷୟିତ୍ରୀ ଦ୍ୱୟଙ୍କୁ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ କରିଛନ୍ତି। ପୂର୍ବରୁ ଅବସର ନେବା ପରେ ବର୍ଷ ବର୍ଷ ଧରି ପେନସନ ପାଇଁ ଅଫିସକୁ ଦୌଡ଼ିବାକୁ ପଡୁଥିଲା। ଦ୍ୱୟ ଶିକ୍ଷୟତ୍ରୀ ଅବସର ନେବା ଦିନ ପେନସନ ସହ ଅବସରକାଳୀନ ଛୁଟି ବାବଦ ଅର୍ଥ, ଜିଆରଏସ ଭଳି ସୁବିଧା ଦେବାର ବ୍ୟବସ୍ଥା କରିଛି ଶିକ୍ଷା ବିଭାଗ। ଏହି ଅବସରରେ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ କନିଷ୍ଠ କିରାଣୀ ଅମ୍ବିକା ପ୍ରସାଦ କର, ହିସାବ ରକ୍ଷକ ଧରଣୀଧର ବରାଳ, ଶିକ୍ଷା ସ୍ୱେଚ୍ଛାସେବୀ ଅଧୀରାଜ ଲେଙ୍କା ପ୍ରମୁଖ ଉପସ୍ଥିତରେ ମଣ୍ଡଳ ଶିକ୍ଷାଅଧିକାରୀ ଶିକ୍ଷୟତ୍ରୀଙ୍କୁ ଅବସରକାଳୀନ ଶୁଭେଚ୍ଛା ଜଣାଇବା ସହ ପେନସନ ପ୍ରଦାନ କରିଥିଲେ।

## ସିଡିପିଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବୋରିଗୁମ୍ମା, ୩୦।୬ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଜିଲ୍ଲା ଓ ରାଜ୍ୟ ସ୍ତରୀୟ ସମ୍ମାନିତା ଗାୟତ୍ରୀ ବାହିନୀପତିଙ୍କୁ ଅବସରକାଳିନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅତିରିକ୍ତ ତହସିଲଦାର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ମିଳିତ ଆନୁକୂଲ୍ୟରେ ଗାୟତ୍ରୀ ବାହିନୀପତିଙ୍କ ଅଶ୍ରୁଳ ବିଦାୟ କାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରକାଳୀନ ଉତ୍ସବରେ ଶ୍ରୀମତି ବାହିନୀପତିଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସୁଦୂର ଭୁବନେଶ୍ୱର ଓ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସିଡିପିଓ ସମସ୍ତ କ୍ଷେତ୍ର ପରିଦର୍ଶନ ଅଧିକାରୀ କର୍ମଚାରୀ, ଉପସ୍ଥିତ ରହି ଶ୍ରୀମତି ବାହିନୀପତିଙ୍କ ଚାକିରୀ କାର୍ଯ୍ୟକାଳ ମଧରେ ତାଙ୍କ ନିଷ୍ଠା, ତ୍ୟାଗ, ସମୟାନୁବର୍ତ୍ତିତା କର୍ମତତ୍ପରତା ଆଦି ସମ୍ପର୍କରେ ଆଲୋକପାତ କରିଥିଲେ।

## ବିଇଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ବୋରିଗୁମ୍ମା, ୩୦।୬ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ସ୍ଥିତ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ଡ଼.ସଚିନ କୁମାର ମଲ୍ଲିକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଡ଼.ସଚିନ କୁମାର ମଲ୍ଲିକ ଏବିଇଓରୁ ପଦୋନ୍ନତି ପାଇ ୨୦୨୨ରେ ବୋରିଗୁମ୍ମା ବ୍ଲକରେ ବିଇଓ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ଡ଼.ମଲ୍ଲିକ ବିଇଓ ଭାବେ ଯୋଗଦେବା ପରେ ଅସଜଡ଼ା କାର୍ଯ୍ୟାଳୟକୁ ଧିରେ ଧିରେ ସଜାଡ଼ିବା ସହ ବ୍ଲକର ସମସ୍ତ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ସମ୍ବନୟ ରଖି କାର୍ଯ୍ୟ କରିଆସୁଥିଲେ। ଜଣେ ବିଇଓ ଭାବେ ନିଜର ଦାୟିତ୍ୱ ଡ଼.ସଚିନ କୁମାର ମଲ୍ଲିକ ସୁଚାରୁଭାବେ ତୁଲାଇ ଆସୁଥିଲେ ବୋଲି ଏବିଇଓ ସଂଯୁକ୍ତା ପଣ୍ଡା ନିଜ ବକ୍ତବ୍ୟରେ କହିଥିଲେ। ଓଡିଶା ଅମଲା ସଙ୍ଘ କୋରାପୁଟ ଜିଲ୍ଲା ଶାଖା ସଭାପତି ଶଶୀଭୂଷଣ ଦାସ ବିଦାୟ ସମ୍ବର୍ଦ୍ଧନାରେ କହିଥିଲେ ଯେ ବିଇଓ ଡ଼.ମଲ୍ଲିକ ଜଣେ ନିଷ୍ଠାବାନ ଅଧିକାରୀ ଥିଲେ। ତାଙ୍କର କାର୍ଯ୍ୟଶୈଳୀ ନିଆରା ବୋଲି ଶ୍ରୀ ଦାସ କହିଛନ୍ତି। ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବହୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ନୀଳଗିରି, ୩୦।୬ (ସଂଚାର ବ୍ୟୁରୋ):** ନିଆରା ବିଦାୟକାଳୀନ ଶୋଭାଯାତ୍ରା। ବାଜାବଜାଇ ଲୁହ ଭିଜା ଆଖିରେ ଶିକ୍ଷକଙ୍କୁ ବିଦାୟକାଳୀନ ଶୁଭେଚ୍ଛା ଜଣାଇଲେ ଛାତ୍ରଛାତ୍ରୀଙ୍କ ସହ ଅଭିଭାବକ। ନୀଳଗିରିର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବାଲି ଗୋହିରୀ ସ୍ଥିତ ରତ୍ନାକର ଟାଉନ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡାଙ୍କ ବିଦାୟକାଳୀନ ଉତ୍ସବକୁ ଅତି ଆଡ଼ମ୍ବରପୂର୍ଣ୍ଣ ଭାବେ ପୁରାତନ ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ବିଦାୟ ଦେଇଛନ୍ତି। ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା ନିଜର ଶିକ୍ଷକତା ଜୀବନରେ ଛାତ୍ରଛାତ୍ରୀ ମାନଙ୍କୁ ଏପରି ଭଲପାଇ ଆସୁଥିଲେ ଯେ କୌଣସି ଛାତ୍ରଛାତ୍ରୀ ତାଙ୍କର ସ୍ନେହ ଆଦର, ଭଲ ପାଇବାକୁ ଏଯାବତ୍ ନିଜ ମାନସ ପଟରୁ ଭୁଲି ନପାରି ସମସ୍ତ ପୁରାତନ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡାଙ୍କୁ ବିଦାୟ ଦେଇଛନ୍ତି।

## ଜଙ୍ଗଲ ଜମି ବିବାଦକୁ ନେଇ ଗ୍ରାମବାସୀଙ୍କୁ ଆକ୍ରମଣ ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ଘେରାଉ

**ରାଇଘର/ନବରଙ୍ଗପୁର, ୩୦।୬ (ସଂଚାର ବ୍ୟୁରୋ) :** ଜଙ୍ଗଲ ଜମିରେ ଭିଏସ୍ଏସ୍ (ବନ ସୁରକ୍ଷା ଓ ସମିତି)ର ମକା ଚାଷକୁ ବିରୋଧ କରି ଅଭିଯୋଗ ପାଇଁ ଆସିଥିବା ଗ୍ରାମବାସୀଙ୍କ ଉପରେ ବନ କର୍ମଚାରୀ ଆକ୍ରମଣ ଘଟଣା ଆଜି ଭିନ୍ନ ମୋଡ଼ ନେଇଛି। ମାଡ଼ ମାରିଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଜିଲ୍ଲା ଆଦିବାସୀ ଅଧିକାର ମଞ୍ଚ ସମ୍ପାଦକ ରାଜେଶ ଜାନୀଙ୍କ ନେତୃତ୍ୱରେ ମାଡ଼ଖାଇଥିବା କୁସୁମପୁର ଗାଁର ଶତାଧିକ ପୁରୁଷ ମହିଳା ଏକାଠି ହୋଇ ରାଇଘର ଥାନା ଘେରିଛନ୍ତି। ଅନ୍ୟପକ୍ଷେ ବନବିଭାଗ ସପକ୍ଷରେ ଥିବା ନାକଟିସିମଡ଼ା ଗାଁର ବନସୁରକ୍ଷା ସମିତି ପକ୍ଷରୁ ରାଇଘର ରେଞ୍ଜ୍ ଅଫିସ୍‌କୁ ଘେରାଉ କରାଯାଇଛି ।



ରବିବାର ଜଙ୍ଗଲଜମିରେ ମକା ଚାଷକୁ କେନ୍ଦ୍ର କରି ଗୋଟିଏ ଗୋଷ୍ଠୀ ଥାନା ଘେରିଥିବା ବେଳେ ଅନ୍ୟଗୋଷ୍ଠୀ ରେଞ୍ଜ୍ ଅଫିସ୍ ଘେରିଥିଲେ। ବନକର୍ମଚାରୀଙ୍କ ଆକ୍ରମଣରେ ଆହତ କୁସୁମପୁର ଗ୍ରାମବାସୀ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ରାଇଘର ପୁଲିସ୍ ପକ୍ଷରୁ ୬ଜଣ ବନକର୍ମଚାରୀଙ୍କ ବିରୋଧରେ ଶନିବାର ବିଳମ୍ବିତ ରାତିରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଥିବା ଅତିରିକ୍ତ ଏସ୍ ଆଦିତ୍ୟ ସେନ ପ୍ରତିଶ୍ରୁତି ଦେବା ପରେ ଥାନାରୁ ଗ୍ରାମବାସୀ ଫେରିଥିଲେ।

ଅନ୍ୟପକ୍ଷେ ରେଞ୍ଜ୍ ଅଫିସ୍ ଘେରିଥିବା ଭିଏସ୍ଏସ୍‌ର ନାକଟିସିମଡ଼ା ଗ୍ରାମବାସୀ ବିରୋଧୀ ଗୋଷ୍ଠୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜଙ୍ଗଲ ସୁରକ୍ଷା ଦାବି କରିଥିଲେ । ଅତିରିକ୍ତ ଏସ୍‌ପି ଶ୍ରୀ ସେନ ଆଇନ ବିରୋଧୀ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଭିଏସ୍ଏସ୍ ଗ୍ରାମବାସୀଫେରିଥିଲେ। ଜଙ୍ଗଲ ଜମିରେ ଗୋଟିଏ ଗୋଷ୍ଠୀ ମକା ଚାଷ କରିବାକୁ ଜିଦ୍ ଧରିଥିବା ବେଳେ ଅନ୍ୟ ଜଙ୍ଗଲ ସୁରକ୍ଷା ପାଇଁ ଜିଦ୍ କରୁଥିବା ନେଇ ଉଭୟ ଗାଁରେ ଏବେ ଉତ୍ତେଜନା ପରସ୍ଥିତି ଦେଖାଦେଇଛି।



# ଗୌରାଙ୍ଗ ପାଲଙ୍କ କବିତା ପୁସ୍ତକ ଉନ୍ମୋଚିତ

**ରାଇଘର, ୩୦।୬ (ସଂଚାର ବ୍ୟୁରୋ) :** ସନାତନ ସ୍ମୃତି ସାହିତ୍ୟ ସଂସଦ ପକ୍ଷରୁ ତପନ କଲ୍ୟାଣ ମଣ୍ଡପ ଠାରେ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୁସ୍ତକ ଉନ୍ମୋଚନ ଓ କବିତା ପାଠ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନ ଡ ଦୀନବନ୍ଧୁ ନନ୍ଦୀଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ବଲ୍ଲଭ ରାଉତ ପ୍ରାକ୍ତନ ସଦସ୍ୟ ଓଡିଶା ସାହିତ୍ୟ ଏକାଡ଼େମୀ, ସମ୍ମାନିତ ଅତିଥି ଭାବେ ପ୍ରୀତି ସ୍ନିଗ୍ଧା ମହାପାତ୍ର ସାଂସଦ ପ୍ରତିନିଧି, ମୁଖ୍ୟ ବକ୍ତା ଭାବେ ମନୋରମା ମହାପାତ୍ର, ବରିଷ୍ଠ କବି, ସମ୍ମାନିତ ଅତିଥି ଭାବେ ଉମେଶ ଚନ୍ଦ୍ର ଭୁକ୍ତା ଅବସର ପ୍ରାପ୍ତ ଶିକ୍ଷାଧିକାରୀ, ସମୀକ୍ଷକ ଭାବେ ଅଭିରାମ ଲେଙ୍କା, ବ୍ୟଙ୍ଗ କବି ମଞ୍ଚାସିନ ଥିବାବେଳେ କବି ଗୌରାଙ୍ଗ ପାଲଙ୍କ କବିତା ପୁସ୍ତକ " ଫେରିବାକୁ ହେବ ଦିନେ" ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରୀତି ସିଗ୍ଧା ମହାପାତ୍ର, ହେମଲତା ମାଝୀ, କାର୍ତ୍ତିକ ମଲ୍ଲିକ, ଟୁଟୁ ବାବୁ ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ରାଉତ ଓ ମିହିର କାନ୍ତି ଢାଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନ ପ୍ରଫୁଲ୍ଲ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜକିଶୋର ନାୟକ, ପୂର୍ଣ୍ଣ ଚନ୍ଦ୍ର ସେଠୀ ଓ ମହାନନ୍ଦ ମହାଳିକ ମଞ୍ଚାସିନ ଥିଲେ। ପ୍ରାୟ ତିରିଶ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅଧାପକ ପରୀକ୍ଷିତ ସାହୁ ଓ ଧନଞ୍ଜୟ ମଲ୍ଲ ପରିଚାଳନା କରିଥିଲେ।

# ଜାତୀୟ ବନ ମହୋତ୍ସବ ସପ୍ତାହ



**କାକଟପୁର/ଅସ୍ତରଙ୍ଗ, ୩୦।୬ (ସଂଚାର ବ୍ୟୁରୋ) :** ଆଜିଠାରୁ ଆମ ଦେଶରେ 'ବନ ମହୋତ୍ସବ ସପ୍ତାହ' ଆରମ୍ଭ ହୋଇଛି। ପରିବେଶର ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି ପାଇଁ ୧୯୫୦ ମସିହାରୁ ଜୁଲାଇ ପ୍ରଥମ ସପ୍ତାହରେ 'ବନ ମହୋତ୍ସବ ସପ୍ତାହ' ପାଳନ କରାଯାଇ ଆସୁଛି। ଗଛ ଛାଇ ଯୋଗାଇବା, ମରୁଡ଼ି ପରିସ୍ଥିତି ହ୍ରାସ କରାଇବା, ଅଧିକ ବିକଳ୍ପ ଇନ୍ଧନ ଉତ୍ସ ପହଞ୍ଚାଇବା, ପରିବେଶ ସନ୍ତୁଳନ ଆଣିବା, ଖାଦ୍ୟ ଉତ୍ପାଦନ ବୃଦ୍ଧି ଓ ମୃତ୍ତିକା କ୍ଷୟ ହ୍ରାସ କରାଇବା ଆଦି ଅଗଣିତ ହିତ ସାଧନ କରିଥାଏ। 'ଗ୍ଲୋବାଲ୍ ଫରେଷ୍ଟ ୱାଚ୍' ସଂଗଠନ ଦ୍ୱାରା କରାଯାଇଥିବା ଏକ ଅନୁଧାନ ଅନୁଯାୟୀ, ୨୦୧୯-୨୦ରେ ଭାରତରେ ହାରାହାରି ୩,୮୫,୦୦୦ ହେକ୍ଟର ପରିମିତ କ୍ରାନ୍ତିମଣ୍ଡଳୀୟ ଜଙ୍ଗଲ ହ୍ରାସ ପାଇଛି। ଗତ ଏକ ଦଶନ୍ଧି ହେଲା କେବଳ ଗଛକଟା ଯୋଗୁଁ ଦେଶର ଜଙ୍ଗଲ ପରିମାଣ ୧୬ ପ୍ରତିଶତ କମି ଆସିଛି। ତେଣୁ ପୂର୍ବାପେକ୍ଷା ଏବେ ମାନବିକ କାର୍ଯ୍ୟକଳାପ ଯୋଗୁଁ ଜଙ୍ଗଲ ଓ ବୃକ୍ଷରାଜି ପ୍ରତି ଅଧିକ ବିପଦ ରହିଥିବାରୁ ବନ ମହୋତ୍ସବ ପାଳନ ଅନେକ ଗୁରୁତ୍ୱ ବହନ କରୁଛି। ଏହି ସପ୍ତାହରେ ଦେଶର ବିଭିନ୍ନ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ପରିସର ସମେତ ଘରୋଇ ତଥା ସାର୍ବଜନୀନ ଖାଲି ସ୍ଥାନଗୁଡ଼ିକରେ ବୃକ୍ଷ ଲଗାଯିବାକୁ ପ୍ରୋତ୍ସାହିତ କରାଯାଉଛି।ଏହା ସହ ପୁରୀ ବନଖଣ୍ଡ ଅଧୀନ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରାଯିବ ବୋଲି ସୂଚନା ମିଳିଛି।

## ଜୁଣେଇ-ନାଗପୁର ରାସ୍ତାରେ ଜମୁଛି ବର୍ଷାଜଳ

# ଯାତାୟାତ ବାଧାପ୍ରାପ୍ତ, ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା

- ହୋଇପାରୁନି ଜଳ ନିଷ୍କାସନ
- ଡ଼ାଇରିଆ ଓ ମ୍ୟାଲେରିଆ ବ୍ୟାପିବା ଆଶଙ୍କା

**ଗୋପ, ୩୦।୬ (ସଂଚାର ବ୍ୟୁରୋ) :** ଗୋପ ବ୍ଲକ ନାଗପୁର ପଞ୍ଚାୟତର ନାଗପୁର ବ୍ୟସାୟର ପେଣ୍ଠସ୍ଥଳୀ ବୋଲି କୁହାଯାଏ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଟିକେ ବର୍ଷା ହେଲେ ନାଗପୁର ଓ ଜୁଣେଇ ରାସ୍ତାର ଅନେକ ସ୍ଥାନରେ ଆଣ୍ଠୁଏ ଆଣ୍ଠୁଏ ବର୍ଷା ପାଣି ଜମି ରହିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥାଏ। ନାଗପୁର ହାଟରେ କୋଣାର୍କ, ଗୋପ, ଛଇତନା ଏବଂ ଏହାର ଆଖପାଖ ଅଞ୍ଚଳରୁ ପ୍ରତ୍ୟକ ଦିନ ହଜାର ହଜାର ବ୍ୟବସାୟୀ ଏବଂ ଗ୍ରାହକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥାଏ। ନାଗପୁର ମେଳାଘର ଛକ ଠାରୁ ଜୁନେଇ ଓ କୋଣାର୍କ ମୁଖ୍ୟ ରାସ୍ତା (୮ କି.ମି) ଆରଡ଼ି, ରାସ୍ତା ଦ୍ୱାରା ସଂଯୋଗ ହୋଇଛି। କିନ୍ତୁ ରାସ୍ତାକାର୍ଯ୍ୟ ତ୍ରୁଟପୂର୍ଣ୍ଣ ଓ ନିମ୍ନମାନର ହୋଇଥିବାରୁ ନାଗପୁର ଠାରୁ ଜୁଣେଇ ପର୍ଯ୍ୟନ୍ତ ସଂଯୋଗ



ହୋଇଥିବା ରାସ୍ତାର ଅନେକ ସ୍ଥାନରେ ରାସ୍ତା ଧୋଇହୋଇଯିବା ଏବଂ ବର୍ଷାପାଣି ଜମି ରହିଥିବାରୁ ଲୋକମାନେ ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳିଛି।

କୋଣାର୍କ ଦେଇ ନାଗପୁର ବଜାରକୁ ଅନେକ ମାଲବାହୀ ଯାନ ପ୍ରତ୍ୟେକ ଦିନ ଯାତାୟାତ କରିଥାନ୍ତି। ଏପଟେ ରାସ୍ତା ଅଣଓସାରିଆ ଏବଂ ନାଗପୁର ସାହି ମଧରୁ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ରାସ୍ତା ଉପରେ ଦୁଇ ଫୁଟ୍ ପାଣି ଜମିରହୁଛି। ଏହା ଦ୍ୱାରା ସ୍କୁଲ କଲେଜ ଛାତ୍ରଛତ୍ରୀମାନଙ୍କ ସହିତ ଚାଲିକି ଯିବା ଆସିବା କରିବା ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଉପରେ ପାଣି ସବୁବେଳେ ଜମି ରହୁଥିବାରୁ ଆଗକୁ ଡାଇରିଆ, ମ୍ୟାଲେରିଆ ଓ ମହାମାରୀ ବ୍ୟାପିବା ଆଶଙ୍କା ରହିଥିବାର ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏଥପ୍ରତି ବ୍ଲକ୍ ପ୍ରଶାସନ, ଜିଲ୍ଲାପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ନାଗପୁର ଅଞ୍ଚଳର ବୁଦ୍ଧି ଯିବି ମାନଙ୍କ ସହିତ ନାଗପୁର ସ୍ପୋର୍ଟ କ୍ଲବ ସମ୍ପାଦକ ସୁକାନ୍ତ ମିଶ୍ର ଦାବୀ କରିଛନ୍ତି।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର, ୧୭୬ଟି ଅଭିଯୋଗରୁ ୯୧ଟିର ତତ୍କାଳ ସମାଧାନ

**ସାଲେପୁର, ୩୦।୬ (ସଂଚାର ବ୍ୟୁରୋ):** ଆଜି ସାଲେପୁର ବ୍ଲକର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ଉପସ୍ଥିତ ରହି ଲୋକମାନଙ୍କର ଆପତ୍ତି ଅଭିଯୋଗ ଶୁଣିବା ସହ ବହୁ ସମସ୍ୟାର ଘଟଣା ସ୍ଥଳରେ ସମାଧାନ କରିଥିବା ଜଣାଯାଇଛି। ଏହି ଜନଶୁଣାଣି ଶିବିରରେ ଗ୍ରାମାଞ୍ଚଳ ଏସ୍.ପି. ପ୍ରତୀକ ସିଂହ, ଏସ୍.ଡବ୍ଲୁ ଓ., ସାଲେପୁର ଏସ୍.ଡି.ପି.ଓ. ବିରଞ୍ଚିନାରାୟଣ ପତି, ସି.ଡି.ପି.ଓ. ସୌଦାମିନୀ ପଣ୍ଡା, ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ କୁମାର ପ୍ରଧାନ, ସାଲେପୁର ବ୍ଲକ ଅତିରିକ୍ତ ମଣ୍ଡଳ ଉନ୍ନୟନ




ଅଧିକାରୀ ସୂର୍ଯ୍ୟକାନ୍ତ ରାଉତରାୟ, ସାଲେପୁର ବ୍ଲକ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ମୋଟ୍ ୧୭୬ଟି ଅଭିଯୋଗ ହୋଇଥିବାବେଳେ ବ୍ୟକ୍ତିଗତ ଅଭିଯୋଗ ସଂଖ୍ୟା ୧୩୭ ଓ ସାମୁହିକ ୩୯ଟି ଅଭିଯୋଗ ହୋଇଥିଲା। ସେଥି ମଧରୁ ଘଟଣା ସ୍ଥଳରେ ୯୧ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବାବେଳେ ୨୨ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ଓ ୨୫ଜଣଙ୍କୁ ଅନ୍ୟାନ୍ୟ ଭତ୍ତା ପ୍ରଦାନ କରାଯାଇଥିଲା। ବର୍ଷା ସତ୍ତ୍ୱେ ମଧ ଜିଲ୍ଲାପାଳଙ୍କ ଏହି ଜନଶୁଣାଣି ଶିବିରରେ ବହୁ ଲୋକ ଉପସ୍ଥିତ ରହି ନିଜର ଆପତ୍ତି ଅଭିଯୋଗ ଜିଲ୍ଲାପାଳଙ୍କ ଠାରେ କରିଥିଲେ।

# ସମସ୍ୟାରେ ଗତି କରୁଛନ୍ତି ବାଉଁଶ କାରିଗର

- ➩ ବାଉଁଶ ପ୍ରସ୍ତୁତି ସାମଗ୍ରୀକୁ କୁଟୀର ଶିଳ୍ପ ମାନ୍ୟତା ଦାବି
- ➩ ମିଳୁନି ତାଲିମ୍ କି ସରକାରୀ ଋଣ
- ➩ କୌଳିକ ବୃତ୍ତି ହରାଇ ମଜୁରି ଖଟୁଛନ୍ତି କାରିଗର



**କାକଟପୁର/ଅସ୍ତରଙ୍ଗ, ୩୦।୬ (ସଂଚାର ବ୍ୟୁରୋ):** ଘର ତିଆରିଠୁ ଆରମ୍ଭ କରି ଘରକରଣା ଜିନିଷ ପର୍ଯ୍ୟନ୍ତ ସବୁଠି ବାଉଁଶର ଆବଶ୍ୟକତା ରହିଛି। ବାଉଁଶରୁ ତିଆରି ଟୋକେଇ, କୁଲା, ଡାଲା ଭଳି ବିଭିନ୍ନ ପ୍ରକାର ସାମଗ୍ରୀର ଚାହିଦା ଏବେ ବି ରହିଛି। ବ୍ରତଘର, ବିବାହ, ତୋରଣ ମନ୍ଦିର ପ୍ରତିଷ୍ଠା ଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟରେ ବାଉଁଶକୁ ଲୋକେ ଖୋଜିଥାନ୍ତି। ହେଲେ ସରକାରୀ ପ୍ରୋତ୍ସାହନ ଓ ସହାୟତା ଅଭାବରୁ ବାଉଁଶ କାରିଗର ମାନେ ଆର୍ଥିକ ଅନଟନରେ ଜୀବନ ଜିଉଁଛନ୍ତି।

ପ୍ଲାଷ୍ଟିକି ସାମଗ୍ରୀର ବିପୁଳ ବ୍ୟବହାର ବାଉଁଶ ଶିଳ୍ପୀଙ୍କ ବେଉସା ଉପରେ ପ୍ରଭାବ ପକାଇଛି। ଏହା ସତ୍ତ୍ୱେ ନିଜର କୌଳିକ ବୃତ୍ତିକୁ ଛାଡି ନାହାନ୍ତି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କରଞ୍ଚପୁର(ଗୋପାଳପୁର) ଓ କେନ୍ଦ୍ରାପଟି ଗ୍ରାମର ଶତାଧିକ କାରିଗର। ଯଦିଓ ଏହି ୨ ଗ୍ରାମରେ ପାଖାପାଖି ୨ଶହରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ମାତ୍ର କୌଳିକ ବୃତ୍ତିରେ ପେଟରେ ଭୋକ ନ ମେଣ୍ଟିବାରୁ ପ୍ରାୟ ଅଧିକାଂଶ ପରିବାର ମୂଳ ମଜୁରୀ ଲାଗୁଛନ୍ତି। କିନ୍ତୁ ବେଉସାକୁ ଆଦରି ପରିବାର ଚଳାଇବା କଷ୍ଟକର ହେଲେ ବି କାରିଗର ଶିବ ମଲ୍ଲିକଙ୍କ ପରିବାର ବାଉଁଶ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି।

ତାଙ୍କ କହିବା କଥା ବାଉଁଶ ବଜାର ଦର ଅନୁସାରେ ସେଥିରୁ ତିଆରି ସାମଗ୍ରୀ ବିକ୍ରି କରି ଭଲ ଦି'ପଇସା ରୋଜଗାର ସମ୍ଭବ ନୁହେଁ। ଏମିତିକି ଅନେକ ପରିବାର ଏହି ବାଉଁଶ ସାମଗ୍ରୀ ତିଆରି କରିଥାନ୍ତି। ବେତ ଶିଳ୍ପ ଭଳି ବାଉଁଶରୁ ପ୍ରସ୍ତୁତ ସୋଫା, ଝୁଲା, ଟୁଲ ତିଆରି ହୋଇପାରିବ। ମାତ୍ର ଏଭଳି ସାମଗ୍ରୀ ପ୍ରସ୍ତୁତ ପାଇଁ ସରକାରୀ ତାଲିମ୍ ଓ ସରକାରୀ ଋଣ ବ୍ୟବସ୍ଥା କରାଯାଇ ପାରିଲେ ଭଲ ବ୍ୟବସାୟ ହେବ ବୋଲି ଶିବ ମଲ୍ଲିକ କହିଛନ୍ତି। ବେତ ଶିଳ୍ପ ଭଳି ଯଦି ରାଜ୍ୟ ସରକାରଙ୍କ ପକ୍ଷରୁ ବାଉଁଶ ସାମଗ୍ରୀ ପ୍ରସ୍ତୁତ ପାଇଁ କୁଟୀର ଶିଳ୍ପ ଭଳି ପ୍ରୋତ୍ସାହନ ଯୋଗାଇ ଦିଆଯାନ୍ତା ତେବେ ଶହ ଶହ ପରିବାର ଓ ବାଉଁଶ କାରିଗର ଏଥିରେ ଉପକୃତ ହୁଅନ୍ତେ ବୋଲି ଶିବ ମଲ୍ଲିକ କହିଛନ୍ତି।

ସଂଚାର THE SANCHAR

ରବି ଧାନ ସଂଗ୍ରହ ନେଇ ମନ୍ତ୍ରୀସ୍ତରୀୟ ସମୀକ୍ଷା ବୈଠକ

# ଧାର୍ଯ୍ୟ ଲକ୍ଷ୍ୟଠାରୁ ରେକର୍ଡ ପରିମାଣର ଧାନ ସଂଗ୍ରହ

- ୧୪ ଲକ୍ଷ ମେଟ୍ରିକ ଟନ ତୁଳନାରେ ସଂଗୃହୀତ ହୋଇଛି ୧୯ ଲକ୍ଷ ମେଟ୍ରିକ ଟନ୍
- ଆଗାମୀ ବର୍ଷରୁ ଇ-କେୱାଇସି ଯୋଜନା



ଭୁବନେଶ୍ୱର,୩୦।୬(ସଂଚାର ବ୍ୟୁରୋ): ରବି ଧାନ ସଂଗ୍ରହ ୨୦୨୪-୨୫ ନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀସ୍ତରୀୟ ସମୀକ୍ଷା ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଛି। ବର୍ତ୍ତମାନ ରବି ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ଆଜି ଏହି ସଂଗ୍ରହ ପ୍ରକ୍ରିୟାର ଅବଧି ଶେଷ ହେବାକୁ ଯାଉଛି । ଚଳିତ ବର୍ଷ ରବି ଧାନ ଫସଲ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ୧୪ ଲକ୍ଷ ମେଟ୍ରିକ ଟନ ରହିଥିବାବେଳେ ଆଜି ସୁଦ୍ଧା ପ୍ରାୟ ୧୯ ଲକ୍ଷ୍ୟ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇସାରିଛି । ଗତ ବର୍ଷ ୧୨ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିବାବେଳେ ଚଳିତ ଋତୁରେ ରେକର୍ଡ଼ ପରିମାଣର ଧାନ ସଂଗ୍ରହ ହୋଇଛି । ଓଡ଼ିଶା ଏକମାତ୍ର ରାଜ୍ୟ ଭାବେ ସମୃଦ୍ଧ କୃଷକ ଯୋଜନା ଅଧୀନରେ ଚାଷୀଙ୍କୁ ରବି ଧାନରେ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା (ଏମ୍‌ଏସପି ଓ ଇନପୁଟ ସହାୟତା ବାବଦରେ) ପ୍ରଦାନ କରୁଛି। ଧାନ କିଣା ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ଏବଂ ଅନ୍ୟ ପଡୋଶୀ ରାଜ୍ୟରୁ ଆସୁଥିବା ଧାନକୁ ରୋକିବା ପାଇଁ ଚାଷୀଙ୍କ ଇ-କେୱାଇସି ବ୍ୟବସ୍ଥା ଲାଗୁ କରିବା ନିମନ୍ତେ ବୈଠକରେ ବିଚାର ବିମର୍ଶ ହୋଇଥିଲା। ଏହାଦ୍ୱାରା ଆମ ରାଜ୍ୟ ପ୍ରକୃତ ହିତାଧିକାରୀ ଉପକୃତ ହୋଇପାରିବେ। ଏହାଛଡ଼ା ଆଗାମୀ ସମୟରେ ଧାନକିଣା ନିମନ୍ତେ ନୂତନ ନୀତି ଆଣିବା ପାଇଁ ସରକାର ବିଚାର କରୁଛନ୍ତି ।

ସମ୍ପ୍ରତି ରାଜ୍ୟବାସୀଙ୍କ ନିଜସ୍ୱ ବିନିଯୋଗ ପାଇଁ ୨୭ ଲକ୍ଷ ମେଟ୍ରିକ ଟନର ଚାଉଳ ଆବଶ୍ୟକ ହୋଇଥାଏ। କିନ୍ତୁ ଆମ ରାଜ୍ୟ ଓଡ଼ିଶାରେ ଚଳିତ ବର୍ଷ ଖରିଫ ଓ ରବି ଧାନକୁ ମିଶାଇ ମୋଟ ୯୩ ଲକ୍ଷ ମେଟ୍ରିକ ଟନ ଧାନ ଉତ୍ପାଦନ ହୋଇଛି। ସେଥିରୁ ହାରାହାରି ୬୩ ଲକ୍ଷ ମେଟ୍ରିକ ଟନ ଚାଉଳ ପ୍ରସ୍ତୁତ ହେବ, ଯାହା ରାଜ୍ୟର ଚାହିଦାଠାରୁ ଢ଼େର ଅଧିକ। ବଳକା ଚାଉଳର ସୁପରିଚାଳନା ପାଇଁ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଧାନର କଟା ଅଂଶ ଏବଂ ଭଙ୍ଗା ଚାଉଳକୁ ରାଜ୍ୟରେ ଥିବା ଇଥାନଲ ପ୍ଲାଣ୍ଟକୁ ଦିଆଯାଇ ସେଥିରୁ ୨ଜି ଇଥାନଲ ପ୍ରସ୍ତୁତ କରିବା ବ୍ୟବସ୍ଥା କରାଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ସମେତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଉପସ୍ଥିତ ରହି ବିଭାଗୀୟ ସମୀକ୍ଷା କରିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ପରିଚାଳନା ନିର୍ଦ୍ଦେଶକ ଯୋଗାଣ ନିଗମ ସୁଦର୍ଶନ ଚକ୍ରବର୍ତ୍ତୀ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗଦେଇଥିଲେ ।

- ରଥଯାତ୍ରାରେ ଦଳଚକଟା ଘଟଣା

## ସରକାରଙ୍କୁ ଓଏଚ୍‌ଆର୍‌ସିଙ୍କ ନୋଟିସ

ଭୁବନେଶ୍ୱର,୩୦।୬(ସଂଚାର ବ୍ୟୁରୋ): ଗତକାଲି ଭୋର୍ ସମୟରେ ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ସାମ୍ନାରେ ମହାପ୍ରଭୁଙ୍କ ଆଡ଼ପ ଦର୍ଶନ ଦେଖିବା ସକାଶେ ମାତ୍ରାଧିକ ଭିଡ଼ ହେବା ଫଳରେ ଦଳାଚକଟା ଭଳି ଅଘଟଣ ଘଟିଥିଲା, ଯେଉଁଥିରେ ୩ ଜଣ ଭକ୍ତଙ୍କ ପ୍ରାଣହାନୀ ଘଟିଛି। ଏହି ଘଟଣା ନେଇ ଆଜି ରାଜ୍ୟ ସରକାରଙ୍କୁ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ନୋଟିସ ଜାରି କରିଛନ୍ତି। ଏଥିସହ ଆହତଙ୍କୁ ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ କମିଶନ୍ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରଥଯାତ୍ରାରେ ଦଳଚକଟା ଘଟଣା ନେଇ ଆଇନଜୀବୀ ତଥା ମାନବାଧିକାର କର୍ମୀ ନିଶିକାନ୍ତ ମିଶ୍ର କମିଶନ୍‌ରେ ଏକ ମାମଲା ରୁଜୁ କରିଥିଲେ। ସେ ପିଟିସନରେ ଦର୍ଶାଇଥିଲେ ଯେ ରଥଯାତ୍ରା ପରଦିନ ପୁଲିସ ଓ ପ୍ରଶାସନିକ ଅବହେଳା ପାଇଁ ବଡ଼ଦାଣ୍ଡରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି। ୫୦ରୁ ଅଧିକ ଶ୍ରଦ୍ଧାଳୁ ଆହତ ମଧ୍ୟ ହୋଇଛନ୍ତି। ଏହି ଘଟଣା ସମସ୍ତ ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦେଇଛି। ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଦରକାର। ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାରକୁ ଅଧିକ ପରିମାଣର କ୍ଷତିପୂରଣ ଦେବାକୁ ଶ୍ରୀ ମିଶ୍ର ନିବେଦନ କରିଛନ୍ତି। କମିଶନ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ତୁରନ୍ତ ରାଜ୍ୟ ସରକାରଙ୍କୁ ନୋଟିସ କରିବା ସହ ଭବିଷ୍ୟତରେ ଯେପରି ଏଭଳି ଅଘଟଣର ପୁନରାବୃତ୍ତି ନହେବ, ସେଥିପ୍ରତି ଦୃଷ୍ଟି ଦେବାକୁ କମିଶନ୍ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।




## ସରକାରୀ ବାବୁଙ୍କ ପ୍ଲଟ୍ ପ୍ରୀତି

- ନାଁରେ ଅଛି ୨ ଫାର୍ମ ହାଉସ୍ ସମେତ ୫୭ ଏକର ଜମି
- ୩ କୋଠା ଓ ୫୫ ଲକ୍ଷର ଜମା ଠାବ



ନବରଙ୍ଗପୁର,୩୦।୬(ସଂଚାର ବ୍ୟୁରୋ): ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ବିକାଶ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗଙ୍କ ଉପରେ ଆଜି ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଆଜି ସକାଳେ ଏକକାଳୀନ ୮ଟି ସ୍ଥାନରେ ଚଢ଼ାଉ କରାଯାଇଥିବା ବେଳେ ବାବୁଙ୍କର ଅଭୂତପୂର୍ବ ପ୍ଲଟ୍ ପ୍ରୀତି ସାମ୍ନାକୁ ଆସିଛି। ବାବୁଙ୍କ ନାଁରେ ମୋଟ ୫୭ ଏକର ଜମି ରହିଥିବା ଜଣାପଡ଼ିଛି। ଏଥିରେ ୨ଟି ଫାର୍ମ ହାଉସ୍ ବି ସାମିଲ୍ ରହିଛି। ଏହାଛଡ଼ା ତାଙ୍କ ନାଁରେ ୩ଟି କୋଠା, ଗୋଟିଏ ମାର୍କେଟିଂ କମ୍ପ୍ଲେକ୍ସ, ବିଭିନ୍ନ ବ୍ୟାଙ୍କରେ ୫୫ ଲକ୍ଷ ଟଙ୍କାର ଜମା ଓ ବେନାମୀ ଗାଡ଼ି ମଧ୍ୟ ରହିଥିବା ଜଣାପଡ଼ିଛି। ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି ଯେ, ଦୟାନିଧିଙ୍କ ନାଁରେ ଭୁବନେଶ୍ୱର ଗୋଠପାଟଣାରେ ଏକ ୩-ବିଏଚ୍‌କେ ଫ୍ଲାଟ୍, ଚନ୍ଦ୍ରଶେଖରପୁରରେ ଏକ କୋଠା, ନବରଙ୍ଗପୁରରେ ୩ ହଜାର ବର୍ଗଫୁଟର ଏକ ନିର୍ମାଣାଧୀନ କୋଠା ଏବଂ ଏକ ମାର୍କେଟ୍ କମ୍ପ୍ଲେକ୍ସ ରହିଛି। ଏଥିସହ ନବରଙ୍ଗପୁରରେ ୪୦ ଏକରର ଏକ ଫାର୍ମହାଉସ୍‌ରେ ପ୍ରାୟ ୧ କୋଟି ଟଙ୍କା ବିନିଯୋଗ କରାଯାଇଛି। ଆହୁରି ୬ ଏକରର ଆଉ ଏକ ଫାର୍ମହାଉସ୍‌ରେ ୩୪ ଲକ୍ଷ ଟଙ୍କା ବିନିଯୋଗ ହୋଇଥିବା ବେଳେ ଭବାନୀପାଟଣା ସହର ଉପକଣ୍ଠରେ ଆଉ ୧୧ ଏକର ଜମି ମଧ୍ୟ ଠାବ ହୋଇଛି। ଭିଜିଲାନ୍ସ ବିଭାଗ ଏହି ସମ୍ପତ୍ତିର ଉତ୍ସ ସମ୍ପର୍କରେ ତନାଘନା ଚଳାଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିବାରୁ ଶ୍ରୀ ବାଗଙ୍କ ନାମରେ ଆହୁରି ଅଧିକ ବେନାମୀ ସମ୍ପତ୍ତି ଠାବ ହେବାର ସମ୍ଭାବନା ରହିଛି।

## ଶିମିଳିପାଳ ଅଭୟାରଣ୍ୟରେ ଧସିଲା ପାହାଡ଼


### ୩ ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ



ଶିମିଳିପାଳ,୩୦।୬(ସଂଚାର ବ୍ୟୁରୋ): ଶିମିଳିପାଳ ଅଭୟାରଣ୍ୟରେ ଭୀଷଣ ବର୍ଷା କାରଣରୁ ପାହାଡ଼ ଖସି ରାସ୍ତା ଅବରୋଧ ହୋଇଛି। ଫଳସ୍ୱରୂପ ୩ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଶିମିଳିପାଳ ଅଭୟାରଣ୍ୟ ଉମହୁରଭଣ୍ଡାର ନିକଟରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଗତ କିଛି ଦିନ ଧରି ଲଗାଣ ବର୍ଷା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଶିମିଳିପାଳ ଅଭୟାରଣ୍ୟର ମହୁରଭଣ୍ଡାର ପାହାଡ଼ ଖସି ଯଶିପୁରରୁ ଗୁଡ଼ଗୁଡ଼ିଆ ଯାଇଥିବା ରାସ୍ତା ଅବରୋଧ ହୋଇଛି। ଖବର ପାଇ ଘଟଣାସ୍ଥଳରେ ବନ ବିଭାଗର କର୍ମଚାରୀଙ୍କ ସହ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଓ ଉତ୍ତର ଶିମିଳିପାଳର ଉପନିର୍ଦ୍ଦେଶକ ପହଞ୍ଚି ରାସ୍ତା ଅବରୋଧ ହଟାଇବା ଦିଗରେ ପଦକ୍ଷେପ ନେଉଥିବା ଜଣାପଡ଼ିଛି।

## ଅପହୃତା ଛାତ୍ରୀଙ୍କ ଖଣ୍ଡବିଖଣ୍ଡିତ କଙ୍କାଳ ଉଦ୍ଧାର

ଗଞ୍ଜାମ, ୩୦।୬ (ସଂଚାର ବ୍ୟୁରୋ) : ଘଞ୍ଚ ଜଙ୍ଗଲରୁ ମିଳିଲା ଖଣ୍ଡ ବିଖଣ୍ଡିତ ମଣିଷ କଙ୍କାଳ । ଘଞ୍ଚ ଜଙ୍ଗଲ ଭିତରେ କଙ୍କାଳ ପୁଣି ଗଛରେ ଲାଗିଛି ଏକ ଓଢ଼ଣୀ ? ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଛାନଭିନ ଆରମ୍ଭ କରିଛି। ଖବର ବୁଝୁ ବୁଝୁ ଜଣାପଡିଲା ଏ କଙ୍କାଳ ଜଣେ ନାବାଳିକାର । ଗଞ୍ଜାମରୁ ଅପହୃତ ହୋଇଥିଲା ସପ୍ତମ ଶ୍ରେଣୀରେ ଛାତ୍ରୀ । ପଡୋଶୀ କନ୍ଧମାଳ ଜିଲ୍ଲା ଗସମା ଜଙ୍ଗଲରୁ ଉଦ୍ଧାର ହେଲା ଖଣ୍ଡବିଖଣ୍ଡିତ କଙ୍କାଳ। ଗତ ପ୍ରାୟ ମାସକ ପୂର୍ବରୁ ନାବାଳିକାକୁ ଅପହରଣ କରାଯାଇଥିଲା। ଏନେଇ ଦୁଇ ଦିନ ପୂର୍ବରୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଅପହୃତ ନାବାଳିକାର ବାପା। ଝିଅର ବାପା ବାହାର ରାଜ୍ୟରେ କାମ କରନ୍ତି । ମା' ଆଉ ଏ ଦୁନିଆରେ ନାହାନ୍ତି। ତେଣୁ ଝିଅର ଅପହରଣ ଖବର ପାଇ ବାପା ଗତ ଦୁଇ ଦିନ ତଳେ ଆସି ଗାଁରେ ପହଞ୍ଚି ଥିଲେ। ଆଉ ତୁରନ୍ତ ଥାନାରେ ଯାଇ ଅଭିଯୋଗ ଦେଇଥିଲେ ।



ସୂଚନାନୁସାରେ, ଗଞ୍ଜାମ ସୀମାନ୍ତ କନ୍ଧମାଳ ଜିଲ୍ଲା ଚକାପାଦ ଥାନା ଅନ୍ତର୍ଗତ ଗସମା ଜଙ୍ଗଲରେ ଏକ ଗଳିତ ମୃତଦେହ ପଡିଥିଲା। ତାରାସିଙ୍ଗି ଥାନା ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲା । ନିଖୋଜ ନାବାଳିକା ଜଣକ ଭଞ୍ଜନଗର ଥାନା ଅଞ୍ଚଳର । ତେଣୁ ଭଞ୍ଜନଗର ଥାନାରେ ଲିଖିତ ଅଭିଯୋଗ ହୋଇଥିବାରୁ ଘଟଣା ସ୍ଥଳରେ ପହଞ୍ଚିଥିଲେ ଉଭୟ ଥାନାର ପୋଲିସ । କଙ୍କାଳ ଉଧାର ହୋଇଥିବା ସ୍ଥାନ କନ୍ଧମାଳ ଜିଲ୍ଲା ଚକାପାଦ ଥାନା ଗସମା ଜଙ୍ଗଲ ହୋଇଥିବାରୁ ଚକାପାଦ ପୋଲିସ ମଧ୍ୟ ସଂପୃକ୍ତ ସ୍ଥାନରେ ପହଞ୍ଚିଥିଲା। ମୃତକର ଶରୀର ନଷ୍ଟ ହୋଇ ଯାଇଥିବାରୁ ଚିହ୍ନଟ କରିବା କଷ୍ଟକର ହୋଇଥିଲା। ଜଙ୍ଗଲରେ ଭିତରେ ଥିବା ଗଛରେ କେବଳ ଗୋଟିଏ ଓଢ଼ଣୀ ଝୁଲି ରହିଥିବା ବେଳେ କଙ୍କାଳ ସବୁ ଇଆଡ଼େ ସିଆଡ଼େ ପଡ଼ିଥିଲା। ତଥାପି ଝିଅର ଓଢ଼ଣୀକୁ ବାପା ତାଙ୍କର ଝିଅ ବୋଲି ଦାବି କରିଥିଲେ। ତେବେ ଝିଅକୁ ମାରି ଫିଙ୍ଗି ଦେଇଥିବା ଅଭିଯୋଗ ଆଣିଛନ୍ତି ସେ। ସେହିଭଳି ଅପହର୍ତ୍ତା ଯୁବକ ମଧ୍ୟ ଗଞ୍ଜାମ ଜିଲ୍ଲା ତାରାସିଙ୍ଗି ଥାନା ଅଞ୍ଚଳର ବୋଲି ଅପହୃତର ବାପା କହିଛନ୍ତି। ଅପହର୍ତ୍ତା ଜଣଙ୍କ ଗଞ୍ଜାମ ତାରାସିଙ୍ଗି ଥାନା ଅନ୍ତର୍ଗତ ଡିମିରିଝୋଳି ଗାଁର ଓ ତାଙ୍କ ନାଁ ଲାଲକ ମଲ୍ଲିକ ବୋଲି ସେ କହିଛନ୍ତି। ସେପଟେ ଜବତ ହୋଇଥିବା ହାଡ଼ ସବୁ ଏଫଏମଟିକୁ ପଠାଇଛି ଚକାପାଦ ଥାନା ପୋଲିସ । ତଦନ୍ତ ଏବଂ ଏଫଏମଟି ରିପୋର୍ଟ ଆସିବା ପରେ ନିଖୋଜ ନାବାଳିକାର ପରିଚୟ ଏବଂ ହତ୍ୟା ଅଭିଯୋଗର ସତ୍ୟତା ସ୍ପଷ୍ଟ ହେବ ବୋଲି ଭଞ୍ଜନଗର ଏସଡିପିଓ କହିଛନ୍ତି।

## କୃଷକଙ୍କୁ ଉତ୍ପାଦର ଉଚିତ ମୂଲ୍ୟ ପ୍ରଦାନ,ବଳକା ଶସ୍ୟର ସୁରକ୍ଷା ଆମର ପ୍ରାଥମିକତା: ଉପ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୩୦।୬ (ସଂଚାର ବ୍ୟୁରୋ) : ଆଜି ଲୋକସେବା ଭବନରେ ଶୀତଳ ଭଣ୍ଡାର ଭିତ୍ତିଭୂମି ସୁଦୃଢ଼ୀକରଣ ଉପରେ ଏକ ବୈଠକ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କୃଷି ଏକ ଅବିରତ ପ୍ରୟାସ। ଏହା ବର୍ଷସାରା ଲୋକଙ୍କୁ ଦାନା ଯୋଗାଇ ଦେବା ସହ ରୋଜଗାରର ସ୍ରୋତ ଯୋଗାଇଥାଏ। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ସହ ପ୍ରାକୃତିକ ଖଣିଜ ସମ୍ପଦରେ ପରିପୂର୍ଣ୍ଣ। ଏହାର ସୁଦୀର୍ଘ ବେଳାଭୂମି ଏବଂ ସାମୁଦ୍ରିକ ପରିବହନ ବ୍ୟବସ୍ଥା ମଧ୍ୟ ସୁଦୃଢ଼ ହେଉଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଆହୁରି କହିଥିଲେ ଯେ, ପୂର୍ବରୁ ଖାଦ୍ୟ ନିଅଣ୍ଟିଆ ରାଜ୍ୟ ଓଡ଼ିଶା ବର୍ତ୍ତମାନ ଖାଦ୍ୟ ବଳକା ରାଜ୍ୟରେ ପରିଣତ ହୋଇଛି। ବର୍ତ୍ତମାନ ଏହାର ଫଳ, ପନିପରିବା ଏବଂ ଖାଦ୍ୟଶସ୍ୟ ବିଦେଶକୁ ରପ୍ତାନି ମଧ୍ୟ ହେଲାଣି। ବିଦେଶରେ ଓଡ଼ିଶାର ସୁବାସିତ ଚାଉଳ ଓ ପନିପରିବାର ଚାହିଦା ମଧ୍ୟ ଧୀରେ ଧୀରେ ବଢ଼ିବାରେ ଲାଗିଛି । କୃଷକଙ୍କୁ ପର୍ଯ୍ୟାପ୍ତ ବଜାର ସୁବିଧା ସହ ଉତ୍ପାଦର ଉଚିତ ମୂଲ୍ୟ ପ୍ରଦାନ, ବଳକା ଶସ୍ୟର ସୁରକ୍ଷା ଆମର ପ୍ରାଥମିକତା। ଏହାକୁ ଧ୍ୟେୟ କରି ରାଜ୍ୟର ପ୍ରତ୍ୟେକ ସବ ଡିଭିଜନରେ ଶୀତଳ ଭଣ୍ଡାର ନିର୍ମାଣ କରାଯିବା ପ୍ରକ୍ରିୟା ଜାରି ରହିଛି। ଏହା ଆମ ଚାଷୀ ଭାଇଭଉଣୀଙ୍କ ରୋଜଗାରରେ ବୃଦ୍ଧି ସହିତ ରାଜ୍ୟରେ ଦେଖା ଦେଉଥିବା କୃତ୍ରିମ ଅଭାବକୁ ଦୂର କରିବାରେ ସହାୟକ ହେବ।

ଏହି ପରିପ୍ରେକ୍ଷୀରେ ରାଜ୍ୟରେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଏକ କମ୍ପାନୀ ତରଫରୁ ପ୍ରସ୍ତାବ ମଧ୍ୟ ଉପସ୍ଥାପନ ହୋଇଥିଲା । ବୈଠକରେ କୃଷି ନିର୍ଦ୍ଦେଶକ ଶ୍ରୀ ଶୁଭମ ସକ୍ସେନା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ରାୟଗଡ଼ାରେ ବଢ଼ୁଛି ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା

### ଦୁଇ ଦିନରେ ୧୬ ଆକ୍ରାନ୍ତ


ରାୟଗଡା , ୩୦।୬ (ସଂଚାର ବ୍ୟୁରୋ) : ରାୟଗଡା ଜିଲ୍ଲାରେ ବଢ଼ୁଛି ଝାଡାବାନ୍ତି ରୋଗୀଙ୍କ ସଂଖ୍ୟା । ଲଗାଣ ବର୍ଷାରେ ବ୍ୟାପିବାରେ ଲାଗିଛି ଝାଡାବାନ୍ତି । କୁଲି ପେଣ୍ଟା, ପିତାମହାଲ ସମେତ କୋଲନରା ବ୍ଲକର ସୁରୀ ଗାଁର ମୋଟ୍ ୧୬ଜଣ ରୋଗୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଗତକାଲି ୮ ଜଣ ଚିହ୍ନଟ ହୋଇଥିବା ବେଳେ ଆଜି ମଧ୍ୟ ୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଜିଲ୍ଲାପ୍ରଶାସନ ପକ୍ଷରୁ ଏନେଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ଝାଡାବାନ୍ତି ହେଲେ କୌଣସି ଗୁଣିଆର ସହାୟତା ନନେଇ ଚିକିତ୍ସା ପାଇଁ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ କହିଛନ୍ତି ଜିଲ୍ଲା ପ୍ରଶାସନ ।

## ନକଲି ସସ୍ ପ୍ରସ୍ତୁତ କାରଖାନା ଉପରେ ଚଢ଼ାଉ



ବ୍ରହ୍ମପୁର,୩୦।୬(ସଂଚାର ବ୍ୟୁରୋ): ସସ୍ ପ୍ରସ୍ତୁତ କାରଖାନା ଉପରେ ଚଢ଼ାଉ। ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଜଗନ୍ନାଥ ବିହାର ଦ୍ୱିତୀୟ ଲାଇନରେ ଥିବା ସସ୍ ପ୍ରସ୍ତୁତ କାରଖାନା ଉପରେ ଚଢ଼ାଉ କରାଯାଇଛି । ବେଆଇନ ଭାବେ ନକଲି ସସ୍ ପ୍ରସ୍ତୁତ କରାଯାଉଥିବା ଅଭିଯୋଗ ପରେ ଚଡାଉ କରିଛି ପୋଲିସ । ଗତକାଲି କାରଖାନର ମାଲିକ ନଥିବା ଯୋଗୁ କେବଳ ବାହାରପଟୁ କାରଖାନାକୁ ସିଲ୍ କରାଯାଇଥିଲା । ଆଜି ମାଲିକ ଫେରିବା ପରେ ଚଢ଼ାଉ କରି କାରଖାନାରେ ରହିଥିବା ସସ୍ ପ୍ରସ୍ତୁତ ସାମଗ୍ରୀ ଓ ସସକୁ ନେଇ ଅଧିକ ଯାଞ୍ଚ କରାଯାଉଛି ।

## ମାଲବାହୀ ଟ୍ରେନ୍‌ର ୩ ୱାଗନ୍ ଲାଇନଚ୍ୟୁତ



କଟକ,୩୦।୬(ସଂଚାର ବ୍ୟୁରୋ): ଆଜି କଟକ ରେଳଷ୍ଟେସନରେ ଏକ ମାଲବାହୀ ଟ୍ରେନର ୩ଟି ୱାଗନ ଲାଇନଚ୍ୟୁତ ହୋଇଛି। କଟକ ଷ୍ଟେସନରୁ ପାରାଦୀପ ଅଭିମୁଖେ ଯାଉଥିବା ଏହି ମାଲବାହୀ ଟ୍ରେନ୍‌ର ଉକ୍ତ ୩ଟି ୱାଗନ୍ ଖାଲି ଥିବା ଜଣାପଡ଼ିଛି। ଆଜି ପ୍ରାତଃ ୮ଟା ୪୩ ମିନିଟରେ ଏପରି ଅଘଟଣ ଘଟିଥିବା ବେଳେ ଟ୍ରାକ ପରିବର୍ତ୍ତନ ସମୟରେ ଏପରି ହୋଇଥିବା ଅନୁମାନ କରାଯାଉଛି। ରେଳଷ୍ଟେସନରୁ ମାତ୍ର ଅଧ କିମି ଦୂରରେ ମାଲଗୋଦାମ ଓଭରବ୍ରିଜ ଲୁପ୍ ଲାଇନ୍‌ର ୮ ନମ୍ବର ନିକଟରେ ଏହି ମାଲବାହୀ ଟ୍ରେନ୍‌ଟି ଲାଇନଚ୍ୟୁତ ହୋଇଥିଲା। ୱାଗନ୍‌ଗୁଡ଼ିକ ଲାଇନଚ୍ୟୁତ ହେବା ସହ ୧୨ରୁ ୧୩ଟି ଚକା ୱାଗନଠାରୁ ଅଲଗା ହୋଇଯାଇଥିଲା। ତେବେ ମୁଖ୍ୟ ଲାଇନ ଭଦ୍ରକ-କଟକ-ବିଶାଖାପାଟଣା କାର୍ଯ୍ୟକ୍ଷମ ରହିଛି। ଏଥିସହ ପାରାଦୀପ ଅଭିମୁଖେ ଯାତ୍ରା କରୁଥିବା ଟ୍ରେନ୍‌ଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇନାହିଁ। କିନ୍ତୁ ପାରାଦୀପ ପଟୁ ଆସୁଥିବା ମାଲବାହୀ ଟ୍ରେନ ଅଧାରେ ଅଟକି ରହିଥିବା ଜଣାପଡ଼ିଛି। ଖବର ପାଇ ରେଳବାଇର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ପୁନରୁଦ୍ଧାର ଦଳ ଘଟଣାସ୍ଥଳରେ ନିୟୋଜିତ ହୋଇଥିବା ବେଳେ ଖୁବଶୀଘ୍ର ଲୁପ୍ ଲାଇନକୁ ପୁନଃସ୍ଥାପିତ କରାଯିବ। ପାରାଦୀପରୁ ମାଲ ଆଣିବା ପାଇଁ ଏହି ମାଲବାହୀ ଟ୍ରେନରେ ଖାଲି ୱାଗନ ଯାଉଥିଲା। ସୂଚନାଯୋଗ୍ୟ, ଗତ ମାସ ୧୮ ତାରିଖରେ ସୁନ୍ଦରଗଡ଼-ବିମଳାଗଡ ରେଳ ଷ୍ଟେସନ ନିକଟରେ ଏକ ମାଲବାହୀ ଟ୍ରେନ ଲାଇନଚ୍ୟୁତ ହୋଇଥିଲା। ବିମଳାଗଡ ଷ୍ଟେସନ ନିକଟ ଡେମ୍ ବସ୍ତି ନିକଟରେ ଉକ୍ତ ମାଲବାହୀ ଟ୍ରେନର ୪ଟି ବଗି ଧାରଣାରୁ ତଳକୁ ଖସିଯାଇଥିଲା।



## ଭକ୍ତ ପାଇଲେ ଆଡପ ଅବଢ଼ା, ଏଥର ଜୈବିକ ଚାଉଳରେ ପ୍ରସ୍ତୁତ

ପୁରୀ , ୩୦।୬ (ସଂଚାର ବ୍ୟୁରୋ) : ଆଡପ ମଣ୍ଡପରେ କାଳିଆ ସାଆନ୍ତ । ସରିଛି ଅପେକ୍ଷା ଭକ୍ତ ପାଇଛନ୍ତି ଆଡପ ଅବଢ଼ା । ଆଡପ ଅବଢ଼ା ପାଇଁ ଭକ୍ତ ବେଶ ଖୁସି ପ୍ରକାଶ କରିଛନ୍ତି । ଆଡ଼ପ ମଣ୍ଡପରେ ମହାପ୍ରଭୁ ଥିବାରୁ ଗୁଣ୍ଡିଚା ମନ୍ଦିରରେ ଯେଉଁ ଅବଢ଼ା ବାହାରେ ତାହାକୁ ଆଡ଼ପ ଅବଢ଼ା କୁହାଯାଏ ।ଏଥର ଅବଢ଼ା ଜୈବିକ ଚାଉଳରେ ପ୍ରସ୍ତୁତ କରାଯାଇଛି । ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁ ଆଡ଼ପ ମଣ୍ଡପରେ ବିଜେ କରି ଭକ୍ତଙ୍କୁ ଆଡ଼ପ ଦର୍ଶନ ଦେଉଛନ୍ତି । ସେପଟେ ଆଜି ପ୍ରଥମ ଆଡ଼ପ ଅବଢ଼ା ଭକ୍ତଙ୍କୁ ମିଳିଛି। ଆଡ଼ପ ମଣ୍ଡପରେ ମହାପ୍ରଭୁ ଥିବାରୁ ଗୁଣ୍ଡିଚା ମନ୍ଦିରରେ ଯେଉଁ ଅବଢ଼ା ବାହାରେ ତାହାକୁ ଆଡ଼ପ ଅବଢ଼ା କୁହାଯାଏ । ଭକ୍ତ ମାନେ ନିଜ ପିତୃ ପୁରୁଷଙ୍କୁ ତୃପ୍ତ କରିବା ପାଇଁ ଏହି ଆଡ଼ପ ଅବଢ଼ା ବ୍ରାହ୍ମଣଙ୍କୁ ଭୋଜନ କରାଇଥାନ୍ତି । ଏହା ଛଡା ଭକ୍ତ ମାନେ ନିଜ ପରିବାର ଓ ନିଜ ବନ୍ଧୁ ମାନଙ୍କୁ ଆଡ଼ପ ଅବଢ଼ା ସେବନ କରେଇ ଥାଆନ୍ତି। ଏଣୁ ପ୍ରଥମ ଆଡ଼ପ ଅବଢ଼ା ପାଇ ଭକ୍ତ ବେଶ୍ ଖୁସି ପ୍ରକାଶ କରିଛନ୍ତି । ସେପଟେ ଚଳିତ ବର୍ଷ ଆଡ଼ପ ଅବଢ଼ା ମଧ୍ୟ ସ୍ୱତନ୍ତ୍ର । ଜୈବିକ ଚାଉଳ (ବିନା ରାସାୟନିକ ସାରରେ ପ୍ରସ୍ତୁତ ଚାଉଳ)ରେ ଆଡ଼ପ ଅବଢ଼ା ପ୍ରଥମ କରି ପ୍ରସ୍ତୁତ କରାଯାଇଛି । ମହାପ୍ରଭୁଙ୍କ କୋଠ ଭୋଗ ସମ୍ପୂର୍ଣ୍ଣ ଜୈବିକ ଚାଉଳରେ ପ୍ରସ୍ତୁତ ହୋଇଛି ।

# ରଥଯାତ୍ରା ପାଇଁ ପୁରୀ ଷ୍ଟେସନରେ ବ୍ୟାପକ ବ୍ୟବସ୍ଥା



- ଭିଡ଼ ଏଡାଇବାକୁ ଡିଜିଟାଲ୍ ଟିକେଟ ବୁକିଂ ବ୍ୟବସ୍ଥା
- ବ୍ୟାରିକେଡିଂ ସହ ପ୍ରବେଶ ଓ ପ୍ରସ୍ଥାନ ସୁବିଧା
- ଆରପିଏଫ୍‌ର ୨୪ ଘଣ୍ଟିଆ ପହରା

ପୁରୀ,୩୦।୬(ସଂଚାର ବ୍ୟୁରୋ): ପ୍ରଭୁ ଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଦେଖିବାକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ଆବଶ୍ୟକତା ପୂରଣ ପାଇଁ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ପକ୍ଷରୁ ପୁରୀ ରେଳ ଷ୍ଟେସନରେ ବ୍ୟାପକ ବ୍ୟବସ୍ଥା କରଯାଇଛି। ଟ୍ରେନରେ ପୁରୀ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କୁ ସୁରକ୍ଷିତ, ସୁଗମ ଓ ଆରାମଦାୟକ ଅନୁଭୂତି ଦେବା ସକାଶେ ଯଥାସମ୍ଭବ ପ୍ରୟାସ କରାଯାଇଛି। ପୁରୀ ରେଳ ଷ୍ଟେସନ ନିକଟରେ ତୀର୍ଥଯାତ୍ରୀଙ୍କୁ ମାଗଣାରେ ଖାଦ୍ୟ ଓ ପାନୀୟ ଜଳ ମଧ୍ୟ ଯୋଗାଇ ଦିଆଯାଉଛି। ପୁରୀ ରେଳ ଷ୍ଟେସନରେ ଆଚ୍ଛାଦିତ ଆସନ କ୍ଷେତ୍ର ସହ ସମର୍ପିତ ତୀର୍ଥଯାତ୍ରୀ ପ୍ରତୀକ୍ଷା କ୍ଷେତ୍ର ଓ ମେଳା ସେଡ୍ ସ୍ଥାପନ କରାଯାଇଛି। ଏହା ତଳେ ପାଖାପାଖି ୨୫ ହଜାର ତୀର୍ଥଯାତ୍ରୀ ଆରାମ କରିପାରିବେ। ସେଠାରେ ଲାଇଟ୍, ଫ୍ୟାନ୍, କୁଲର୍, ମୋବାଇଲ୍ ଚାର୍ଜିଂ ପଏଣ୍ଟ, ଥଣ୍ଡା ପାନୀୟ ଜଳ କିଓସ୍କ, ମହିଳା ଓ ପୁରୁଷଙ୍କ ପାଇଁ ପୃଥକ୍ ଶୌଚାଳୟ ଓ ସ୍ନାନାଗାର, ଏୟାର କଣ୍ଡିସନଡ୍ ପେଡ୍ ଲାଉଞ୍ଜ, ପ୍ରଦର୍ଶନୀ କ୍ଷେତ୍ର, ସେଲ୍ଫି ପଏଣ୍ଟ, କ୍ୟାଟରିଂ ଷ୍ଟଲ୍ ଓ ସ୍ଥାନୀୟ ହସ୍ତଶିଳ୍ପ ଏବଂ ହସ୍ତତନ୍ତ ସହ ୱାନ୍ ଷ୍ଟେସନ୍ ୱାନ୍ ପ୍ରଡକ୍ଟସ୍ ଷ୍ଟଲ୍ ସୁବିଧା ଦିଆଯାଇଛି। ତା'ଛଡ଼ା ମେଳା ସେଡ୍ ନିକଟରେ ୨ଟି ମୋବାଇଲ୍ ଏଟିଏମ୍ ମଧ୍ୟ ରହିଛି। ଅଧିକନ୍ତୁ ଜରୁରୀକାଳୀନ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ସେବା ସହ ପ୍ରାଥମିକ ଚିକିତ୍ସା ବୁଥ୍ ୨୪ ଘଣ୍ଟା କାମ କରୁଛି। ବରିଷ୍ଠ ନାଗରିକ ଓ ରୋଗୀଙ୍କ ସୁବିଧା ପାଇଁ ହ୍ୱିଲ୍‌ଚେୟାର, ବ୍ୟାଟେରୀଚାଳିତ ଯାନ ଉପଲବ୍ଧ ରହିଛି। ଯାତ୍ରୀମାନଙ୍କ ମାର୍ଗଦର୍ଶନ ପାଇଁ ସମସ୍ତ ପ୍ଲାଟଫର୍ମର ବଫର ଏଣ୍ଡରେ 'ସହାୟତା କିଓସ୍କ' ସ୍ଥାପନ କରାଯାଇଛି।

ସେହିପରି ଟିକେଟ୍ ବୁକିଂ ଓ ସୂଚନା ପ୍ରଦାନ ସକାଶେ ଡିଜିଟାଲ୍ ବ୍ୟବସ୍ଥା କରାଯାଇଛି। ମେଳା ସେଡ୍ ଓ ଟୁରିଷ୍ଟ କମ୍ପ୍ଲେକ୍ସରେ ୩୪ଟି ଅତିରିକ୍ତ ଟିକେଟ କାଉଣ୍ଟର ସ୍ଥାପନ କରାଯାଇଛି। ଡିଜିଟାଲ ଇଣ୍ଡିଆ ପରିପ୍ରେକ୍ଷୀରେ ଡିଜିଟାଲ ପେମେଣ୍ଟ ପାଇଁ ଟିକେଟ କାଉଣ୍ଟରରେ ଅନଲାଇନ୍ ପେମେଣ୍ଟ ବ୍ୟବସ୍ଥା ଲାଗୁ କରାଯାଇଛି। ଅଣସଂରକ୍ଷିତ କାଗଜବିହୀନ ଟିକେଟ ବ୍ୟବସ୍ଥାକୁ ଉତ୍ସାହିତ କରିବା ପାଇଁ ପୂର୍ବତଟ ରେଳବାଇର ଇକୋର୍ ଯାତ୍ରା ଆପ୍ ଓ ୟୁଟିଏସ୍ ମୋବାଇଲ୍ ଆପ୍ ବ୍ୟବହାର ପାଇଁ ସଚେତନତା ସୃଷ୍ଟି କରାଯାଉଛି। ସେହିପରି ତୀର୍ଥଯାତ୍ରୀମାନଙ୍କ ସୁରକ୍ଷା ପାଇଁ ପୁରୀ ରେଳ ଷ୍ଟେସନ ଓ ନିକଟବର୍ତ୍ତୀ ମାଳତୀପାଟପୁର, ସାକ୍ଷୀଗୋପାଳ, ବୀରପୁରୁଷୋତ୍ତମପୁର, ଡେଲାଙ୍ଗ ଷ୍ଟେସନ ଓ ନିକଟସ୍ଥ ଏଲସି ଗେଟ୍‌ଗୁଡ଼ିକୁ ସିସିଟିଭି ନଜରରେ ରଖାଯାଇଛି। ସର୍ବେକ୍ଷଣ ରୁମରେ ୨୪ ଘଣ୍ଟା ନଜର ରଖାଯାଉଥିବା ବେଳେ ଡ୍ରୋନ୍ ଓ ସ୍ନିଫର କୁକୁର ଦ୍ୱାରା ନିୟମିତ ଯାଞ୍ଚ ମଧ୍ୟ ଚାଲିଛି। ଏହାଛଡ଼ା ଯାତ୍ରୀଙ୍କ ଯାତାୟାତକୁ ସୁଗମ କରିବା ସକାଶେ ଉତ୍ସର୍ଗୀକୃତ ପ୍ରବେଶ ଓ ପ୍ରସ୍ଥାନ ପଥ ବ୍ୟବସ୍ଥା ରହିଛି। ଆରପିଏଫ୍ ଓ ଜିଆର୍‌ପି ବାହିନୀ ସହାୟତାରେ ପ୍ଲାଟଫର୍ମରେ ବ୍ୟାରିକେଡିଂ ବ୍ୟବସ୍ଥା ଗ୍ରହଣ କରାଯାଇଛି। ରଥଯାତ୍ରା ସମୟରେ ଓଡ଼ିଶା, ଛତିଶଗଡ଼, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଏବଂ ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟରୁ ମୋଟ ୩୬୫ଟି ସ୍ୱତନ୍ତ୍ର ଟ୍ରେନ ଯାତାୟାତ କରୁଛି। ତୀର୍ଥଯାତ୍ରୀଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବା ଉପରେ ଖୋର୍ଦ୍ଧା ରୋଡର ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍‌ଏସ୍ ବାଜୱା ଧ୍ୟାନ ଦେଉଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ତାଳଚେର ସାର କାରଖାନା

# ନିବେଶ ବଢ଼ାଇବେ କୋଲ୍ ଇଣ୍ଡିଆ, ଗେଲ୍



**ମୁମ୍ବାଇ, ୩୦।୬:** ତାଳଚେର ସାର କାରଖାନାର ପୁନରୁଦ୍ଧାର ଲାଗି ଗଠନ କରାଯାଇଥିବା ଯୌଥ ଉଦ୍ୟୋଗରେ ଦୁଇଟି ରାଷ୍ଟ୍ରାୟତ୍ତ କମ୍ପାନି କୋଲ୍ ଇଣ୍ଡିଆ ଓ ଗେଲ୍ ଇଣ୍ଡିଆ ନିଜର ନିବେଶ ବଢ଼ାଇବେ। ଏହି ପ୍ରକଳ୍ପ ଲାଗି ଜାରି କରାଯାଇଥିବା ରାଇଟ୍ସ ଇସ୍ୟୁରେ ଗେଲ୍ ଇଣ୍ଡିଆ ଭାଗ ନେଇ ୧୦,୬୭୫ କୋଟି ଟଙ୍କା ନିବେଶ କରିବ ବୋଲି ଘୋଷଣା କରିଛି। ଏହା କମ୍ପାନିର ୧୦୬.୭୫ କୋଟି ଇକ୍ୱିଟି ସେୟାର କିଣିବ। ସେହିପରି, କୋଲ୍ ଇଣ୍ଡିଆ ପକ୍ଷରୁ ଏହି ପ୍ରକଳ୍ପରେ ୧୦୬୭ କୋଟି ଟଙ୍କା ନିବେଶ କରାଯିବ।

ତାଳଚେର ସାର କାରଖାନାର ପୁନରୁଦ୍ଧାର କରିବା ଲାଗି ଗେଲ୍, କୋଲ୍ ଇଣ୍ଡିଆ, ରାଷ୍ଟ୍ରୀୟ କେମିକାଲ୍ସ ଆଣ୍ଡ୍ ଫର୍ଟିଲାଇଜର୍ସ ଲିମିଟେଡ୍ (ଆର୍‌ସିଏଫ୍) ଓ ଫର୍ଟିଲାଇଜର୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏଫ୍‌ସିଆଇଏଲ୍) ମଧ୍ୟରେ ୨୦୧୫ରେ ଏକ ଯୌଥ ଉଦ୍ୟୋଗ ସ୍ଥାପନ କରାଯାଇଥିଲା। କୋଇଲାର ବାଷ୍ପୀକରଣ ଜରିଆରେ ଏହି କାରଖାନାକୁ ପୁନରୁଦ୍ଧାର କରାଯାଉଛି। ଏହି ଯୌଥ ଉଦ୍ୟୋଗରେ ଗେଲ୍, କୋଲ୍ ଇଣ୍ଡିଆ ଓ ଆର୍‌ସିଏଫ୍‌ର ୩୩.୩୩ ପ୍ରତିଶତ ଲେଖାଏଁ ଅଂଶଧନ ରହିଛି। ଏଫ୍‌ସିଆଇଏଲ୍ ପାଖରେ ମାତ୍ର ୦.୦୦୦୨% ଅଂଶଧନ ଅଛି।

ରାଇଟ୍ସ ଇସ୍ୟୁକୁ ପ୍ରତ୍ୟେକ ଅଂଶଧନକାରୀଙ୍କ ଲାଗି ସେମାନଙ୍କ ଅଂଶ ଅନୁସାରେ ସମାନ ଭାବେ ଉପସ୍ଥାପନ କରାଯାଇଥିଲା। ଏହି ଆସନ୍ତା ଜୁଲାଇ ୯ ସୁଦ୍ଧା ଶେଷ ହେବା ଆଶା କରାଯାଉଛି। ତାଳେଚର ସାର କାରଖାନାକୁ ପୁନରୁଦ୍ଧାର କରିବା ଲାଗି ୧୩,୨୭୭ କୋଟି ଟଙ୍କା ନିବେଶ କରାଯାଉଛି। ଏହି କାରଖାନାରୁ ୧୨.୭ ଲକ୍ଷ ଟନ୍ ୟୁରିଆ ଉତ୍ପାଦନ ଲକ୍ଷ୍ୟ ରହିଛି। ୨୦୧୯ରେ ଚୀନ୍‌ର ସଂସ୍ଥା ଉହୁଆନ୍ ଇଞ୍ଜିନିୟରିଂ କମ୍ପାନିକୁ ପ୍ରକଳ୍ପର ଇପିସି କାର୍ଯ୍ୟବରାଦ ପ୍ରଦାନ କରାଯାଇଥିଲା। ତା'ପରଠାରୁ ତାହାର ବିକାଶ ପ୍ରକ୍ରିୟା ନିର୍ଦ୍ଧାରିତ ସମୟଠାରୁ ପଛୁଆ ଚାଲିଛି। ରସାୟନ ଓ ସାର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍‌ଙ୍କ ସୂଚନା ଅନୁସାରେ ଚଳିତ ବର୍ଷ ଫେବ୍ରୁଆରି ସୁଦ୍ଧା ପ୍ରକଳ୍ପର ୬୫.୬୬ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ପାଇପ୍ ରାକ୍, କାରଖାନାର ଆଲୋକୀକରଣ, ବଏଲର୍-୧ ଓ ୱାଟର୍ ଟ୍ରିଟ୍‌ମେଣ୍ଟ୍ ୟୁନିଟ୍ ପ୍ରାୟ ସମ୍ପୂର୍ଣ୍ଣ ପର୍ଯ୍ୟାୟରେ ରହିଛି। କରୋନା ମହାମାରୀ ବ୍ୟାପିବାରୁ ଏହି ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହୋଇଛି।

# ଜେବି କେମିକାଲ୍ସର ୪୬% ଅଂଶଧନ କିଣିବ ଟରେଣ୍ଟ ଫାର୍ମା

ନୂଆଦିଲ୍ଲୀ,୩୦।୬: ଟରେଣ୍ଟ ଗ୍ରୁପର ପ୍ରମୁଖ କମ୍ପାନି ଟରେଣ୍ଟ ଫାର୍ମା ସିଟିକାଲ୍ସ ଜେବି କେମିକାଲ୍‌ସ ଆଣ୍ଡ୍ ଫାର୍ମାର ୪୬.୩୯% ଅଂଶଧନ କିଣିବ। କମ୍ପାନି ପକ୍ଷରୁ ରବିବାର ଏ ନେଇ ଘୋଷଣା କରାଯାଇଛି। ଗ୍ଲୋବାଲ ଇନଭେଷ୍ଟମେଣ୍ଟ ଫାର୍ମ କେକେଆର୍‌ଠାରୁ ଏହି ଅଂଶଧନ କିଣିବ କମ୍ପାନି। ୨୫,୬୮୯ କୋଟିରେ ଭାଲୁଏସନରେ ୧୧,୯୧୭ କୋଟିରେ ଏହି ଡିଲ୍ ହେବ। ଅଧିଗ୍ରହଣ ସମ୍ପୂର୍ଣ୍ଣ ହେବା ପରେ ଜେବି କେମିକାଲ୍ସ ସହ ମିଶ୍ରଣ ନେଇ ଟରେଣ୍ଟ ଯୋଜନା ରଖିଛି। ୨ଟି ପର୍ଯ୍ୟାୟରେ ଟ୍ରାଞ୍ଜାକସନ ସମ୍ପୂର୍ଣ୍ଣ ହେବ। ଏହା ଦ୍ୱାରା ଉଭୟ ଘରୋଇ ବଜାର ଏବଂ ଅନ୍ତର୍ଜାତୀୟ ବଜାରରେ କାରବାର ସ୍ଥିତି ଦୃଢ଼ କରିବା ଲାଗି କମ୍ପାନି ଲକ୍ଷ୍ୟ ରଖିଛି। ଦୀର୍ଘ ମିଆଦି ଅଭିବୃଦ୍ଧିକୁ ନଜରରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଟରେଣ୍ଟ ଫାର୍ମାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ସମୀର ମେହେଟା କହିଛନ୍ତି।

# ଏଣିକି ପାନ୍‌କାର୍ଡ ଆବେଦନ ଲାଗି ଆଧାର ଜରୁରୀ

ନୂଆଦିଲ୍ଲୀ,୩୦।୬: ସରକାର ପାନ୍ କାର୍ଡ ନିୟମରେ ସଂଶୋଧନ କରିଛନ୍ତି। ଜୁଲାଇ ପହିଲାରୁ ପାନ୍ କାର୍ଡ ଲାଗି ଆବେଦନ କରିବାକୁ ହେଲେ ଆଧାର କାର୍ଡ ଅନିବାର୍ଯ୍ୟ। ଯଦି ବ୍ୟକ୍ତି ବିଶେଷଙ୍କ ନିକଟରେ ଆଧାର କାର୍ଡ ନାହିଁ ତେବେ ପାନ୍ ବନାଇ ପାରିବେ ନାହିଁ। ଏହା ଦ୍ୱାରା ଟିକସ ଚୋରୀ ରୋକିବା ଦିଗରେ ସହାୟକ ହେବ। ଯେଉଁ ମାନଙ୍କ ନିକଟରେ ପୂର୍ବରୁ ପାନ୍ କାର୍ଡ ରହିଛି ସେମାନେ ଚଳିତ ବର୍ଷ ଡିସେମ୍ବର ୩୧ ସୁଦ୍ଧା ନିଜ ପାନ୍ କାର୍ଡକୁ ଆଧାର ସହ ଲିଙ୍କ୍ କରାଇବାକୁ ହେବ। ଏହା ନକଲେ ୨୦୨୬ ଜାନୁଆରି ପହିଲାରୁ ପାନ୍ କାର୍ଡ ଅଚଳ ହୋଇଯିବ। ଆୟକର ରିଟର୍ଣ୍ଣ ଭରିବା, ବ୍ୟାଙ୍କ ଖାତା ଖୋଲିବା ଏବଂ ଶେୟାର ବଜାରରେ ନିବେଶ ଭଳି ଆର୍ôଥିକ କାର୍ଯ୍ୟକଳାପ ଲାଗି ପାନ୍‌କାର୍ଡ ଜରୁରି। ଆୟକର ବିଭାଗର ଇ-ପାନ୍ ସେବା ଦ୍ୱାରା ମାତ୍ର କିଛି ମିନିଟରେ ପାନ୍ ହାସଲ କରିପାରିବ।




# ଭାରତ-ଆମେରିକା ମଧ୍ୟରେ ଖୁବଶୀଘ୍ର ହୋଇପାରେ ବାଣିଜ୍ୟ ଚୁକ୍ତି



## ଲାଗୁ ହେବ ସର୍ତ୍ତ: ନିର୍ମଳା

ନୂଆଦିଲ୍ଲୀ, ୩୦।୬: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ସହିତ ବାଣିଜ୍ୟ ଚୁକ୍ତି ବିଷୟରେ ଏକ ବିବୃତ୍ତି ଦେଇଛନ୍ତି। ସେ କହିଛନ୍ତି ଯେ, ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି ଖୁବ୍ ଶୀଘ୍ର ସ୍ୱାକ୍ଷରିତ ହେବାକୁ ଯାଉଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇଛନ୍ତି। ସେ ଆମେରିକା ସହିତ ବାଣିଜ୍ୟ ଚୁକ୍ତି ଉପରେ ସରକାରଙ୍କ ମତ ସ୍ପଷ୍ଟ କରିଛନ୍ତି। ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଭାରତ ନିଶ୍ଚିତ ଭାବରେ ଆମେରିକା ସହିତ ଏକ ଭଲ ଚୁକ୍ତି କରିବାକୁ ଚାହିଁବ, କିନ୍ତୁ ଏଥିପାଇଁ କିଛି ସର୍ତ୍ତ ରହିବ। ଅର୍ଥମନ୍ତ୍ରୀ ସୀତାରମଣ କହିଛନ୍ତି ଯେ, ଭାରତରେ କୃଷି ଏବଂ ଦୁଗ୍ଧ କ୍ଷେତ୍ର ପାଇଁ କିଛି ସୀମା ରହିଛି। ଏହା ବିଚାର କରିବା ଗୁରୁତ୍ୱପୂର୍ଣ୍ଣ। ସୀତାରମଣଙ୍କୁ ଡୋନାଲ୍ଡ ଟ୍ରମ୍ପଙ୍କ ବକ୍ତବ୍ୟ ବିଷୟରେ ପ୍ରଶ୍ନ କରାଯାଇଥିଲା। ଆମେରିକା ସହିତ ବାଣିଜ୍ୟ ଚୁକ୍ତି ଉପରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, 'ହଁ, କାହିଁକି ନୁହେଁ। ଆମେ ଏକ ଭଲ ଚୁକ୍ତି କରିବାକୁ ଚାହୁଁଛୁ।' ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି, ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ସ୍ଥିତି ୮ ଜୁଲାଇ ସୁଦ୍ଧା ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇଯିବ। ଟ୍ରମ୍ପଙ୍କ ଅନୁଯାୟୀ, ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ରାସ୍ତାରେ ଆସୁଥିବା ସମସ୍ତ ପ୍ରତିବନ୍ଧକଗୁଡ଼ିକୁ ଶୀଘ୍ର ଦୂର କରାଯାଇପାରିବ। ଏହି ଚୁକ୍ତିରେ ଆଇଟି, ଉତ୍ପାଦନ ଏବଂ ସେବା ସହିତ ଅଟୋମୋବାଇଲ କ୍ଷେତ୍ର ମଧ୍ୟ ଅନ୍ତର୍ଭୁକ୍ତ ହୋଇପାରେ। ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ସ୍ଥିତି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇନାହିଁ। ଏ ସମ୍ପର୍କରେ ଖୁବଶୀଘ୍ର ଏକ ଅପଡେଟ୍ ମିଳିପାରେ। ଆମେରିକା ସହିତ ବାଣିଜ୍ୟ ଚୁକ୍ତି ଭାରତ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ, ସେନେଇ କହିଛନ୍ତି ଅର୍ଥମନ୍ତ୍ରୀ। ଫାଇନାନ୍ସିଆଲ୍ ଏକ୍ସପ୍ରେସକୁ ଦେଇଥିବା ଏକ ସାକ୍ଷାତକାରରେ ସୀତାରମଣ କହିଛନ୍ତି, 'ଆମେ ଯେତେ ଶୀଘ୍ର ଚୁକ୍ତି କରିବୁ, ଆମ ପାଇଁ ସେତେ ଭଲ ହେବ।'

# ୬୪% ଲୋକଙ୍କୁ ମିଳୁଛି ସାମାଜିକ ସୁରକ୍ଷା




**ନୂଆଦିଲ୍ଲୀ, ୩୦।୬:** ଲୋକଙ୍କୁ ବିଭିନ୍ନ ପ୍ରକାର ସୁବିଧା ଯୋଗାଇ ଦେବା ପାଇଁ ସରକାର ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିଆସୁଛନ୍ତି। ଏହାର ପରିସର ବର୍ଷକୁ ବର୍ଷ ବ୍ୟାପକ ହେବାରେ ଲାଗିଛି। ଗତ ୧୦ ବର୍ଷ ମଧ୍ୟରେ ଏଥିରେ ବଡ଼ଧରଣର ବୃଦ୍ଧି ହୋଇଛି। ସଂପ୍ରତି ଦେଶର ୬୪.୩ ପ୍ରତିଶତ ଲୋକ କିଛି ନା କିଛି ସାମାଜିକ ସୁରକ୍ଷା ଯୋଜନାର ଲାଭ ପାଉଛନ୍ତି। ୨୦୧୫ ମସିହାରେ ୧୯ ପ୍ରତିଶତ ଲୋକ ସାମାଜିକ ସୁରକ୍ଷା ପରିସରରେ ରହିଥିଲେ। ୬୪.୩ ପ୍ରତିଶତ ଲୋକ ସାମାଜିକ ସୁରକ୍ଷା ଯୋଜନାର ଫାଇଦା ପାଉଥିବାରୁ ଦେଶରେ ପ୍ରାୟ ୯୪.୩ କୋଟି ଲୋକ ଏଥିରେ ସାମିଲ ରହିଥିବା ଆକଳନ କରାଯାଇଛି।

ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍‌ଓ) ବିଶ୍ୱରେ ଭାରତର ସାମାଜିକ ସୁରକ୍ଷା ଯୋଜନାରେ ବଡ଼ଧରଣର ବୃଦ୍ଧି ବିଷୟକୁ ସ୍ୱୀକାର କରିଛି। ସାମାଜିକ ସୁରକ୍ଷା ଯୋଜନାରେ ଲାଭ ପାଉଥିବା ଲୋକସଂଖ୍ୟାକୁ ଦେଖିଲେ ଚୀନ ପରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ହାତକୁ ନିଆଯାଇଥିବା ଏକାଧିକ ଯୋଜନା ପାଇଁ ଏଭଳି ହୋଇଛି। ଏହି ଯୋଜନାରେ ଉଭୟ ଟଙ୍କା ଏବଂ ସାମଗ୍ରୀ ବାବଦରେ ପ୍ରଦାନ କରାଯାଉଥିବା ସହାୟତାକୁ ବିଚାରକୁ ନିଆଯାଇଛି। ପ୍ରମୁଖ ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକରେ ଦେଶରେ କେତେ ଲୋକ ଉପକୃତ ହୋଇଛନ୍ତି ତାହାର ତଥ୍ୟ ପାଇବା ପାଇଁ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରାଳୟ ଅନ୍ତର୍ଜାତୀୟ ଶ୍ରମ ସଂଗଠନ ସହିତ ସହଯୋଗିତା ସ୍ଥାପନ କରିଛି। ମନରେଗା, ଇପିଏଫଓ, ଇଏସଆଇସି, ଅଟଳ ପେନସନ ଯୋଜନା ଏବଂ ପିଏମ୍-ପୋଷଣ ଭଳି ୩୪ଟି ଯୋଜନାରେ ସାମିଲ ଥିବା ଲୋକଙ୍କ ସଂଖ୍ୟା ଜାଣିବା ପାଇଁ ଆଧାର ନମ୍ବରର ଉପଯୋଗ କରାଯାଇଛି। ୨୦୨୫ ଜୁନ ୨୭ ସୁଦ୍ଧା ଦେଶରେ ୧୪୨ କୋଟିରୁ ଅଧିକ ଲୋକଙ୍କୁ ଆଧାର ନମ୍ବର ପ୍ରଦାନ କରାଯାଇଛି। ଲୋକଙ୍କୁ ବିଭିନ୍ନ ପ୍ରକାର ସୁବିଧା ପ୍ରଦାନ କ୍ଷେତ୍ରରେ ଆଧାର ଏକ ଡିଜିଟାଲ ଭିତ୍ତିଭୂମି ଭାବେ କାର୍ଯ୍ୟ କରୁଛି। ଅନ୍ୟପଟେ ସାମାଜିକ ସୁରକ୍ଷା ଯୋଜନାରେ ପୂର୍ବରୁ ହେଉଥିବା ବାଟମାରଣା ଏବଂ ବିଳମ୍ବକୁ ମଧ୍ୟ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଯୋଜନା ବହୁମାତ୍ରାରେ କମାଇ ଦେଇଛି। ଏଥିଯୋଗୁ ୨୦୨୩ ମାର୍ଚ୍ଚ ସୁଦ୍ଧା ସରକାର ମୋଟ ୩.୪୮ ଲକ୍ଷ କୋଟି ଟଙ୍କା ସଞ୍ଚୟ କରିପାରିଛନ୍ତି। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ମଧ ସାମାଜିକ ସୁରକ୍ଷା ଯୋଜନାକୁ ଆହୁରି ସହାୟକ ହୋଇଛି। ୨୦୨୫ ଜୁନ ୧୮ ସୁଦ୍ଧା ଦେଶରେ ୫୫.୬୪ କୋଟିରୁ ଅଧିକ ଜନଧନ ଆକାଉଣ୍ଟ ଖୋଲାଯାଇଛି। ଏଥିସହିତ ପିଏମ୍ ସୁରକ୍ଷା ଯୋଜନାରେ ୫୧.୦୬ କୋଟି ଲୋକ ସାମିଲ ହୋଇଛନ୍ତି। ୨୩.୬୪ କୋଟି ଲୋକ ପିଏମ୍ ଜୀବନ ଜ୍ୟୋତି ବୀମା ଯୋଜନାରେ ରହିଛନ୍ତି। ପିଏମ୍ ଶ୍ରମଯୋଗୀ ମାନଧନ ଯୋଜନାରେ ୫୧.୩୫ ଲକ୍ଷ ଲୋକ ସାମିଲ ହୋଇଛନ୍ତି। ଲାଖପତି ଦିଦି ଯୋଜନାରେ ୩ କୋଟିରୁ ଅଧିକ ମହିଳା ସଶକ୍ତ ହୋଇଛନ୍ତି। ପିଏମ୍ ଆବାସ ଯୋଜନାରେ ୪ କୋଟିରୁ ଅଧିକ ଲୋକଙ୍କୁ ଘର ଯୋଗାଇ ଦିଆଯାଇଛି।

# ଶୀଘ୍ର ନୂଆ ଟ୍ରେନ୍ ଟିକଟ ସଂରକ୍ଷଣ ବ୍ୟବସ୍ଥା



- ମିନିଟ୍‌କୁ ୧.୫ ଲକ୍ଷ ଟିକଟ ବୁକିଂ
- ଅନୁସନ୍ଧାନ କ୍ଷମତା ୧୦ ଗୁଣା ବଢ଼ିବ
- ରାତି ୯ଟା ସୁଦ୍ଧା ଚାର୍ଟ

ନୂଆଦିଲ୍ଲୀ, ୩୦।୬: ଭାରତୀୟ ରେଳ ଏକ ନୂଆ ସଂରକ୍ଷଣ ବ୍ୟବସ୍ଥା ଉପରେ କାର୍ଯ୍ୟ କରୁଛି ଯାହାକୁ 'କ୍ରିସ୍' ପକ୍ଷରୁ ଚଳିତ ବର୍ଷ ଶେଷ ସୁଦ୍ଧା ଲାଗୁ କରାଯିବ। ଏହି ବ୍ୟବସ୍ଥାରେ ଟିକଟ ସଂରକ୍ଷଣ କ୍ଷମତା ବର୍ତ୍ତମାନର ମିନିଟ୍ ପିଛା ୩୨ ହଜାରରୁ ବୃଦ୍ଧି ପାଇ ଦେଢ଼ ଲକ୍ଷରୁ ଅଧିକ ହେବ। ଏହି ବ୍ୟବସ୍ଥା ବହୁଭାଷୀ ହେବ। ଆଞ୍ଚଳିକ ଭାଷାରେ ସୁବିଧା ଉପଲବ୍ଧ ହେବା ଦ୍ୱାରା ବହୁ ଲୋକ ଉପକୃତ ହୋଇପାରିବେ। ଅନୁସନ୍ଧାନ କ୍ଷମତା ମଧ ୧୦ ଗୁଣା ବଢ଼ିବ। ବର୍ତ୍ତମାନ ଏହି କ୍ଷମତା ମିନିଟ୍ ପିଛା ୪ ଲକ୍ଷ ଥିବା ବେଳେ ନୂଆ ବ୍ୟବସ୍ଥାରେ ତାହା ୪୦ ଲକ୍ଷରୁ ଅଧିକ ହେବ। ଛାତ୍ରଛାତ୍ରୀ, ବିଦ୍ୟାଙ୍ଗ ଓ ରୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ୱେଟିଂ ଲିଷ୍ଟରେ ଥିବା ଯାତ୍ରୀମାନଙ୍କ ସୁବିଧା ଲାଗି ଆଠ ଘଣ୍ଟା ପୂର୍ବରୁ ଚାର୍ଟ ତିଆରି କରାଯିବ। ଅପରାହ୍ଣ ୨ଟା ପୂର୍ବରୁ ପ୍ରସ୍ଥାନ କରିବାକୁ ଥିବା ଟ୍ରେନ୍‌ଗୁଡ଼ିକର ଚାର୍ଟ ତା' ପୂର୍ବଦିନର ରାତି ୯ଟା ସୁଦ୍ଧା ପ୍ରସ୍ତୁତ କରାଯିବ ବୋଲି ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବ୍ୟବସ୍ଥାକୁ ପର୍ଯ୍ୟାୟକ୍ରମେ ଲାଗୁ କରିବା ଲାଗି ମନ୍ତ୍ରୀ ଶ୍ରୀ ବୈଷ୍ଣବ ରେଳ ବୋର୍ଡକୁ ନିର୍ଦ୍ଦେଶ ଦେଇଛନ୍ତି। ଦୂରଗାମୀ ଟ୍ରେନ୍ ଧରିବା ଲାଗି ଗ୍ରାମାଞ୍ଚଳ କିମ୍ବା ଦୂରଦୂରାନ୍ତ ସ୍ଥାନରୁ ଆସୁଥିବା ଯାତ୍ରୀମାନେ ଆଗୁଆ ଚାର୍ଟ ଜରିଆରେ ଉପକୃତ ହେବେ। ଆସନ୍ତା ଜୁଲାଇ ୧ରୁ ଆଇଆର୍‌ସିଟିସିର ୱେବସାଇଟ୍ ଓ ମୋବାଇଲ୍ ଆପ୍‌ରେ ଟିକଟ ବୁକିଂ ପାଇଁ ଆଧାର ପ୍ରମାଣୀକରଣ ବ୍ୟବହାର କରାଯିବ। ଜୁଲାଇ ଶେଷ ସୁଦ୍ଧା ଆଧାର ଭିତ୍ତିକ ଓଟିପି ଲାଗିବ।

# ଏବିଏସ୍ ଲାଗିଲେ ମହଙ୍ଗା ହେବ ୨ଚକିଆ

ନୂଆଦିଲ୍ଲୀ, ୩୦।୬: କେନ୍ଦ୍ର ସରକାର ସବୁ ପ୍ରକାର ଦୁଇଚକିଆ ଯାନ ଲାଗି ଆଣ୍ଟିଲକ୍ ବ୍ରେକିଂ ସିଷ୍ଟମ୍ (ଏବିଏସ୍)) ବାଧ୍ୟତାମୂଳକ କରିଛନ୍ତି। ଏହି ନିଷ୍ପତ୍ତି ୨୦୨୬ ଜାନୁଆରି ୧ରୁ ଲାଗୁ ହେବ। ଅର୍ଥାତ୍ ସେହିଦିନଠାରୁ ତିଆରି ହେବାକୁ ଥିବା ସବୁ ନୂଆ ଦୁଇଚକିଆ ଯାନରେ ଏବିଏସ୍ ଲାଗିବ। ଏହି ନିଷ୍ପତ୍ତି ପ୍ରଭାବରେ ୨ଚକିଆ ଯାନ ମୂଲ୍ୟରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ଘଟିବା ଆଶଙ୍କା କରାଯାଉଛି। ବିଶେଷଜ୍ଞଙ୍କ ମତରେ ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ୧୨୫ ସିସିରୁ କମ୍ ଇଞ୍ଜିନ କ୍ଷମତା ଥିବା ବର୍ଗ ଅଧିକ ପ୍ରଭାବିତ ହେବ। କମ୍ପାନିଗୁଡ଼ିକୁ ଡ୍ରମ୍ ବ୍ରେକ୍ ସ୍ଥାନରେ ଡିସ୍କ ବ୍ରେକ୍ ଲଗାଇବାକୁ ପଡ଼ିବ। ସେହି ଅନୁସାରେ ସମ୍ପୂର୍ଣ୍ଣ ଉତ୍ପାଦନ ପ୍ରକ୍ରିୟାରେ ପରିବର୍ତ୍ତନ ଆଣିବାକୁ ପଡ଼ିବ, ଯାହା ଏକ ବ୍ୟୟବହୁଳ ବ୍ୟପାର।



## ଆଜିର ସୁନା ଦର



ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୭,୨୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୧୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭,୪୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯,୧୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭, ୨୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯ ହଜାର ୧୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୭,୪୧୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୩୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୨୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯ ହଜାର ୧୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭,୨୬୦ ଓ ୮୯, ୧୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୧୭ , ୭୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ତେବେ ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୮୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୩୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

ଫେଲ ମାରିଲା ପ୍ରଶାସନିକ ପ୍ରତିଶୃତି

## ସମବାୟ ମନ୍ତ୍ରୀଙ୍କ ଜିଲ୍ଲାରେ ଧାନ ପାଇଁ ବାରମ୍ବାର ରାସ୍ତାରୋକ



**ବିଞ୍ଝାରପୁର,୩୦।୬(ସଂଚାର ବ୍ୟୁରୋ):** କିଛି ଦିନ ତଳେ ମଣ୍ଡିରୁ ଧାନ ନଉଠୁଥିବା ଅଭିଯୋଗ କରି ରାସ୍ତାରୋକ କରିଥଲେ ଖଇରା କୃଷି ସମବାୟ ସମିତିର ଚାଷୀ ମାନେ। ସମବାୟ ମନ୍ତ୍ରୀଙ୍କ ଜିଲ୍ଲାରେ ମିଲରର ମନମାନି ଯୋଗୁଁ ଚାଷୀଙ୍କ ଟୋକନ କରି ଧାନ ଆଣି ମଣ୍ଡିରେ ରଖିଥିଲେ ମଧ୍ୟ ଗାଡ଼ି ଆସୁନଥିବାରୁ ଗତ ୨୩ ତାରିଖ ଦିନ ରାସ୍ତା ଉପରେ ଧାନ ବସ୍ତା ରଖି ଯାଜପୁର ସିଂହ ପୁର ମୁଖ୍ୟ ରାସ୍ତା ଅବରୋଧ କରିଥଲେ ଚାଷୀ।ପରେ ତହସିଲଦାର ସୁଧାଂଶୁ ଶେଖର ସାଓ, ବିଞ୍ଝାରପୁର ଥାନା ଅଧିକାରୀଙ୍କ ବୁଝା ଶୁଝା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରଶାସନିକ ପ୍ରତିଶ୍ରୁତି ମିଳିଥିଲା ସମସ୍ୟାର ସମାଧାନ ହେବ ଆଉ ଧାନ ମଣ୍ଡିରୁ ଉଠିବା।କିନ୍ତୁ ମିଲରର ମନମାନି ଯୋଗୁଁ ପ୍ରଶାସନିକ ପ୍ରତିଶ୍ରୁତି ଫେଲ୍ ମାରିଲା। ଆବଶ୍ୟକ ଅନୁଯାୟୀ ଗାଡ଼ି ଆସିଲାନି କି ଧାନ ଉଠିଲା ନାହିଁ।ତେବେ ପୁନର୍ବାର ସେଇ ସମାନ ଅଭିଯୋଗ କରି ପ୍ରତିଶୃତି ପୂରଣ ନହେବାରୁ ରାସ୍ତା ଉପରେ ଧାନ ରଖି ଆଜି ଯାଜପୁର ସିଂହପୁର ରାସ୍ତା ଅବରୋଧ କରିଥଲେ ଚାଷୀ। ଯେପର୍ଯ୍ୟନ୍ତ ଗାଡ଼ି ଆସି ଧାନ ନନେଇଛି ସେପର୍ଯ୍ୟନ୍ତ ରାସ୍ତା ରୋକ୍ ରହିବ ବୋଲି ଚେତାବନୀ ଦେଇଛନ୍ତି ଚାଷୀ। ରାଜ ରାସ୍ତା ଅବରୋଧ ହେବା ଦ୍ୱାରା ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

## ଥାନାଧିକାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



**କଣାସ,୩୦।୬(ସଂଚାର ବ୍ୟୁରୋ):** କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ କୁମାର ଯୁଝାରସିଂହଙ୍କ ଅବସରକାଳିନ ସମ୍ବର୍ଦ୍ଧନା ସଭା ଆଜି କଣାସ ଥାନା ପରିସରରେ ପିପିଲି ଏସ୍.ଡି.ପି.ଓ ଦେବାଶିଷୀ ମିଶ୍ରଙ୍କ ଅଧ୍ୟକ୍ଷାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସମାଜସେବୀ ହାଡିବନ୍ଧୁ ପାଢୀ, କଣାସ ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ସୁଶିଲକାନ୍ତ ରାଉତ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ଡେଲାଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ଘନଶ୍ୟାମ ବାରିକ, ସାମ୍ବାଦିକ ବିଭୂତି ଭୂଷଣ ତ୍ରିପାଠୀ, ସାମ୍ବାଦିକ ଶ୍ରୀକାନ୍ତ ପଟ୍ଟଯୋଷୀ ଅତିଥି ଭାବେ ଯୋଗଦେଇ ଶ୍ରୀଯୁଝାରସିଂହ ମାତ୍ର ୭ମାସ କଣାସ ଥାନାରେ ଭାରପ୍ରାପ୍ତ ଅଧିକାରୀ ଭାବେ ଯୋଗଦେଇ ପ୍ରତ୍ୟେକ ଗ୍ରାମର ପ୍ରତି ପରିବାରର ପ୍ରତେକ ଲୋକଙ୍କ ମନକୁ କିଣିନେଇଥିବା ଅତୀଥିମାନେ ସୂଚନା ଦେବାସହ ତାଙ୍କ ସହକର୍ମୀ ଏସ୍.ଆଇ ଦେବୀପ୍ରସାଦ ଲେଙ୍କା, ଏ.ଏସ୍.ଆଇ ପ୍ରଦୀପ କୁମାର ଯୁଝାରସିଂହ ତାଙ୍କ ଅଧିକାରୀଙ୍କ ସଂପର୍କରେ କହୁଥିବା ସମୟରେ କାନ୍ଦି ପକାଇଥିଲେ। ଏହି ସଭାରେ ଗଡସାନପୁଟ, ଗଡବଡପୁଟ, ତ୍ରିଲୋଚନପୁର, ପାଣ୍ଡିଆକେରା, ବିଜିପୁର, ସରପଞ୍ଚ ପ୍ରତିନିଧିମାନେ ଯୋଗଦେଇଥିବା ବେଳେ ବଡାସ ପୂର୍ବତନ ସରପଞ୍ଚ ବଳରାମ ପଲାଇ, ବଡାସ ଗ୍ରାମ୍ୟ କମିଟି ସଭାପତି ସୁବଧ ଦାସ, ନୀଳାସେବା ପ୍ରତିଷ୍ଠାନ କୃଷ୍ଣଚନ୍ଦ୍ର ନିଶଙ୍କ ଉପସ୍ଥିତ ରହି ଯୁଝାରସିଂହଙ୍କ ଲୋକପ୍ରିୟତା ସଂପର୍କରେ ସୂଚନା ଦେବାସହ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନ



**ଡେଲାଙ୍ଗ,୩୦।୬(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଡେଲାଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପ୍ରଧ୍ୟାପକ ସରୋଜ କୁମାର ବଳିୟାରସିଂହ ଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଡ଼ଃ ସ୍ନେହାଞ୍ଜଳୀ ମହାନ୍ତିଙ୍କ ସଭାପତିତ୍ୱ କରିଥିଲା ବେଳେ ଅଧ୍ୟାପିକା ତନ୍ମୟୀ ମହାପାତ୍ର ସଭା ପରଚାଳନାରେ ସହଯୋଗ କରିଥିଲେ । ମୁଖ୍ୟ ଅତିଥିରୂପେ ପ୍ରାକ୍ତନ ପ୍ରଥମ ଅଧକ୍ଷ ଭାସ୍କର ଚନ୍ଦ୍ର ସାମନ୍ତରାୟ, ମୁଖବକ୍ତା ଭାବେ ପୂର୍ବତ୍ତନ ଅଧକ୍ଷ ଡ଼.ଅଶୋକ ମହାନ୍ତି ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଅଧକ୍ଷ ଡ଼. ଶରତ ଚନ୍ଦ୍ର ବିଶ୍ୱାଳ, ପ୍ରଧ୍ୟାପକ ଅଭୟ ଚରଣ ରାଉତରାୟ,ପ୍ରଧ୍ୟାପକ ଘନଶ୍ୟାମ ସ୍ୱାଇଁ, ଅଧ୍ୟାପକ ସୁକାନ୍ତ କୁମାର ପଣ୍ଡା, ଅତୁଲ କୁମାର ଦାସ,ଡ଼. ପ୍ରତିଭା ମହାନ୍ତି,ପୂର୍ବତନ ବରିଷ୍ଠ କିରାଣୀ ଶରତ କୁମାର ରାଉତ, ଗଙ୍ଗାଧର ଜେନା ଯୋଗ ଦେଇଥିଲେ । ଓଡିଆ ବିଭାଗର ଅଧ୍ୟାପିକା ଡ଼. ସ୍ନେହାଞ୍ଜଳୀ ମହାନ୍ତି ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅତିଥିମାନଙ୍କ ଦ୍ୱାରା ବିଦାୟୀ ଅଧକ୍ଷ ପ୍ରଧ୍ୟାପକ ସରୋଜ କୁମାର ବଳିୟାରସିଂହଙ୍କୁ ଉତ୍ତରୀୟ, ମାନପତ୍ର, ଉପହାର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

ପ୍ରସ୍ତୁତ ସାମଗ୍ରୀର ଗୁଣବତ୍ତାକୁ ନେଇ ଉପୁଜିଥିଲା ସନ୍ଦେହ

# ପ୍ରଶାସନର ଚଢ଼ାଉ: ଟମାଟୋ ସସ୍ ଫ୍ୟାକ୍ଟ୍ରି ସିଲ୍

- ପରୀକ୍ଷଣ ପାଇଁ ବିଭିନ୍ନ ସାମଗ୍ରୀର ନମୁନା ସଂଗ୍ରହ
- ରିପୋର୍ଟ ଆସିଲେ ନିଆଯିବ କାର୍ଯ୍ୟାନୁଷ୍ଠାନ



**ବ୍ରହ୍ମପୁର,୩୦।୬ (ସଂଚାର ବ୍ୟୁରୋ):** ସ୍ଥାନୀୟ ବଡ଼ବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗର ସ୍ଥିତ ପିଚିପିଚା ନଗର ଅଂଚଳରେ ଚାଲିଥିବା ଟମାଟୋ ସସ୍ ଫେକ୍ଟ୍ରୀରେ ପୋଲିସ ଓ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ଶିବମ ଫୁଡ୍ ପ୍ରଡକ୍ଟ ନାମରେ ରହିଥିବା ଏହି ଫ୍ୟାକ୍ଟ୍ରୀରେ ରେଡ୍ ବେଳେ ବିପୁଳ ପରିମାଣର ଅସ୍ୱାସ୍ଥ୍ୟକର ଟୋମାଟୋସସ୍ , ଚିଲି ସସ୍, ଭିନେଗାର ,ସୋୟାବଡି , ମସଲା ସହ ବିଭିନ୍ନ ରଙ୍ଗ କେମିକାଲକୁ ଜବତ କରାଯାଇଛି। ପାଖାପାଖି ୨ ବର୍ଷ ହେବ ଫ୍ୟାକ୍ଟ୍ରି ଖୋଲି ଅନମୋଲ ବ୍ରାଣ୍ଡ ନାଁରେ ଏହି ସାମଗ୍ରୀ ଗୁଡିକ ବଜାରକୁ ପଠାଯିବା ସହ ବିକ୍ରି କରାଯାଉଥିଲା। ତେବେ ସାମଗ୍ରୀର ନମୁନା ସଂଗ୍ରହ କରି ପରୀକ୍ଷଣ ପାଇଁ ଭୁବନେଶ୍ୱର ଷ୍ଟେଟ୍ ଫୁଡ୍ ଲେବ୍ କୁ ପଠାଯାଇଛି। ଖାଦ୍ୟ ନିରାପତ୍ତା ଟିମ୍ ର ସୂଚନା ପ୍ରକାରେ,ଫ୍ୟାକ୍ଟ୍ରି ପାଇଁ ଯଦିଓ ଲାଇସେନ୍ସ ରହିଛି କିନ୍ତୁ କିଛି ପ୍ରଡକ୍ଟ ପ୍ରସ୍ତୁତି ପାଇଁ ଅନୁମତି ନାହିଁ। ପ୍ରସ୍ତୁତ ସାମଗ୍ରୀର ଗୁଣବର୍ତ୍ତାକୁ ନେଇ ସନ୍ଦେହ ରହିଛି। ସାମ୍ପୁଲ ଟେଷ୍ଟ୍ ର ରିପୋର୍ଟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ରବିବାର ରାତିରେ ସ୍ଥାନୀୟ ପୋଲିସ୍ ପକ୍ଷରୁ ଉକ୍ତ ଫ୍ୟାକ୍ଟ୍ରିରେ ଚଢ଼ାଉ କରାଯାଇ କିଛି କର୍ମଚାରୀଙ୍କୁ ଅଟକ ରଖି ପଚରାଉଚରା କରାଯିବା ପରେ ସୋମବାର ଖାଦ୍ୟ ନିରାପତ୍ତା ଟିମ୍ କୁ ସୂଚନା ଦେବା ପରେ ମିଳିତ ଚଢ଼ାଉ ହୋଇଥିଲା। ଅନ୍ୟପକ୍ଷରେ ସମସ୍ତ ଆବଶ୍ୟକୀୟ କାଗଜ ସଠିକ୍ ଥିବା କହିଛନ୍ତି ଏହି ୟୁନିଟ୍ ଚଳାଉଥିବା ବ୍ୟବସାୟୀ। ଖବର ପ୍ରକାରେ ବଜାରରେ ଅନ୍ୟାନ୍ୟ ବ୍ରାଣ୍ଡ ଅପେକ୍ଷା ଏହି ବ୍ରାଣ୍ଡର ମୂଲ୍ୟ ଶସ୍ତା ହେତୁ ବିକ୍ରି ଅଧିକ ହେଉଥିଲା। ସହର ସମେତ ଦକ୍ଷିଣ ଓଡିଶାର ବିଭିନ୍ନ ସ୍ଥାନକୁ ବ୍ୟବସାୟ ପାଇଁ ଏହା ପଠାଯାଉଥିବା ଜଣାପଡ଼ିଛି।

ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

## ୨୯ ଅଭିଯୋଗ ଦରଖାସ୍ତ ଗ୍ରହଣ



**ସୁବର୍ଣ୍ଣପୁର,୩୦।୬ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ବୀରେନ୍ଦ୍ର କୁମାର ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୨୯ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୨୮ଗୋଟି ଗ୍ରହଣ କରାଯାଇଥିବା ବେଳେ ୦୧ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି। ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ ମଣ୍ଟୁ ଖମାରୀଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଜିଲ୍ଲା ପରିଷଦ ଶ୍ରୀ ଅଶ୍ୱିନୀ ମେହେର,ଉପଜିଲ୍ଲାପାଳ ସୋନପୁର ଡ଼ଃ ସୌମ୍ୟାରୁପା ରଥ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ,ସାମ୍ବାଦିକ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ବଡ଼ଧାରପୁର ଆଞ୍ଚଳିକ ଯାଦବ ସମିତି ଗଠିତ


**ନର୍ଲା,୩୦।୬(ସଂଚାର ବ୍ୟୁରୋ):** ଟିକ୍ରାପଡା ଶିବ ମନ୍ଦିର ପ୍ରାଙ୍ଗଣରେ ବଡଧାରପୁର ଆଞ୍ଚଳିକ ଯାଦବ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଓ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଛି। ସର୍ବସମ୍ମତିକ୍ରମେ ବଡଧାରପୁର ଆଞ୍ଚଳିକ ଯାଦବ ସମିତିର ନୂତନ ସଭାପତି ଭାବେ ଗିରିଧାରୀ ଗଉଡ଼, ସମ୍ପାଦକ ସନ୍ତୋଷ ଭାଟି, କୋଷାଧ୍ୟକ୍ଷ ବଳରାମ ଗଉଡ଼, ଉପସଭାପତି ମାନଗୋବିନ୍ଦ ବିଶି, ସହ ସମ୍ପାଦକ ବିକାଶ ବାଗ ମନୋନୀତ ହୋଇଛନ୍ତି। ଏଥିସହ ଗ୍ରାମ୍ୟ ଯାଦବ କମିଟି ସବୁ ମଧ୍ୟ ଗଠିତ ହୋଇଥିଲା। କୋଚେଇଜୋର ଗ୍ରାମ୍ୟ ଯାଦବ କମିଟି ସଭାପତି ବିସିକେଶନ ଭାଟି, ସମ୍ପାଦକ ଭଗବାନ ଗଉଡ଼, ଉପସଭାପତି କର୍ପୁର ଗଉଡ଼ ଓ ସହ ସମ୍ପାଦକ କୃଷ୍ଣ ଗଉଡ଼, ଧୂରକୁଟି ଗ୍ରାମ୍ୟ ଯାଦବ କମିଟି ସଭାପତି ଟଙ୍କ ଗଉଡ଼, ସମ୍ପାଦକ ରଘୁନାଥ ଗହିର, ଉପସଭାପତି ନୀଳ ବାଗ ଓ ସହ ସମ୍ପାଦକ ତ୍ରିନାଥ ଗଉଡ଼, ବଡ଼ଧାରପୁର ଗ୍ରାମ୍ୟ ଯାଦବ କମିଟି ସଭାପତି ଗୋବିନ୍ଦ ପୋଡ଼, ସମ୍ପାଦକ ଧରଣୀ ନାଗ ଓ ଉପସଭାପତି ସୁଶାନ୍ତ ଥପା, ଟିକ୍ରାପଡ଼ା ଗ୍ରାମ୍ୟ ଯାଦବ କମିଟି ସଭାପତି ପ୍ରହ୍ଲାଦ ଗଉଡ଼, ସମ୍ପାଦକ ଯୁଗେଶ୍ୱର ବାଗ, ଉପସଭାପତି ହୀରାଧର ବାଗ ଓ ସହ ସମ୍ପାଦକ କଳଧର ଗଉଡ଼, ରାତୁଲ ଗ୍ରାମ୍ୟ ଯାଦବ କମିଟି ସଭାପତି ଈଶ୍ୱର ଗଉଡ଼, ସମ୍ପାଦକ ହେମରାଜ ଗହିର, ଉପସଭାପତି ଟିକେରାମ ଗଉଡ଼ ଓ ସହ ସମ୍ପାଦକ ହର ବାଗଙ୍କ ନାମ ବିଦ୍ଧିବଦ୍ଧ ଭାବେ ଘୋଷିତ ହୋଇଥିଲା।

## ପାରିବାରିକ ବିବାଦରୁ ଠେଙ୍ଗାରେ ଆକ୍ରମଣ କରି ହତ୍ୟା



**ବ୍ରହ୍ମପୁର,୩୦।୬(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ଭୀଷ୍ମଗିରିରେ ହତ୍ୟାକାଣ୍ଡ ଘଟିଛି । ହତ୍ୟାର ଶିକାର ହୋଇଥିବା ବ୍ୟକ୍ତି ଜଣକ ଉକ୍ତ ଗ୍ରାମର ଟୁଲୁ ପାତ୍ର(୪୦)। ରାତିରେ ଶୋଇଥିବା ସମୟରେ ସେହି ଗ୍ରାମର କେ. ସନ୍ତୋଷ ପାତ୍ର(୩୨)ନାମକ ଜଣେ ବ୍ୟକ୍ତି ଠେଙ୍ଗାରେ ମୁଣ୍ଡକୁ ପ୍ରହାର କରିବା ଫଳରେ ପ୍ରବଳ ରକ୍ତ ସ୍ରାବ ହୋଇ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପାରିବାରିକ ବିବାଦରୁ ଏଭଳି ଘଟଣା ଘଟିଥିବା ସୂଚନା ମିଳିଛି। ଖବର ପ୍ରକାରେ, ଅଭିଯୁକ୍ତ ଏବଂ ମୃତ ବ୍ୟକ୍ତିଙ୍କ ଘର ସାମ୍ନାସାମ୍ନି। ରବିବାର ରାତିରେ ମୃତ ଟୁଲୁଙ୍କ ଘରେ କୌଣସି ପୂଜା ହେଉଥିବା ବେଳେ ସେ ଅଭିଯୁକ୍ତ କେ.ସନ୍ତୋଷ ପାତ୍ରକୁ ନିମନ୍ତ୍ରଣ ନ କରିବା ନେଇ ବିବାଦ ଉପୁଜିଥିଲା। ତେବେ ଅଭିଯୁକ୍ତର ମା' ଘରର ଗ୍ରୀଲରେ ଫସି ରହିବାରୁ ଆଙ୍ଗୁଠିରେ ଆଘାତ ଲାଗିଥିଲା। ଏହାଦେଖି ଅଭିଯୁକ୍ତ ଜଣକ ରାଗିଯାଇ ରାତିରେ ବାରଣ୍ଡାରେ ଶୋଇଥିବା ବେଳେ ଟୁଲୁଙ୍କ ମୁଣ୍ଡକୁ ଢେଙ୍ଗାରେ ଆକ୍ରମଣ କରିଥିଲେ। ଘଟଣାରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଦିଗପହଣ୍ଡି ପୋଲିସ୍ ସୂଚନା ଦେଇଛି।

## କାର ଧକ୍କାରେ ବ୍ୟାଟେରୀ ଚାଳିତ ଅଟେ ଚୂରମାର



**ବେତନଟୀ,୩୦।୬ (ସଂଚାର ବ୍ୟୁରୋ):** ବେତନଟୀ ଥାନା ଅଧୀନ ୧୮ନମ୍ବର ଜାତୀୟରାଜପଥ କାଠପାଳ ଡ୍ରିମିଂମିଲ ଠାରେ ଆଜି ଅପରାହ୍ନରେ ଘଟିଯାଇଥିବା ଦୁର୍ଘଟଣାରେ ବ୍ୟାଟେରୀ ଚାଳିତ ଅଟେ ଚୁରମାର ହୋଇଯାଇଥିବା ବେଳେ ଚାଳକ ଜଣକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଘଟଣା ରୁ ପ୍ରକାଶ ଜେଏଚ-୦୧ବିଡବ୍ଲ୍ୟୁ- ୦୦୦୩ ନମ୍ବର ବିଶିଷ୍ଟ କାରଯୋଗେ ଝାଡଖଣ୍ଡ ରାଜ୍ୟର ରାଞ୍ଚି ଅଞ୍ଚଳର ଯୁବକ ଓ ଯୁବତୀମାନେ ପୁରୀ ରଥଯାତ୍ରାରୁ ରାଞ୍ଚି ଅଭିମୁଖେ ଆସୁଥିବା ବେଳେ ଅଟୋଚାଳକ ଜଣକ ନିଜର ବ୍ୟାଟେରୀ ଚାଳିତ ଅଟେ ରାସ୍ତା ପାର୍ଶ୍ୱରେ ରଖ୍ ଜଙ୍ଗଲକୁ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ କୌଣସି କାରଣରୁ ଦ୍ରୁତଗାମୀ କାର ଚାଳକ କାର ଉପରୁ ନିଜର ନିୟନ୍ତ୍ରଣ ହରାଇ ବସିବାରୁ ଭାରସାମ୍ୟ ହରାଇ କାରଟି ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଅଟୋକୁ ଧକ୍କାଦେଇ ଜଙ୍ଗଲ ଭିତରକୁ ପଶିଯାଇଥିଲା। କାର ଭିତରେ ଥିବା ଯୁବକ ଓ ଯୁବତୀମାନେ ସାମାନ୍ୟ ଆହତ ହୋଇଥିବ ଜଣାପଡିଛି । ଆହତଙ୍କୁ ଉଦ୍ଧାରକରି ସ୍ଥାନୀୟଲୋକେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିବା ଦୁର୍ଘଟଣାଗ୍ରସ୍ତ ବ୍ୟାଟେରୀ ଚାଳିତ ଅଟୋ ସମେତ କାରକୁ ଜବତକରି ତଦନ୍ତ ଆରମ୍ଭ କରିଛି।

## ସାମାଜିକ କର୍ମୀଙ୍କୁ ଆକ୍ରମଣ, ଥାନାରେ ଅଭିଯୋଗ

**କଳିଙ୍ଗନଗର,୩୦।୬(ସଂଚାର ବ୍ୟୁରୋ):** ସାମାଜିକ ଗଣ ମାଧ୍ୟମ ରେ ଫେକ ଆଇଡି ଜରିଆରେ ଚରିତ୍ର ସଂହାର କରି ସାମାଜିକକର୍ମୀ ତଥା ଜଣେ ସାମ୍ବାଦିକ ଙ୍କୁ ଦିବାଲୋକ ରେ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ (ଡାନି)ଙ୍କ ନିର୍ଦ୍ଦେଶ ରେ ଆକ୍ରମଣ କରାଯାଇଥିବା ସମ୍ପର୍କ ରେ ସୁକିନ୍ଦା ଥାନା ରେ ଅଭିଯୋଗ ହୋଇଛି.ଅଭିଯୋଗ ହୋଇଥିବା ଜଣାପଡିଛି.ସୂଚନା ଯୋଗ୍ୟ ସିଭିଲ ସୋସାଇଟ ଫୋରମ ଯାଜପୁର ର ସମ୍ପାଦକ ତଥା ସାମ୍ବାଦିକ ବିଶ୍ୱନାଥ ପାତ୍ର ଙ୍କ ସହ ତାଙ୍କ ପରିବାରର ଚରିତ୍ର ସଂହାର କରି ସୁକିନ୍ଦା ଜାମୁପୋଷି ଗ୍ରାମର ସୁଶାନ୍ତ ମଲ୍ଲିକ ନାମକ ଜଣେ ଯୁବକ ରବିବାର ଦିନ ଫେସ ବୁକ ରେ ପୋଷ୍ଟ କରିଥିଲେ. ଏବଂ ଯୋଜନାବଦ୍ଧ ଭାବେ ସୋମବାର ସକାଳୁ ସୁକିନ୍ଦା ବ୍ଲକ ସାମ୍ନା ରେ ଛପି ରହିଥିଲେ.ବିଶ୍ୱନାଥ ପାତ୍ର କୌଣସି ଏକ କାମରେ ବ୍ଲକ କାର୍ଯ୍ୟାଳୟ ଯାଉଥିବା ସମୟରେ ସୁଶାନ୍ତ ମଲ୍ଲିକ, ବିବେକାନନ୍ଦ ବୋଷ ଏବଂ କିଛି ବିଜଦ କର୍ମି ହଟାତ ଆସି ତାଙ୍କ ବୁମ ଛଡ଼େଇବା ସହ ଅତର୍କିତ ଆକ୍ରମଣ କରି ତଣ୍ଟି ଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲେ.ଏବଂ ଡାନି ବାବୁ ବିରୁଦ୍ଧ ରେ ମୁହଁ ଖୋଲିଲେ ବମ ପକାଇ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ.ଅଶାଳୀନ ଭାଷା ରେ ଗାଳିଗୁଲଜ କରି ଡାନି ଙ୍କ ନିର୍ଦ୍ଦେଶ ନ ମାନିଲେ ବିଚ ରାସ୍ତାରେ ହତ୍ୟା କରିବାକୁ ଧମକ ଚମକ ଦେଇଥିବା ଅଭିଯୋଗ ହୋଇଛି.ସୁକିନ୍ଦାର ପୂର୍ବତନ ବିଧାୟକ ଗଣତାନ୍ତ୍ରିକ ଓ୍ୱିଧି ବ୍ୟବସ୍ଥା କୁ କୁଠାର ଘାତ କରି ରାଜନୈତିକ ଅଭିଶନ୍ଧି କୁ ଚରିତାର୍ଥ କରିବାକୁ ସୁକିନ୍ଦା ମାଟିରେ ଅଶାନ୍ତିର ବିଷ ମଞ୍ଜି ବୁଣି ହିଂସା,ବିଦ୍ୱେଷ ସୃଷ୍ଟି କରି ଦଙ୍ଗା ଭିଆଇବାକୁ ଷଡଯନ୍ତ୍ର ରଚୁଥିବା ସମ୍ପର୍କ ରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ବନ୍ଧରେ ବିଶ୍ୱନାଥ ପାତ୍ର ଲିଖିତ ଅଭିଯୋଗ କରି ନିଜ ଜୀବନ ର ସୁରକ୍ଷା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ଜଣା ପଡିଛି।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି



**ନର୍ଲା,୩୦।୬(ସଂଚାର ବ୍ୟୁରୋ):** ପଞ୍ଚାୟତ ସମିତି ନର୍ଲା ପରିସରରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଜିଲ୍ଲା ଏଡିଏମ ତନ୍ମୟ କୁମାର ଦରୱାନ, ସିଡ଼ିଓ ଦୟାମୟ ପାଢୀ, ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପ ପ୍ରମୁଖ ଅଭିଯୋଗ ସବୁ ଶୁଣିଥିଲେ। ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କ ସମେତ ନର୍ଲା ମାଇନର ଇରିଗେସନ ସହକାରୀ ଯନ୍ତ୍ରୀ ସୌମ୍ୟ ରଞ୍ଜନ ମାଝୀ, ଆରଡବ୍ଲୁଏସଏସ ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର ସୁନାନୀ, ମେଡିକାଲ ଅଫିସର ଅକ୍ଷୟ ଗୋଚ୍ଛାୟତ, ନର୍ଲା ସିଡ଼ିପିଓ ଅଞ୍ଜଳି ପଟ୍ଟନାୟକ, ବିଇଓ ତପିମଣି ଜାନି, ଏବିଇଓ ଗୋବର୍ଦ୍ଧନ ମାଝୀ, ଫରେଷ୍ଟର ଭବାନୀ ନାଏକ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଆସିଥିବା ବିଷୟ ଗୁଡିକର ତଥ୍ୟ ପ୍ରଦାନ କରିଥିଲେ। ବିପିସି ଭୋଳନାଥ ଦାସ, ଯନ୍ତ୍ରୀ ଆଲୋକ ନାୟକ, ବିଏସଏସଓ ପ୍ରଦୀପ ବେହେରା, ସନତ କୁମାର ସାହୁ, ସନତ କୁମାର ନାୟକ, ସହକାରୀ ଯନ୍ତ୍ରୀ ସୁଧାଂଶୁ ମହାଲି, କନିଷ୍ଠ ଯନ୍ତ୍ରୀ ବିଚିତ୍ରାନନ୍ଦ ନାଏକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ୪୮ ଜଣ ଅଭିଯୋଗକାରୀ ସେମାନଙ୍କ ନାମ ପଞ୍ଜିକୃତ କରିଥିବାବେଳେ ୨୫ ଗୋଟି ଅଭିଯୋଗର ତୁରନ୍ତ ଶୁଣାଣୀ ହୋଇଥିବା ଜଣାପଡିଛି।

# ସମୟର ଚକ୍ରରେ ଲୋପ ପାଉଛି 'ସାଧବ ବୋହୂ'



**କଳାହାଣ୍ଡି,୩୦।୬(ସଂଚାର ବ୍ୟୁରୋ):** ଦିନକୁ ଦିନ ବିଜ୍ଞାନର ଯେତିକି ଅଗ୍ରଗତି ହେଉଛି ଜୀବଜଗତର ସେତିକି କ୍ଷତି ହେବାରେ ଲାଗିଛି । ନୂତନ ଯନ୍ତ୍ରପାତି ଆବିଷ୍କାର ହେଲାବେଳେ ଅନେକ ଜୀବ ଦୁନିଆରୁ ଲୋପ ପାଇବାରେ ଲାଗିଛନ୍ତି । ବର୍ଷାର ଆଗମନରେ ଅଞ୍ଚଳର ବିଲବାଡ଼ି, ପଡ଼ିଆରେ ଆଗେ "ସାଧବ ବୋହୂ" ବହୁ ସଂଖ୍ୟାରେ ଦେଖିବାକୁ ମିଳୁଥିଲା । ଧୀରେ ଧୀରେ ଏହା ଆଉ ପ୍ରାୟତଃ ଦେଖାଯାଉ ନାହାନ୍ତି । ବର୍ଷା ପରେ ଯେତେବେଳେ ଘାସ ତିଆରି ହୋଇ ଧରଣୀ ରାଣୀକୁ ସବୁଜ ଶାଢୀ ପିନ୍ଧାଇ ଦିଏ, ସେହି ସମଯରେ ପ୍ରକୃତିର କେଉଁ କୋଣରୁ ଲାଲ ଟୁକଟୁକ ସାଧବ ବୋହୂମାନେ ମାଟି ଉପରକୁ ବାହାରି ପଡ଼ି ପ୍ରକୃତିର ସୌନ୍ଦର୍ଯ୍ୟକୁ ଶତ ଗୁଣ କରି ସଜାଇ ଦିଅନ୍ତି । ଏ ଦୃଶ୍ୟ ଦେଖି କବି ଓ ପ୍ରକୃତି ପ୍ରେମୀମାନଙ୍କୁ ଭାବପ୍ରବଣ କରିଦିଏ। କବି ନିଜ ଭାଷାରେ ଲେଖି ଚାଲେ ଅନେକ କବିତା ଜ୍ଞ କବିର ଭାଷାରେ ସାଧବ ବୋହୂ ସବୁ ଧରଣୀ ରାଣୀର ସବୁଜ ରଙ୍ଗର ଶାଢୀରେ ଲାଲ ମୋତି ପରି ସବୁ ଲଟକି ରହୁଛନ୍ତି । ସାଧବ ବୋହୂର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ କୁନି ଛୋଟ ପିଲାଠାରୁ ଆରମ୍ଭ କରି ବଡ ପର୍ଯ୍ୟନ୍ତ ଖୁବ୍ ଆନନ୍ଦ ଅନୁଭବ କରିଥାନ୍ତି। ସମସ୍ତେ ନିସଂକୋଚରେ ହାତରେ ଗୋଟାଇ ଖେଳିବାରେ ମାତିଯାନ୍ତି । କିନ୍ତୁ ବର୍ତ୍ତମାନ ଦିନ ଆସିଛି ସେହି ଛୋଟ ଜୀବଟି ପ୍ରକୃତିର ପ୍ରତିକୂଳ ପରିବେଶରେ ଖାପ ଖୁଆଇ ନ ପାରି ଦିନକୁ ଦିନ ଧରା ବକ୍ଷରୁ ଉଭେଇ ଯାଉଛନ୍ତି। ସାଧବ ବୋହୂ ଏକ କୀଟ ପ୍ରଜାତିର। ଏହାକୁ ଇଂରାଜୀରେ 'ଲେଡି ବଗ୍' ବୋଲି କୁହାଯାଉଥିବା ବେଳେ ବୈଜ୍ଞାନିକଙ୍କ ଭାଷାରେ ପ୍ରାଣୀ ବିଜ୍ଞାନରେ 'ଅଡେର ଅରଚିନିଡା' କୁହାଯାଏ । ଏହି କୀଟ ବର୍ଷା ଦିନରେ ମାଟି ଭିତରୁ ଉପରକୁ ଆସନ୍ତି। ଆସିବା ରାସ୍ତାରେ ମାଟି ଭିତରେ ଏକ ସୁଡଙ୍ଗ ରାସ୍ତା ସୃଷ୍ଟି ହୁଏ। ଯହାରା ଅମ୍ଳଜାନ ବାଷ୍ପ ମାଟି ଭିତରକୁ ସୁବିଧାରେ ପ୍ରବେଶ କରି ଚାଷ ଜମିକୁ ଉର୍ବର କରିଥାଏ ବୋଲି ଚାଷୀମାନେ ବିଶ୍ୱାସ କରିଥାନ୍ତି। ଏହା ଏକ କ୍ଷତିକାରକ କୀଟ ନୁହେଁ । ଏମାନଙ୍କ ବଂଶ ନଷ୍ଟ ହେବାରେ ଦାୟୀ ହେଉଛି ବର୍ତ୍ତମାନ ବ୍ୟବହାର କରାଯାଉଥିବା ବିଭିନ୍ନ ପ୍ରକାର ରାସାୟନିକ ସାର ଓ କୀଟନାଶକ। ଅଧିକ ଅମଳ ଆଶାରେ ଚାଷୀ ଜମିମାନଙ୍କରେ ବିଷାକ୍ତ ଦ୍ରବ୍ୟର ବ୍ୟବହାର ଯୋଗୁଁ ସାଧବ ବୋହୂର ବଂଶ ଲୋପ ପାଇଯାଉଛି ବୋଲି ପ୍ରକୃତି ପ୍ରେମୀମାନେ ମତ ଦେଉଛନ୍ତି । ଲୋପ ପାଉଥିବା କୀଟ ପତଙ୍ଗମାନଙ୍କୁ ଯେପରି ଅନୁକୂଳ ପରିବେଶରେ ବଂଚାଇ ରଖାଯାଉଛି ସେହିଭଳି ଏହି ନିରିହ କୀଟର ସୁରକ୍ଷା କରାଯାଉ ବୋଲି ପ୍ରକୃତି ପ୍ରେମୀମାନେ ଦାବି କରୁଛନ୍ତି।

## ଆଇନ ସଚେତନତା ଶିବିର ଅନୁଷ୍ଠିତ



**ନବରଙ୍ଗପୁର,୩୦।୬ (ସଂଚାର ବ୍ୟୁରୋ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ ନବରଙ୍ଗପୁର ଦ୍ୱାରା ବିଦ୍ୟାଥି ମହାବିଦ୍ୟାଳୟ ନବରଙ୍ଗପୁର ଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ନବରଙ୍ଗପୁରର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ଶ୍ରୀଯୁକ୍ତ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ଶ୍ରୀମତୀ ସାଇ ଅଭିସ୍ପା ଗୋଛାୟତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଓ ଜାତୀୟ ଆଇନ ସେବା ପ୍ରାଧିକରଣର ବିଭିନ୍ନ ଆଇନ ବିଷୟରେ ତଥା ମହିଳା ମାନଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଓ ପୀଡିତା ମାନଙ୍କୁ ଦିଆ ଯାଉଥିବା କ୍ଷତି ପୂରଣ ସ୍କିମ୍-୨୦୧୭ ଓ ମହିଳା ମାନଙ୍କ ଉପରେ ହେଉଥିବା ବିଭିନ୍ନ ଯୌନ ଓ ଅନ୍ୟ ଅପରାଧ-୨୦୧୮, କିଶୋର ନ୍ୟାୟ ଯତ୍ନ ଏବଂ ସୁରକ୍ଷ୍ୟା ଓ ମୌଳିକ ଅଧିକାର ସୁରକ୍ଷା ସମ୍ପର୍କିତ ଆଇନ ବିଷୟରେ ସଚେତନତା ଶିବିରରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ପ୍ରଶନ ପ୍ରସାଦ ପଟ୍ଟନାୟକ, ମୁଖ୍ୟ ଆଇନ ଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା, ନବରଙ୍ଗପୁର,କିଶୋରୀ ପଟ୍ଟନାୟକ, ପାନେଲ ଲଇୟାର, ନବରଙ୍ଗପୁର, ସଦାଶିବ ସାହୁ, ଉପ ଅଧକ୍ଷ, ଜିଲ୍ଲା ଆଇନ ଜୀବି ସଂଘ, ନବରଙ୍ଗପୁର, ରାଖୀ ଜୈନ, ସହାୟକ ଆଇନ ଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା, ନବରଙ୍ଗପୁର, ସତ୍ୟନାରାୟଣ ନାୟକ, ଅଧକ୍ଷ, ବିଦ୍ୟାଥି ମହାବିଦ୍ୟାଳୟ ଓ ପାରା ଲିଗାଲ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ।

## ଜୁଗୁପୁରା ସାପ୍ତାହିକ ହାଟରୁ ବାଇକ ଚୋର ଗିରଫ

**ବୈଶିଙ୍ଗା,୩୦।୬ (ସଂଚାର ବ୍ୟୁରୋ):** ପ୍ରତ୍ୟେକ ହାଟ ବଜାର ମାନଙ୍କରେ ବାଇକ ଚୋର ରାକେଟ ବଢ଼ି ଚାଲିଥିବା ବେଳେ ସାଧାରଣ ଲୋକ ମଧ୍ୟ ସଚେତନ ହେଉ ନ ଥିବା ଚର୍ଚ୍ଚା ହେଉଛି । ଆଜି ସୋମବାର ବୈଶିଙ୍ଗା ଥାନା ଅନ୍ତର୍ଗତ ଜୁଗୁପୁରା ସାପ୍ତାହିକ ହାଟରେ ଏକ ବାଇକ ଚେରୀ କରୁଥିବା ବେଳେ ସାଧାରଣଲୋକ ଙ୍କ ହାତରେ ଧରା ପଡ଼ିଥିବା ଜଣାଯାଇଛି । ଲୋକମାନେ ଉତ୍ତମ ମଧ୍ୟମ ଦେବା ପରେ ପୋଲିସ କୁ ଖବର ଦେଇଥିଲେ । ଖବର ପାଇ ବୈଶିଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବାଇକ ଚୋରକୁ ଥାନାକୁ ନେଇଆସିଥିଲେ।ତାର ପରିଚୟରୁ ଜଣାଯାଇଛି କି ପାଇକସାହି ଗ୍ରାମର ମାଧବ ମହାନ୍ତ ଙ୍କର ପୁତ୍ର କମଳାକାନ୍ତ ମହାନ୍ତ (୪୨)। ପୋଲିସ ଏହି ଘଟଣାକୁ ନେଇ ଏକ ମାମଲା ରୁଜ୍ଜୁ କରିଥିବା ଜଣାଯାଇଛି ।






# ଶ୍ରବଣ ଶକ୍ତି କମାଇପାରେ ବାରମ୍ବାର ସଂକ୍ରମଣ

**ଓଟାଇଟିସ୍ ମିଡିଆ (ମଧ୍ୟକର୍ଣ୍ଣ ପ୍ରଦାହ) କ'ଣ?**

ଓଟାଇଟିସ୍ ମିଡିଆ ବା ମଧ୍ୟକର୍ଣ୍ଣ ପ୍ରଦାହ ହେଉଛି ମଧ୍ୟକର୍ଣ୍ଣରେ ଦେଖାଯାଉଥିବା ଏକ ସଂକ୍ରମଣ। ଓଟାଇଟିସ୍ ମିଡିଆ ଦୁଇ ପ୍ରକାରର ଯଥାଃ ଆକ୍ୟୁଟ୍ ଓଟାଇଟିସ୍ ମିଡିଆ ଓ କ୍ରନିକ ଓଟାଇଟିସ୍ ମିଡିଆ। କାନର ସଂକ୍ରମଣ ୪ ସପ୍ତାହରୁ କମ୍ ରହିଲେ ଏହାକୁ ଆମେ ଆକ୍ୟୁଟ୍ ଓଟାଇଟିସ୍ ମିଡିଆ କହିଥାଉ। ଓଟାଇଟିସ୍ ମିଡିଆ ଶିଶୁମାନଙ୍କଠାରେ ସାଧାରଣ ଭାବେ ଅଧିକ ଦେଖାଯାଏ। ବୟସ୍କଙ୍କ ମଧ୍ୟରେ ବି ଏହା ଦେଖାଯାଇପାରେ। ସ୍କୁଲ ଯିବା ବୟସ ପୂର୍ବରୁ ଅଧିକାଂଶ ଛୁଆଙ୍କଠାରେ ଅତି କମ୍‌ରେ ଥରେ ଏହି ସଂକ୍ରମଣ ହୋଇଥାଏ।

**ଏହି ସଂକ୍ରମଣର ଲକ୍ଷଣ କ'ଣ?**

ସାଧାରଣତଃ ପିଲାମାନଙ୍କଠାରେ ଥଣ୍ଡା ହେବାରୁ ଏହି ସଂକ୍ରମଣ ଆରମ୍ଭ ହୋଇଥାଏ। ତଣ୍ଟି ଦରଜ ଓ ନାକରୁ ପାଣି ବୋହିବା ସହ ଏହି ସଂକ୍ରମଣ କାନ ପର୍ଯ୍ୟନ୍ତ ବ୍ୟାପିଥାଏ। ଫଳରେ କାନରେ ଯନ୍ତ୍ରଣା ହେବା, ଜ୍ୱର ଆସିବା, କମ୍ ଶୁଣାଯିବା ଓ ମୁଣ୍ଡବିନ୍ଧା ଆଦି ସମସ୍ୟା



ଡାକ୍ତର ନରେଶ କୁମାର ମହାପାତ୍ର
କର୍ଣ୍ଣ-ନାସା-ଗଳା ବିଶେଷଜ୍ଞ
କ୍ୟାପିଟାଲ୍ ହସ୍‌ପିଟାଲ୍, ଭୁବନେଶ୍ୱର

ଦେଖାଯାଏ। ଏଥିସହ କାନରୁ ପୂଜ ବି ନିର୍ଗତ ହୋଇଥାଏ।

**ଏହି ସଂକ୍ରମଣ କାହିଁକି ହୁଏ?**

ଓଟାଇଟିସ୍ ମିଡିଆ ଜୀବାଣୁ କିମ୍ବା ଭୂତାଣୁ ଦ୍ୱାରା ହୋଇପାରେ। ପ୍ରଥମେ ଏହା ଭୂତାଣୁଜନିତ ହେଉଥିବା ବେଳେ ଜୀବାଣୁ ସଂକ୍ରମଣ ଯୋଗୁଁ କାନରୁ ପୂଜ ନିର୍ଗତ ହୋଇଥାଏ। ମଝିକର୍ଣ୍ଣ ୟୁଷ୍ଟାଚିଆନ୍ ଟ୍ୟୁବ୍ ନାମକ ଏକ ନଳୀ ଦ୍ୱାରା ଗଳା ସହିତ ସଂଯୁକ୍ତ ହୋଇଥାଏ। ଥଣ୍ଡା ହେଲେ ସଂକ୍ରମଣ ଏହି ନଳୀ ମାଧ୍ୟମରେ ହିଁ ଗଳା ପଛପଟୁ ମଝି କାନ ପର୍ଯ୍ୟନ୍ତ ବ୍ୟାପିଥାଏ। ଛୋଟ ପିଲାଙ୍କର ୟୁଷ୍ଟାଚିଆନ୍ ଟ୍ୟୁବ୍ ଛୋଟ ହୋଇଥିବାରୁ ସେମାନଙ୍କଠାରେ ଏହି ସଂକ୍ରମଣ ଅଧିକ ଦେଖାଯାଇଥାଏ। ଔଷଧ ସେବନ ଦ୍ୱାରା ଏହା ଭଲ ହୋଇଯାଏ।

**କ୍ରନିକ ଓଟାଇଟିସ୍ ମିଡିଆ କ'ଣ?**

ସଂକ୍ରମଣ ୪ ସପ୍ତାହରୁ ଅଧିକ ରହିଲେ ଆକ୍ୟୁଟ୍ ଓଟାଇଟିସ୍ ମିଡିଆଟି କ୍ରନିକ୍ ଓଟାଇଟିସ୍ ମିଡିଆରେ ପରିଣତ ହୋଇଥାଏ। ଏଥିରେ କାନରେ ଥିବା ଟିମ୍ପାନିକ୍ ମେମ୍ବ୍ରେନ୍ ବା କାନ ପରଦାରେ ଛିଦ୍ର ହୋଇଯାଏ। ଫଳରେ ଶରୀର ଭିତରୁ ୟୁଷ୍ଟାଚିଆନ୍ ଟ୍ୟୁବ୍ ଦ୍ୱାରା ଓ ବାହାର ବାୟୁମଣ୍ଡଳର ପ୍ରଭାବରେ ଆସିବା ଦ୍ୱାରା ରୋଗୀଠାରେ ବାରମ୍ବାର ସଂକ୍ରମଣ ଦେଖାଯାଇଥାଏ। ଏଣୁ ରୋଗୀକୁ ସାମାନ୍ୟ ଥଣ୍ଡା ହେଲେ ବା ମୁଣ୍ଡ ସଫା କରି ଗାଧୋଇଲେ କାନରୁ ପାଣି ବା ପୂଜ ବାହାରେ। ଏହି ସମୟରେ ରୋଗୀଙ୍କୁ ଟିକେ କମ୍ ଶୁଣାଯାଏ। କାନ ଡ୍ରପ୍ ପକାଇଲେ ବା ଆଣ୍ଟିବାୟୋଟିକ୍ ଖାଇଲେ ଏହା ଭଲ ହୋଇଯାଏ।

**ଏଥିରେ ଶ୍ରବଣ ଶକ୍ତି ହରାଇବାର ଆଶଙ୍କା ଥାଏ କି?**

ଆକ୍ୟୁଟ୍ ଓଟାଇଟିସ୍ ମିଡିଆ ଦ୍ୱାରା ଶ୍ରବଣ ଶକ୍ତି ହ୍ରାସ ପାଇଥାଏ। କିନ୍ତୁ ଏହାର ଅତି ସରଳ ଚିକିତ୍ସା ମଧ୍ୟ ଉପଲବ୍ଧ। ସଂକ୍ରମଣର ଉତ୍ସକୁ ଲକ୍ଷ୍ୟ କରି ଡାକ୍ତର ରୋଗୀଙ୍କୁ ଔଷଧ ଦେଇଥା'ନ୍ତି। ଯଦି ସଂକ୍ରମଣ ଯୋଗୁଁ କାନ ପରଦାରେ ଛିଦ୍ର ହୋଇଯାଇଥାଏ, ତେବେ ସଂକ୍ରମଣ ବାରମ୍ବାର ହୁଏ। ଏହାର ସ୍ଥାୟୀ ସମାଧାନସ୍ୱରୂପ ଟିମ୍ପାନୋପ୍ଲାଷ୍ଟି ସର୍ଜରି ମାଧ୍ୟମରେ କାନ ପରଦାରେ ହୋଇଥିବା ଛିଦ୍ର ମରାମତି କରାଯାଇଥାଏ। ଫଳରେ ରୋଗୀଠାରେ ଏହି ସଂକ୍ରମଣ ଦେଖାଯାଏ ନାହିଁ ଓ ଶ୍ରବଣ ଶକ୍ତିକୁ ଅକ୍ଷୁଣ୍ଣ ରଖିହୁଏ।



# ଖାଦ୍ୟର ବିକଳ୍ପ ନୁହେଁ ହେଲ୍‌ଥ ସପ୍ଲିମେଣ୍ଟ



ଅନେକ ଉତ୍ତମ ପୋଷଣ, ଉନ୍ନତ ରୋଗ ପ୍ରତିରୋଧକ ଶକ୍ତି ଓ ସାମୂହିକ ସୁସ୍ଥତା ପାଇଁ ହେଲ୍‌ଥ ସପ୍ଲିମେଣ୍ଟ୍ ବା ସ୍ୱାସ୍ଥ୍ୟ ପରିପୂରକ ଗ୍ରହଣ କରିଥା'ନ୍ତି। ହେଲ୍‌ଥ ସପ୍ଲିମେଣ୍ଟ୍ ଖୁବ୍ ଲୋକପ୍ରିୟତା ହାସଲ କରିବା ସତ୍ତ୍ୱେ ତାହା ସମ୍ପର୍କରେ ଅନେକ ଭ୍ରାନ୍ତ ଧାରଣା ରହିଛି। ଏହା ହେଲ୍‌ଥ ସପ୍ଲିମେଣ୍ଟ୍‌ର ନିରାପତ୍ତା ଓ ପ୍ରଭାବ ବାବଦରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ। ଅନେକଙ୍କର ବିଶ୍ୱାସ ଯେ ଏହା ସନ୍ତୁଳିତ ଖାଦ୍ୟର ସ୍ଥାନ ନେଇପାରେ। ହେଲେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାର୍ଗଦର୍ଶିକା ଅନୁଯାୟୀ, ଆବଶ୍ୟକ ପଡ଼ିଲେ ହେଲ୍‌ଥ ସପ୍ଲିମେଣ୍ଟ ନେବା ଠିକ୍, ମାତ୍ର ତାହା ଖାଦ୍ୟର ବିକଳ୍ପ ଭାବରେ ଗ୍ରହଣୀୟ ନୁହେଁ। ତେଣୁ ହେଲ୍‌ଥ ସପ୍ଲିମେଣ୍ଟ୍ ସମ୍ପର୍କିତ ଭ୍ରାନ୍ତ ଧାରଣା ଦୂରହେବା ଜରୁରି।

ପ୍ରଥମତଃ ହେଲ୍‌ଥ ସପ୍ଲିମେଣ୍ଟ୍ ସ୍ୱାସ୍ଥ୍ୟପ୍ରଦ ଭୋଜନର ଏକ ବିକଳ୍ପ ବୋଲି ଯେଉଁ ଧାରଣା ରହିଛି, ତାହା ଆଦୌ ଠିକ୍ ନୁହେଁ। କାରଣ ସନ୍ତୁଳିତ ଆହାର ଖାଦ୍ୟସାର, ଖଣିଜସାର, ତନ୍ତୁସାର ଓ ଆଣ୍ଟିଅକ୍ସିଡାଣ୍ଟ୍‌ର ଏକ ଉତ୍ତମ ମିଶ୍ରଣ, ଯାହା ପୋଷକର ଶୋଷଣ ତଥା ସାମୂହିକ ସ୍ୱାସ୍ଥ୍ୟ ପାଇଁ ଏକାଠି କାମ କରେ। ଅପରପକ୍ଷେ, ହେଲ୍‌ଥ ସପ୍ଲିମେଣ୍ଟ୍ ପୋଷକର ଅଭାବ ପୂରଣ କରିପାରେ, ମାତ୍ର ପ୍ରକୃତ ଖାଦ୍ୟର ସ୍ଥାନ ନେଇପାରି ନଥାଏ।

ଅଧିକ ହେଲ୍‌ଥ ସପ୍ଲିମେଣ୍ଟ୍ ଗ୍ରହଣ କରିବା ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟ ଲାଭ ହୋଇଥାଏ ବୋଲି ଧାରଣା ରହିଛି। ମାତ୍ର ବାସ୍ତବତା ହେଉଛି, ବିଶେଷ କରି ଭିଟାମିନ୍ ଏ, ଡି, ଇ ଓ କେ ପରି ଚର୍ବି ଦ୍ରବଣୀୟ ଖାଦ୍ୟସାରଗୁଡ଼ିକର ଅତ୍ୟଧିକ ସେବନ ଶରୀରରେ ଫୁଡ୍ ପଏଜନିଙ୍ଗ୍ ସମେତ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। କିଛି ହେଲ୍‌ଥ ସପ୍ଲିମେଣ୍ଟ୍ ଯକୃତ କ୍ଷତି, ସ୍ନାୟୁ ସମସ୍ୟା ଏବଂ ହଜମ ସମସ୍ୟା ସୃଷ୍ଟି କରିପାରେ। ତେଣୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ହେଲ୍‌ଥ ସପ୍ଲିମେଣ୍ଟ୍‌ର ଧାର୍ଯ୍ୟ ମାତ୍ରା ସେବନ କରିବା ଉଚିତ। ପ୍ରାକୃତିକ ହେଲ୍‌ଥ ସପ୍ଲିମେଣ୍ଟ୍‌ଗୁଡ଼ିକ ସର୍ବଦା ନିରାପଦ ବୋଲି ଅନେକଙ୍କର ଧାରଣା। ମାତ୍ର ସେଗୁଡ଼ିକ ସବୁବେଳେ ବିପଦମୁକ୍ତ ନୁହେଁ। କିଛି ଚେରମୂଳି ହେଲ୍‌ଥ ସପ୍ଲିମେଣ୍ଟକୁ ଅନ୍ୟ ଔଷଧ ସହ ଖାଇଲେ ନକାରାତ୍ମକ ପାର୍ଶ୍ୱ ପ୍ରତିକ୍ରିୟାର ଆଶଙ୍କା ରହିଛି। ତେଣୁ ସେପରି କୌଣସି ହେଲ୍‌ଥ ସପ୍ଲିମେଣ୍ଟ୍ ଗ୍ରହଣ କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ଜରୁରି।

କେବଳ ବଡିବିଲ୍ଡର କି ଖେଳାଳିମାନଙ୍କ ପାଇଁ ପୁଷ୍ଟିସାର ବା ପ୍ରୋଟିନ୍ ସପ୍ଲିମେଣ୍ଟ୍ ଦରକାର ବୋଲି ଅନେକ ଭାବିଥା'ନ୍ତି। ମାତ୍ର ମାଂସପେଶୀ ମରାମତି, ରୋଗପ୍ରତିରୋଧକ ଶକ୍ତି ଓ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ପୁଷ୍ଟିସାର ଅତ୍ୟାବଶ୍ୟକ। ବିଶେଷ କରି ନିରାମିଷାସୀ, ବୟସ୍କ ବ୍ୟକ୍ତି କିମ୍ବା ଅସୁସ୍ଥତାରୁ ଆରୋଗ୍ୟ ଲାଭ କରୁଥିବା ବ୍ୟକ୍ତିମାନେ ସାଧାରଣ ଖାଦ୍ୟ ଉତ୍ସରୁ ପର୍ଯ୍ୟାପ୍ତ ପୁଷ୍ଟିସାର ପାଉନଥିବାରୁ ସେମାନେ ପୁଷ୍ଟିସାର ସପ୍ଲିମେଣ୍ଟରୁ ଉପକୃତ ହୋଇପାରିବେ।

ସେହିପରି ହେଲ୍‌ଥ ସପ୍ଲିମେଣ୍ଟ୍‌ଗୁଡ଼ିକ ଔଷଧ ପରି ତୁରନ୍ତ ଫଳାଫଳ ପ୍ରଦାନ କରନ୍ତି ନାହିଁ। ସେଗୁଡ଼ିକ ପୁଷ୍ଟିସାର ଅଭାବକୁ ପୂରଣ କରି ସାମୂହିକ ସ୍ୱାସ୍ଥ୍ୟକୁ ଧୀରେ ଧୀରେ ଉନ୍ନତ କରିଥା'ନ୍ତି। ତାହାର ଉଲ୍ଲେଖନୀୟ ଲାଭ ଦେଖିବା ପାଇଁ କିଛି ସପ୍ତାହ ବା ମାସ ଅପେକ୍ଷା କରିବାକୁ ପଡ଼ିପାରେ।

ସମସ୍ତେ ହେଲ୍‌ଥ ସପ୍ଲିମେଣ୍ଟ୍ ଖାଇବା ଉଚିତ ବୋଲି ଅନେକଙ୍କର ଧାରଣା। ବାସ୍ତବରେ ପୁଷ୍ଟିକର ଖାଦ୍ୟ ଗ୍ରହଣ କରୁଥିବା ବ୍ୟକ୍ତି ସପ୍ଲିମେଣ୍ଟ୍ ଖାଇବାର ଆବଶ୍ୟକତା ନାହିଁ। ତେବେ ଗର୍ଭବତୀ, ବୟସ୍କ ଓ ସ୍ୱାସ୍ଥ୍ୟ ସମସ୍ୟା ଥିବା ବ୍ୟକ୍ତିଙ୍କୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ହେଲ୍‌ଥ ସପ୍ଲିମେଣ୍ଟ ଖାଇବାକୁ ପଡ଼ିପାରେ। ବିନା ଡାକ୍ତରୀ ପରାମର୍ଶରେ ଏହା ଗ୍ରହଣୀୟ ନୁହେଁ।

# କେଉଁଟି ଅଧିକ ସ୍ୱାସ୍ଥ୍ୟକର




| ସାଦା ମଖାନା | ପୋଷକ ତତ୍ତ୍ୱ | ସାଦା ପପ୍‌କର୍ଣ୍ଣ (ମାଇକ୍ରୋୱେଭ୍) |
|---|---|---|
| ୩୩୨ କିଲୋକ୍ୟାଲୋରି | କ୍ୟାଲୋରି | ୪୯୬ କିଲୋକ୍ୟାଲୋରି |
| ୨ ଗ୍ରାମ | ସମୁଦାୟ ସ୍ନେହସାର | ୨୮ ଗ୍ରାମ୍ |
| ୦.୩ ଗ୍ରାମ୍ | ସାଚୁରେଟେଡ୍ ଫ୍ୟାଟ୍ | ୫ ଗ୍ରାମ୍ |
| ୧୫ ଗ୍ରାମ୍ | ପୁଷ୍ଟିସାର | ୮ ଗ୍ରାମ୍ |
| ୨୧୦ ମିଲିଗ୍ରାମ୍ | ମ୍ୟାଗ୍‌ନେସିୟମ୍ | ୧୦୭ ମିଲିଗ୍ରାମ୍ |
| ୧୩୬୮ ମିଲିଗ୍ରାମ୍ | ପୋଟାସିୟମ୍ | ୨୨୩ ମିଲିଗ୍ରାମ୍ |
| ୧୬୩ ମିଲିଗ୍ରାମ୍ | କ୍ୟାଲ୍‌ସିୟମ୍ | ୧୦ ମିଲିଗ୍ରାମ୍ |

ସିନେମା ହଲ୍‌ରେ ହେଉ ବା ଘରେ, ପପ୍‌କର୍ଣ୍ଣ ଭଳି ସ୍ନାକ୍ସର ସବୁଠି ଆଦର ରହିଛି। ତେବେ ସେଲିବ୍ରିଟିଙ୍କ ମଧ୍ୟରେ ମଖାନା ଏବେ ଏକ ସ୍ୱାସ୍ଥ୍ୟକର ସ୍ନାକ୍ସର ସ୍ଥାନ ନେଇଛି। ପପ୍‌କର୍ଣ୍ଣ ଓ ମଖାନା ଉଭୟ ପୁଷ୍ଟିକର ହୋଇଥିବା ବେଳେ ମଖାନା ଏହି ଲଢ଼େଇର ବିଜେତା ହୋଇପାରେ। ମଖାନା ସ୍ୱଳ୍ପ କ୍ୟାଲୋରି, କମ୍ ସ୍ନେହସାର ଓ ସାଚୁରେଟେଡ୍ ଫ୍ୟାଟ୍ ତଥା ଯଥେଷ୍ଟ ପୁଷ୍ଟିସାର ସମେତ ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଓ କାଲସିୟମ୍ ଭଳି ଅତ୍ୟାବଶ୍ୟକ ଖଣିଜସାରର ପ୍ରଭାବଶାଳୀ ମିଶ୍ରଣ। ଏଣୁ ଏହା ପ୍ରାୟ ସବୁ ଦୃଷ୍ଟିରୁ ପପ୍‌କର୍ଣ୍ଣକୁ ପଛରେ ପକାଇ ଦେଇଥାଏ। ଓଜନ କମାଇବା ଲାଗି, ଉଭୟ ମଖାନା ଓ ପପ୍‌କର୍ଣ୍ଣ ଉପାଦେୟ ଜଳଖିଆ। ତେବେ କମ୍ କ୍ୟାଲୋରି ଓ ଅଧିକ ପୁଷ୍ଟିସାର ଥିବା ଯୋଗୁଁ ମଖାନା ଓଜନ ହ୍ରାସ ଲାଗି ଏକ ଉତ୍ତମ ବିକଳ୍ପ। ତେବେ ବଜାରରେ ମିଳୁଥିବା ଫ୍ଲେବର୍‌ଡ ମଖାନା ଓ ପପ୍‌କର୍ଣ୍ଣ ଅପେକ୍ଷା ଘରେ ଭଜା ଯାଇଥିବା ମଖାନା ଓ ପପ୍‌କର୍ଣ୍ଣ ଅଧିକ ସ୍ୱାସ୍ଥ୍ୟକର।



# ସାମନ୍ଥାଙ୍କ ପ୍ରିୟ ବିମ୍ ହଫ୍ ବ୍ୟାୟାମ୍

ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ପ୍ରାୟ ସମୟରେ ସାମାଜିକ ଗଣମାଧ୍ୟମରେ ନିଜର ଫିଟନେସ୍ ଓ ସୁସ୍ଥତା ବିଷୟରେ ଆଲୋଚନା କରନ୍ତି। ନିକଟରେ ସେ ତାଙ୍କର ପଡ୍‌କାଷ୍ଟରେ ସକାଳ ବ୍ୟାୟାମ ଉପରେ ଆଲୋକପାତ କରିଥିଲେ। ସକାଳେ ସୂର୍ଯ୍ୟସ୍ନାନ ପରେ ବିମ୍ ହଫ୍ ନାମକ ଶ୍ୱାସକ୍ରିୟା ବ୍ୟାୟାମ ଓ ଧ୍ୟାନ ତାଙ୍କୁ ସୁସ୍ଥ ତଥା ସତେଜ ରଖିଛି ବୋଲି ସେ ପ୍ରକାଶ କରିଛନ୍ତି। ସାମନ୍ଥା ସକାଳେ ପ୍ରାୟ ପାଞ୍ଚ ମିନିଟ୍ କାଳ ଖରାରେ ବସିବା ପରେ ବିମ୍ ହଫ୍ ପଦ୍ଧତିର ଶ୍ୱାସକ୍ରିୟା ବ୍ୟାୟାମ କରନ୍ତି ଏବଂ ତା'ପରେ ୨୫ ମିନିଟ୍ କାଳ ଧ୍ୟାନରେ ନିମଗ୍ନ ରହନ୍ତି। ଏହି ସରଳ ବ୍ୟାୟାମରେ ଦୃଷ୍ଟିଭଙ୍ଗୀ ପରିବର୍ତ୍ତନ କରିବାର ଶକ୍ତି ଅଛି ବୋଲି ସେ କହିଛନ୍ତି। ଆସନ୍ତୁ ବିମ୍ ହଫ୍ ଶ୍ୱାସକ୍ରିୟା ପଦ୍ଧତିର ଉପକାରିତା ବାବଦରେ ଜାଣିବା। ଏହି ଶ୍ୱାସକ୍ରିୟା ବ୍ୟାୟାମ ପ୍ରସିଦ୍ଧ ଡଚ୍ ଅଧିବକ୍ତା ଓ କ୍ରୀଡ଼ାବିତ୍ ବିମ୍ ହଫ୍‌ଙ୍କ ଦ୍ୱାରା ବିକଶିତ। ଏଥିପାଇଁ ପ୍ରଥମେ ସ୍ଥିର ହୋଇ ବସନ୍ତୁ ବା ଲମ୍ବଦଣ୍ଡ ହୋଇ ଶୁଅନ୍ତୁ। ତା'ପରେ ନାକବାଟେ ଗଭୀର ପ୍ରଶ୍ୱାସ ନେବା ଆରମ୍ଭ କରନ୍ତୁ ଏବଂ ପାଟି ଦେଇ ନିଃଶ୍ୱାସ ଛାଡ଼ନ୍ତୁ। ସଚେତନ ଭାବରେ ୩୦ରୁ ୪୦ ଥର ଏପରି ଗଭୀର ଶ୍ୱାସକ୍ରିୟା କରନ୍ତୁ। ଏପରି ପ୍ରଶ୍ୱାସ ଛାଡ଼ିଲା ପରେ ନିଃଶ୍ୱାସକୁ ଯେତେ ସମୟ ସମ୍ଭବ ଧରି ରଖନ୍ତୁ। ଯେତେବେଳେ ପୁଣି ପ୍ରଶ୍ୱାସ ନେବା ଦରକାର ପଡ଼ିବ, ସେତେବେଳେ ଗଭୀର ଭାବରେ ପ୍ରଶ୍ୱାସ ନିଅନ୍ତୁ ଓ ୧୫ରୁ ୨୦ ସେକେଣ୍ଡ ଯାଏ ଧରି ରଖନ୍ତୁ। ଏହି ପ୍ରକ୍ରିୟାକୁ ୩ରୁ ୪ ଥର ପୁନରାବୃତ୍ତି କରନ୍ତୁ। ଧୀରେ ଧୀରେ ଏହାକୁ ବଢ଼ାଇ ୧୦ରୁ ୨୦ ଥର ଯାଏ କରନ୍ତୁ। ଏହି କୌଶଳ ଶକ୍ତି ବଢ଼ାଏ, ଚାପ କମାଏ, ଧ୍ୟାନକୁ ଉନ୍ନତ କରେ ଓ ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିଥାଏ। ଏହି ବ୍ୟାୟାମ କରିବା ବେଳେ ମୁଣ୍ଡ ବୁଲାଇପାରେ କିମ୍ବା ହାଲୁକା ମୁଣ୍ଡବିନ୍ଧା ହୋଇପାରେ, ତେଣୁ ଗାଡ଼ି ଚଳାଇବା କିମ୍ବା ପହଁରିବା ସମୟରେ ଏହା କରନ୍ତୁ ନାହିଁ। ଯଦି ହୃଦ୍‌ରୋଗ କି ଶ୍ୱାସ ସମସ୍ୟା ଥାଏ, ତେବେ ପ୍ରଥମେ ବିଶେଷଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରିବା ଜରୁରି।



# ପଖାଳର ଔଷଧୀୟ ଗୁଣ



ପଖାଳର ସଂପର୍କ ଓଡ଼ିଆ ଜାତି ସହ କାହିଁ କେବେଠୁ ଯୋଡ଼ି ହୋଇରହିଛି। ଆମ ପୂର୍ବସୂରୀମାନେ ପଖାଳରୁ ଦହି ପଖାଳ, ଅବଢ଼ା ପଖାଳ, ଚିପୁଡ଼ା ପଖାଳ, ଟଙ୍କ ତୋରାଣି, କାଞ୍ଜି ଓ ଖୁଦପିତା ଭଳି କେତେ କ'ଣ ସୁଆଦିଆ ବ୍ୟଞ୍ଜନ ତିଆରି ଶିଖାଇଛନ୍ତି।

ପଖାଳର ଔଷଧୀୟ ଗୁଣ ଅପରିସୀମ। ଆମ ସାଧାରଣ ଜୀବନରେ 'ବାସି' କହିଦେଲେ ଆମେ ସେ ଖାଦ୍ୟ ପ୍ରତି ନାକ ଟେକୁ, ସ୍ୱାସ୍ଥ୍ୟ ସଚେତନ ହୋଇଯାଉ। ବାସି ଖାଦ୍ୟରେ ବିଷାକ୍ତ ଜୀବାଣୁ ସୃଷ୍ଟି ହେଉଥିବାବେଳେ ବାସି ପଖାଳରେ ଅତି ଉପକାରୀ ବ୍ୟାକ୍‌ଟେରିଆ ସୃଷ୍ଟି ହୁଅନ୍ତି। ପଖାଳ ତୋରାଣିକୁ ଖଟାଳିଆ କରିବାରେ 'ଲାକ୍ଟୋ ବାସିଲସ୍' ନାମକ ଅତି ଉପକାରୀ ବ୍ୟାକ୍‌ଟେରିଆର ଭୂମିକା ଥାଏ। ଏହା ପ୍ରାକୃତିକ ପ୍ରୋବାୟୋଟିକ୍ ଭଳି କାମ କରେ। ଉକ୍ତ ବ୍ୟାକ୍‌ଟେରିଆ ଲାକ୍‌ଟିକ୍ ଏସିଡ୍ ତିଆରି କରି ତୋରାଣିରେ କାଲ୍‌ସିୟମ୍, ପୋଟାସିୟମ୍, ସୋଡିୟମ୍, ଆଇରନ୍‌ର ପରିମାଣ ପ୍ରାୟ ୨୦ ଗୁଣା ବଢ଼ାଇଦିଏ। ପୁଣି ତୋରାଣିରେ ପ୍ରଚୁର ଭିଟାମିନ୍ ବି-୬ ଓ ବି-୧୨ ଥାଏ। ବାସି ପଖାଳ ନିୟମିତ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଏହା ଶରୀରର ଘା'କୁ ଶୀଘ୍ର ଶୁଖାଇବାରେ ବି ସାହାଯ୍ୟ କରେ। ପୁଣି ହଜମ କ୍ରିୟାକୁ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ ଆଳସ୍ୟ ଓ ଥକାପଣ ଦୂର କରିଥାଏ। ବାସି ପଖାଳ ଖାଉଥିବା ବ୍ୟକ୍ତି ଅଂଶୁଘାତରୁ ରକ୍ଷା ପାଇଥାଏ କାରଣ ଏହା ଶରୀରର ତାପମାତ୍ରାକୁ ସନ୍ତୁଳିତ ରଖେ, ତ୍ୱଚାକୁ ଚିକ୍‌କଣ ରଖିବା ସଙ୍ଗେ ସଙ୍ଗେ ଅସ୍ଥି ଓ ମାଂସପେଶୀକୁ ଶକ୍ତ କରିବାରେ ସାହାଯ୍ୟ କରେ। ଆୟୁର୍ବେଦ ବିଶାରଦମାନଙ୍କ ମତରେ ପଖାଳ ତ୍ରି-ଦୋଷ ଯଥା ବାତ, ପିତ୍ତ ଓ କଫର ସନ୍ତୁଳନ ରକ୍ଷା କରେ। ସୁନିଦ୍ରା ପାଇଁ ପଖାଳ ବ୍ରହ୍ମାସ୍ତ୍ର ଭଳି କାର୍ଯ୍ୟକରେ। ତୋରାଣି ପିଇଲେ କୋଷ୍ଠକାଠିନ୍ୟ, ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ, ପେଟବ୍ୟଥା ଦୂର ହୋଇଥାଏ।

**- ସୁଦର୍ଶନ ସାହୁ, ଐତିହ୍ୟ ଗବେଷକ ଓ କଂସା କଳା ସଂଗ୍ରାହକ, ମୋ: ୮୮୯୫୨୯୫୧୬୫**



# ଦ୍ୱିତୀୟ ସର୍ବାଧିକ ମାତୃ ମୃତ୍ୟୁ ଭାରତରେ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ନିକଟରେ 'ଟ୍ରେଣ୍ଡ୍‌ସ ଇନ୍ ମାଟର୍‌ନାଲ୍ ମୋର୍ଟାଲିଟି ୨୦୦୦ ଟୁ ୨୦୨୩' ନାମକ ରିପୋର୍ଟ ପ୍ରକାଶ କରିଛି। ଏହି ରିପୋର୍ଟ ୨୦୦୦ରୁ ୨୦୨୩ ମସିହା ମଧ୍ୟରେ ମାତୃ ମୃତ୍ୟୁର ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିଛି। ଏହି ରିପୋର୍ଟ ଅନୁଯାୟୀ, ୨୦୨୩ରେ ପୃଥିବୀରେ ପ୍ରତି ଦିନ ୭୦୦ ଜଣ ମହିଳା ନିବାରଣଯୋଗ୍ୟ ଗର୍ଭଧାରଣ ଓ ପ୍ରସବକାଳୀନ ଜଟିଳତା ଯୋଗୁଁ ମୃତ୍ୟୁବରଣ କରିଥିଲେ। ସେହି ବର୍ଷ ନାଇଜେରିଆରେ ସର୍ବାଧିକ ୭୫,୦୦୦ ମାତୃ ମୃତ୍ୟୁ ହୋଇଥିଲା। ତା' ପଛକୁ ଭାରତ ଓ କଙ୍ଗୋରେ ୧୯,୦୦୦ ଲେଖାଏଁ ମାତୃ ମୃତ୍ୟୁ ହୋଇଥିଲା। ଅର୍ଥାତ୍, ୨୦୨୩ରେ ଭାରତରେ ଦିନକୁ ୫୨ ମାତୃ ମୃତ୍ୟୁ ପଞ୍ଜୀକୃତ ହୋଇଥିଲା ଏବଂ ପୃଥିବୀର ସମୁଦାୟ ମାତୃ ମୃତ୍ୟୁରେ ଭାରତର ଭାଗ ହେଉଛି ୭.୨%। ୧୧,୦୦୦ ମାତୃ ମୃତ୍ୟୁ ସହିତ ପାକିସ୍ତାନ ତୃତୀୟ ସ୍ଥାନରେ ରହିଛି। ଚିନ୍ତାଜନକ ବିଷୟ ହେଉଛି, ଏହି ଚାରିଟି ଦେଶର ମାତୃ ମୃତ୍ୟୁ ସଂଖ୍ୟା ପୃଥିବୀର ସମୁଦାୟ ମାତୃ ମୃତ୍ୟୁର ପ୍ରାୟ ଅଧା। ଡବ୍ଲ୍ୟୁଏଚ୍‌ଓର ମୁଖ୍ୟ ଡାକ୍ତର ଟେଡ୍ରୋସ୍ ଆଧାନୋମ୍‌ଙ୍କ ମତରେ ନିବାରଣଯୋଗ୍ୟ ମାତୃ ମୃତ୍ୟୁର ଦାରିଦ୍ର୍ୟ ଓ ବୈଷମ୍ୟ ସହିତ ଗଭୀର ସମ୍ପର୍କ ରହିଛି। ପ୍ରାୟ ସମସ୍ତ ମାତୃ ମୃତ୍ୟୁ ନିମ୍ନ ଓ ମଧ୍ୟ ଆୟକାରୀ ଦେଶରେ ହୋଇଥାଏ। ମାତୃ ମୃତ୍ୟୁ ହ୍ରାସ ଦିଗରେ ଅଗ୍ରଗତି ହୋଇଥିଲେ ହେଁ ଅନେକ ମହିଳାଙ୍କ ପାଇଁ ଆଜି ବି ଗର୍ଭଧାରଣ କରିବା ବିପଜ୍ଜନକ। ଏହି ବିପଦର ସମାଧାନ ରହିଛି, କିନ୍ତୁ ସର୍ବାଧିକ ସହାୟତା ଲୋଡୁଥିବା ମହିଳାଙ୍କ ପାଖରେ ତାହା ପହଞ୍ଚିପାରୁନାହିଁ। ଜନସଂଖ୍ୟା ଦୃଷ୍ଟିରୁ ଭାରତ ସହ ସମକକ୍ଷ ଚୀନ ସହିତ ଯଦି ତୁଳନା କରିବା ତେବେ ସମାନ ବର୍ଷରେ ଚୀନରେ ମାତ୍ର ୧,୪୦୦ ମାତୃ ମୃତ୍ୟୁ ହୋଇଥିଲା। ଭାରତରେ ଚୀନ ତୁଳନାରେ ୧୩ ଗୁଣ ଅଧିକ ମାତୃ ମୃତ୍ୟୁ ହେବା ଆମ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ନେଇ ଉଦ୍‌ବେଗଜନକ ପ୍ରଶ୍ନମାନ ଛିଡ଼ା କରୁଛି। ତେବେ ଏହି ରିପୋର୍ଟରୁ ମିଳିଥିବା ଏକ ସକାରାତ୍ମକ ଚିତ୍ର ହେଉଛି ଯେ ୨୦୦୦ ମସିହାରୁ ୨୦୨୩ ମସିହା ମଧ୍ୟରେ ଭାରତରେ ମାତୃ ମୃତ୍ୟୁ ଅନୁପାତ (ଏମ୍‌ଏମ୍‌ଆର୍) ୩୬୨ରୁ ଉଲ୍ଲେଖନୀୟ ଭାବେ ହ୍ରାସ ପାଇ ୮୦ରେ ପହଞ୍ଚିଛି। ସମାନ ଅବଧିରେ ଚୀନର ଏମ୍‌ଏମ୍‌ଆର୍ ୫୬ରୁ ୧୬କୁ ଖସିଆସିଛି। ୨୦୦୦ରୁ ୨୦୨୩ ମଧ୍ୟରେ ବିଶ୍ୱ ସ୍ତରରେ ମାତୃ ମୃତ୍ୟୁ ଅନୁପାତ ୪୦% କମିଛି, କିନ୍ତୁ ୨୦୧୬ ପରଠୁ ଏହି ଅଗ୍ରଗତିର ବେଗ ତୀବ୍ର ଭାବେ ହ୍ରାସ ପାଇଛି।

**ଜନସଂଖ୍ୟା ଦୃଷ୍ଟିରୁ ଭାରତ ସହ ସମକକ୍ଷ ଚୀନ ସହିତ ଯଦି ତୁଳନା କରିବା ତେବେ ୨୦୨୩ ମସିହାରେ ଭାରତରେ ୧୯,୦୦୦ ମାତୃ ମୃତ୍ୟୁ ହୋଇଥିବା ବେଳେ ଚୀନରେ ଏହି ସଂଖ୍ୟା ମାତ୍ର ୧,୪୦୦। ଭାରତର ମାତୃ ମୃତ୍ୟୁ ଅନୁପାତ ୮୦, କିନ୍ତୁ ଚୀନରେ ତାହା ୧୬।**

